ନେହେରୁ ବାଳ ପୁସ୍ତକାଳୟ

ରଷ୍ଟିର ବାହାଦୁରି

ରସ୍କିନ୍ ବଣ୍ଡ୍

ଅନୁବାଦ
ଦାଶ ବେନହୁର

ଚିତ୍ର
ସୁଧାସତ୍ତ୍ୱ ବସୁ

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଏହି ବହିଟି ପ୍ରାକୃତିକ ଭାରସାମ୍ୟ ସହାୟକ ପୁନଃ-ଉତ୍ପାଦିତ କାଗଜରେ ମୁଦ୍ରିତ ।

ISBN-81-237-1814-4

1996 (ଶକାବ୍ଦ 1918)

© ରସ୍କିନ୍ ବଣ୍ଡ୍, 1994

ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1996

The Adventures of Rusty *(Oriya)*

ଟ. **18.00**

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ,
ନୂଆଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

ବିଷୟ-ସୂଚୀ

କେନ୍ କକା

ଜେଜେମା'ଙ୍କ ଅଦ୍ଭୁତ ରୋଷେଇଶାଳ	6
ଜେଜେମା'ଙ୍କ ଆଚାର	12
କେନ୍ କକାଙ୍କ ଦେଇ କିଛି ହେବନି	17
କେନ୍ କକା ଚାକିରି ପାଇଲେ	22
କେନ୍ କକାଙ୍କ ଗାଡ଼ିଚଳା	28
କେନ୍ କକାଙ୍କ କ୍ରିକେଟ ଖେଳ	32

ସ୍କୁଲ ଛାଡ଼ି ଛୁ

ମୋମ୍ବାସା ଯିବା ପାଇଁ ବିରାଟ ଯୋଜନା	38
ଜହ୍ନ ଆଲୁଅରେ ଭେଟ	44
ଢ଼ାବାରେ ଚା'ପିଆ	50
ବାଘ ଓ ବଦଳଗାଡ଼ି	56
ଅଳ୍ପକେ ରକ୍ଷା ମିଳିଲା	62
ଚାନ୍ଦନୀଚୌକରେ ବିରତି	66
ମମତା ସହିତ ସଡ଼କ ଯାତ୍ରା	71
ଜୟପୁର ସେପଟେ ଡକାୟତ ଦଳ	76
ଏଥର ଲୁଗା ଚୋରି	85
ଜାମନଗର	92

କେନ୍ କକା

ଜେଜେମା'ଙ୍କ ଅଦ୍ଭୁତ ରୋଷେଇଶାଳ

ସାଧାରଣ ରୋଷେଇ ଘରଟିଏ । ଶୋଇବାଘର କିମ୍ବା ବୈଠକଘର ଭଳି ଏତେବଡ଼ ନ ହେଲେ ବି ବେଶ୍ ଓସାରିଆ ଥିଲା ଜେଜେମା'ଙ୍କ ରୋଷେଇଘର । ତା'ପାଖକୁ ଲାଗି ଅନ୍ୟାନ୍ୟ ଜିନିଷସବୁ ସାଇତା ହେଇଥିବା ଛୋଟ ଘରଟିଏ ବି ଥିଲା । ଜେଜେମା'ଙ୍କ ରୋଷେଇଘରଟା ଅଦ୍ଭୁତ ଲାଗିବାର କାରଣ ହେଲା, ବଢ଼ିଆ ବଢ଼ିଆ ମଜାଦାର୍ ଖାଇବାଜିନିଷ ମିଳୁଥିଲା ସେଇଠୁ । ଘର ତିଆରି ଚକୋଲେଟ୍-ଫେଣୀ, ବାଦାମ ଖଜା, ଜାତି ଜାତି ଆଚାର, ଗୋଲାପଜାମୁ, ମାଂସଭଜା, ସେଓ-ବିସ୍କୁଟ୍, ମସଲାଦିଆ ଗୋଟାକୁକୁଡ଼ା, ପୁରଦିଆ ବାଇଗଣଭଜା, କଲିଜାଭଜା, ମସଲାମାଂସ, ଏମିତି କେତେ କ'ଣ ।

ଆମ ଜେଜେମା'ଙ୍କ ପରି ଏତେ ବଢ଼ିଆ ରାନ୍ଧୁଣୀ ଆଉ କୋଉଠି ନଥିବେ ବୋଧେ ।

ଆମେ ଯୋଉ ସହରରେ ରହୁଥିଲୁ, ତା'ର ନାଆଁ 'ଡେରାଡୁନ୍' । ସେ ସହରଟି ଏବେ ବି ସେମିତି ସେଠି ଅଛି । ହେଲେ ଭାରତର ସ୍ୱାଧୀନତା ପରେ ତା'ର କାରବାର ବଢ଼ିଯାଇଛି ବହୁତ । ବର୍ତ୍ତମାନ ସହରଟା ବି ବେଶ୍ ବଡ଼ । ସେତେବେଳେ ମୋ ଜେଜେମା'ଙ୍କର ଘରଟା ସହର ବାହାରେ ଥିଲା । ବେଶ୍ ବଡ଼ ଏକମହଲିଆ ଘରଟାଏ । ତା' ଚାରିପଟେ କେତେନା କେତେ ଫଳଗଛ । ଆମ୍ବ, ଲିଚୁ, ପିଜୁଳି, କଦଳୀ, ଅମୃତଭଣ୍ଡା, ଲେମ୍ବୁ ଓ କେତେ କେତେ ପଣସଗଛମାନଙ୍କୁ ମିଶେଇ ନାନା ଗଛରେ ଭରି ରହିଥିଲା ଚାରିପଟ । ଗଛଗୁଡ଼ାକର ଗହଳ ଛାଇ ଘେରିଥାଏ ଘର ଚାରିକଡ଼ର କାନ୍ଥକୁ । ଜେଜେମା କହନ୍ତି-

"ଅସଲି ଘରଟେ ସେଇ
କାନ୍ଥକୁ ଯାହାର,
ଆବୋରି ରଖିଚି
ପୁରୁଣା ଗଛର ଛାଇ ।।"

ଏବେ ବି ମୋର ମନେପଡ଼େ ସେକଥା । ସତକଥା କହିଥିଲେ ଜେଜେମା', ବିଶେଷକରି ମୋ'ଭଳି ଗୋଟେ ନଅ ବରଷର ପେଟୁ ପାଇଁ ଖୁବ୍ ବଢ଼ିଆ ଘରଟିଏ ଥିଲା ସେଇଟା ।

ଜେଜେମା' ଯେମିତି ଖୁବ୍ ବାଗକରି ରାନ୍ଧନ୍ତି, ମୁଁ ବି ସେମିତି ପେଟ ଫଟେଇ ଖାଏ । ମୁଁ ଭାବେ ମୋର ଭାଗ୍ୟ ଭଲ । କାରଣ କୌଣସି ପିଲା କପାଳରେ ଏମିତି ଚମତ୍କାର ରାନ୍ଧୁଣୀ

ପରୀଭଳି ଜେଜେମା'ଟିଏ ମିଳିବ କୋଉଠୁ !

ପ୍ରତିଥର ଶୀତଦିନେ ଛୁଟିହେଲେ ମୁଁ ବୋର୍ଡିଂସ୍କୁଲରୁ ଆସି ତାଙ୍କ ପାଖରେ ଅତିକମ୍‌ରେ ମାସେ ଖଣ୍ଡେ କଟାଏ । ତା'ପରେ ଚାଲିଯାଏ ଆସାମରେ ରହୁଥିବା ମୋ ମାଆ ବାପାଙ୍କ ପାଖକୁ । ବାପା ମୋର ସେଠି ଗୋଟେ ବିରାଟ ଚା' ବଗିଚାରେ ମେନେଜର କାମ କରନ୍ତି । ଚା' ବଗିଚାରେ ବହୁତ ମଜା ହୁଏ । ହେଲେ କ'ଣ ହବ, ମୋ ବାପା ମାଆ ନିଜେ ରନ୍ଧାରନ୍ଧି କରନ୍ତିନି । ସେଥିପାଇଁ ସେମାନେ ପୂଝାରୀ ରଖିଥାଆନ୍ତି । ପୂଝାରୀ ଜଣକ ଅବଶ୍ୟ ଭଲ ମାଁସଝୋଳ କରନ୍ତି, ମାତ୍ର ତାଙ୍କୁ ଆଉ ସେମିତି କିଛି ଭଲ ରୋଷେଇ କରି ଆସେନା । ରାତିରେ ଖାଇବାପାଇଁ ମତେ ମାଁସଝୋଳଟା କେମତି ଟିକେ ବିରକ୍ତିଆ ଲାଗେ । ତା' ଉପରେ ମୋର ତ ରକମ ରକମର ଜିନିଷ ଖାଇବାକୁ ମନ । ତେଣୁ ଛୁଟିହେବା ମାତ୍ରେ ଜେଜେମା'ଙ୍କ ପାଖକୁ ଯାଇ ସେଇଠି ଅଧାସମୟ ରହିଯିବାକୁ ମତେ ବହୁତ ଭଲ ଲାଗେ ।

ସିଏ ବି ମତେ ଦେଖି ଖୁସିରେ କୁରୁଳି ଉଠନ୍ତି । ଅଧିକାଂଶ ସମୟ ସେ ଏକା ରହନ୍ତି ସେଇଠି । ଅବଶ୍ୟ ପୂରାପୂରି ଏକା ନୁହେଁ, କାରଣ ସେଠି 'କାନ୍ତ' ବୋଲି ଜଣେ ମାଳି ଥାଏ । ସେ ବାହାର ଘରେ ରହେ । ମାଳିଟିର ପୁଅ ନାଆଁ 'ମୋହନ', ମୋରି ବୟସର । ଜେଜେମା'ଙ୍କର ବି 'ସୁଜି' ବୋଲି ପୁଷି ବିଲେଇଟିଏ ଥାଏ । ଭାରୀ ଚକ୍ ଚକ୍ ନୀଳରଙ୍ଗ ତା'ର ଆଖି । ଆଉ ଥାଏ ଗୋଟେ ଦେଶୀ କୁକୁର । ତା' ନାଆଁ 'ପାଗଳା' । କାରଣ ସେ ବିନାକାମରେ ଦିନସାରା ଖାଲି ଘର ଚାରିପଟେ ଚକ୍କର ମାରୁଥାଏ ।

ହଁ, ଆଉ ଜଣେ ଥିଲେ ସେଠି । ସିଏ ହଉଛନ୍ତି 'କେନ୍ କକା' । ଆମ ଜେଜେମା'ଙ୍କର କ'ଣ ପୁତୁରା ହୁଅନ୍ତି । ଯେତେବେଳେ ତାଙ୍କର ଚାକିରି ଚାଲିଯାଏ (ମଝିରେ ମଝିରେ ସେମିତି ଘଟେ) କିମ୍ବା ଜେଜେମା'ଙ୍କ ରାନ୍ଧଣା ଖାଇବାକୁ ତାଙ୍କର ଇଚ୍ଛାହୁଏ, ସେ ଆସି ପହଞ୍ଚିଯାଆନ୍ତି ସେଇଠି ।

ତେଣୁ ଜେଜେମା' ପ୍ରକୃତରେ ଏକା ନଥିଲେ । ଯାହା ବି ହଉ, ମତେ ଦେଖିଲେ ସେ ଖୁସି ହେଇଯାଆନ୍ତି । ସିଏ କହନ୍ତି, ନିଜ ଅପେକ୍ଷା ଅନ୍ୟକୁ ରାନ୍ଧି ଖୁଆଇବାରେ ତାଙ୍କର ବଡ଼ ଆନନ୍ଦ । କେନ୍ କକାଙ୍କଠାରୁ ଆରମ୍ଭ କରି କୁକୁର ବିଲେଇଯାଏ ତାଙ୍କ ରାନ୍ଧଣା ଯେ ପସନ୍ଦ ନ କରନ୍ତି ତା' ନୁହେଁ; ହେଲେ ଜଣେ ଭଲ ରାନ୍ଧୁଣିଆ ସବୁବେଳେ ପିଲାମାନଙ୍କୁ ଖୁଆଇବାରେ ଆନନ୍ଦପାଏ । କାରଣ ପିଲାମାନେ ଖିଆପିଆରେ କେବଳ ସାହସୀ ନୁହନ୍ତି, ତାଙ୍କୁ ଯେତେବେଳେ ଯେ କୌଣସି ଖାଦ୍ୟ ଦେଲେ ବି ସେମାନେ ଚାଖିବାକୁ ପ୍ରସ୍ତୁତ ।

ଜେଜେମା' ଯେତେବେଳେ ବି କିଛି ନୂଆ ରାନ୍ଧଣା ରାନ୍ଧନ୍ତି, ପହିଲେ ମତେ ସେଥିରୁ କିଛି ଖାଇବାକୁ ଦେଇ ମୋର ମତାମତକୁ ଅପେକ୍ଷା କରନ୍ତି । ତା'ପରେ ଯାଇ ସେଇ ରାନ୍ଧଣାର ଭାଗମାପକୁ ଗୋଟେ ଟିପାଖାତାରେ ଟିପି ରଖନ୍ତି । ଅନ୍ୟମାନଙ୍କୁ ସେଇ ଜିନିଷ ରାନ୍ଧି ଖୁଆଇଲାବେଳେ ଟିପାଖାତାଟା ବଡ଼ ଦରକାରରେ ଆସେ ତାଙ୍କର ।

ନୂଆ ରନ୍ଧା ହେଇଥିବା ଜିନିଷରୁ ଟିକେ ପାଟିରେ ପୂରଉ ପୂରଉ ସିଏ ମତେ ପଚାରନ୍ତି, "କ'ଣ ତତେ ଭଲ ଲାଗୁଚିଟି?"

ମୁଁ କହେ, "ହଁ, ଜେଜେମା ।"
ଜେଜେମା' ପୁଣି ପଚାରନ୍ତି-"କଣ ବହୁତ ଭଲ ?"
"ହଁ ଜେଜି ।"
"ଅତି ବେଶି ମିଠା ନୁହଁ ତ ?"
"ନାଇଁ ଜେଜି ।"
"ଆଉ ଟିକେ ତତେ ଦେବି ?"
"ହଁ ଜେଜି, ଦିଅ !"
"ବେଶ୍, ଜଲ୍‌ଦି ଖାଇଦେ ।"
ଟାକରା ଫୁଟେଇ - "ଉଁ..."

ବତକ ମାଁସର ତନ୍ଦୁରୀ ।
ଏ ଜିନିଷଟି ଜେଜେମା'ଙ୍କର ଗୋଟିଏ ବିଶେଷ ରାନ୍ଧଣା ।
ଯୋଉଦିନ ପ୍ରଥମ କରି ଜେଜେମା'ଙ୍କ ଘରେ ବତକମାଁସର ତନ୍ଦୁରୀ ରନ୍ଧା ହେଇଥିଲା, ସେଦିନ କେନ୍ କକା ବି ସେଠି ଥିଲେ ।

ରେଳବାଇର ଗାର୍ଡ ଚାକିରିରୁ ସେ ସଦ୍ୟ ତଡ଼ା ଖାଇଥାନ୍ତି । ତେଣୁ ଆଉଗୋଟେ ଚାକିରି ମିଳିବା ଯାଏଁ ଜେଜେମା'ଙ୍କ ପାଖରେ ରହିବାକୁ ଆସିଥାଆନ୍ତି । ଥରେ ଆସିଲେ ବହୁତ ଦିନଯାଏଁ ସେ ରହିଯାଆନ୍ତି ସେଠି । ଜେଜେମା' ତାଙ୍କ ପାଇଁ ପାଦ୍ରୀ ଦାସଙ୍କ ଏକାଡେମୀରେ ସହକାରୀ ଶିକ୍ଷକ ଚାକିରି ଖୋଜିଦେବା ପରେ ଯାଇ ସେ ସେଠାରୁ ଗଲେ । କେନ୍ କକା ଛୋଟପିଲାଙ୍କୁ ମୋଟେ ଭଲପାଆନ୍ତିନି । ସିଏ କହନ୍ତି, ଛୋଟପିଲାଙ୍କ ମେଳରେ ତାଙ୍କୁ କେମିତି ଅସ୍‌କତିଆ ଲାଗେ । ମତେ ଦେଖିଲେ ବି ତାଙ୍କୁ କୁଆଡ଼େ ସେମିତି ଲାଗେ । ହେଲେ ମୁଁ ତ ମାତ୍ର ଜଣେ, ସେଥିରେ ପୁଣି ଜେଜେମା' ଅଛନ୍ତି । ତେଣୁ କେନ୍ କକା ହଇରାଣ ହବାର ସମ୍ଭାବନା କମ୍ । ପାଦ୍ରୀ ଦାସଙ୍କ ସ୍କୁଲରେ ଛୋଟ ବଡ଼ ହେଇ ପ୍ରାୟ ଶହେରୁ ଅଧିକ ପିଲା ।

କେନ୍ କକା ଖାଇବା ପିଇବାରେ ମୋ ଭଳି ପେଟୁ ହେଲେ ବି ଖାଇଲାବେଳେ ଜେଜେମା'ଙ୍କ ରାନ୍ଧଣାକୁ କେବେ ପ୍ରଶଂସା କରନ୍ତିନି । ମୁଁ ଭାବେ, ସେଥିପାଇଁ ମତେ ତାଙ୍କୁ ଦେଖିଲେ ଚିଡ଼ିମାଡ଼େ । ତେଣୁ ତାଙ୍କୁ ହଇରାଣ ହରକତ କରିବାକୁ ମତେ ଭଲଲାଗେ ।

ମୋ ଜେଜେମା'ଙ୍କ ନାଁ 'ମେ' । ସେଦିନ କେନ୍ କକା କହିଲେ-"ଆଜି ତା'ହେଲେ ପୁଣି ବତକମାଁସ ସେକା କରିଚ ମେ' ଖୁଡ଼ୀ ?"

ଜେଜେମା' କହିଲେ, "ପୁଣି ସେଇ ବତକମାଁସ କ'ଣ ? ଆସିଥିଲୁ, ବତକ ମାଁସ ହେଇଥିଲା, ସେଇଦିନୁ ତ ଆଉ ତୁ ବତକମାଁସ ଖାଇନୁ !

କେନ୍ କକା କହିଲେ-"ସେଇକଥା ତ ମୁଁ କହୁଚି । ତମେ ସିନା ଖୁଡ଼ୀ ଆହୁରି ଆହୁରି ବଢ଼ିଆ ଡିଜମାନ କରନ୍ତ !"

ଅଥଚ ଖାଇବାକୁ ବଢ଼ାହେଲାବେଳେ ବେଶିଭାଗ ମାଁସ ସେ ନେଇ ଖାଇଲେ । ମୋ

ବେଳକୁ ଅଳପ ଟିକିଏ ଥାଏ । ମୁଁ ବି ମୋ ବାଟରେ ତାଙ୍କ ଉପରେ ଦାଉ ସାଧିଲି । ସିଧାସଳଖ ସେଓ ସସତକ ମୋ ଥାଳିରେ ଆଣି ଅଜାଡ଼ିଦେଲି । କେନ୍ କକା ଜାଣନ୍ତି, ମତେ ମାଁସପେଟା ବହୁତ ଭଲଲାଗେ । ମୁଁ ବି ଜାଣେ, ଜେଜେମା'ଙ୍କ ହାତ ତିଆରି ସେଓ ସସ ଖାଇବାକୁ ସେ ପାଗଳ । ତେଣୁ ସେ ଯେମିତି ମତେ ହଇରାଣ କଲେ, ମୁଁ ବି ତାଙ୍କୁ ସେମିତି ହଇରାଣ କଲି । କଥାଟା ସମାନ ହେଇଗଲା ।

ମୁରବ୍ବା ଖାଉ ଖାଉ ସେ ମତେ କହିଲେ-"ତୁ ତୋ ବାପାମାଆଙ୍କ ପାଖକୁ କେବେ ଯାଉଚୁ ଏଠୁ?"

ମୁଁ ଉତ୍ତର ଦେଲି-"ଏ ବର୍ଷ ମୁଁ ମୋଟେ ଯାଇ ନପାରେ ? ଆଛା କକା, ତମର ଆଉଗୋଟେ ନୂଆ ଚାକିରି କେବେ ହଉଚି ?" ମୁଁ ପଚାରିଲି ।

ସିଏ କହିଲେ-"ନାଇଁମ, ମୁଁ ଭାବୁଚି ମାସେ ଦୁଇମାସ ଏଠି ରହି ଟିକିଏ ବିଶ୍ରାମ କରିବି ।"

ଜେଜେମା' ଆଉ ତାଙ୍କ କାମବାଲିକୁ ଧୁଆଧୋଇରେ ସାହାଯ୍ୟ କଲାବେଳେ ମତେ ବହୁତ ମଜାଲାଗେ । ଆମେ ଇଆଡ଼େ କାମ କରୁଥିବୁ, ଅଥଚ କେନ୍‌କକା ତେଣେ ବାରଣ୍ଡାରେ ନିଘୋଡ଼ ନିଦରେ ଶୋଇଥିବେ କି ନହେଲେ ରେଡ଼ିଓ ଖୋଲି ସଙ୍ଗୀତ ଶୁଣୁଥିବେ ।

ଦିନେ ଜେଜେମା' କେନ୍ କକାଙ୍କ ଥାଳିରୁ ଅଇଁଠା ହାଡ଼ସବୁ କୁକୁରର ଖାଇବାବେଲାରେ ଅଜାଡୁ ଅଜାଡୁ ମତେ ପଚାରିଲେ, "ଆଉ, କେନ୍ କକା ତତେ କେମିତି ଲାଗନ୍ତି?"

ମୁଁ କହିଲି-"ସିଏ ଆଉ କାହାର ହେଲେ କକା ହେଇଥାନ୍ତେ କି !"

ଜେଜେମା' ମତେ ବୁଝେଇଲେ-"ନାଇଁରେ, ସିଏ ସେତେ ଖରାପ ଲୋକ ନୁହଁ । ଟିକିଏ ଅବାଗିଆ କେବଳ ।"

"ଅବାଗିଆ ଅର୍ଥ କ'ଣ ?" ମୁଁ ପଚାରିଲି ।

"ଓ -- ଏଇମ ଟିକିଏ ଆଡ଼ପାଗଳା", ଜେଜି କହିଲେ ।

ମୁଁ ସଙ୍ଗେ ସଙ୍ଗେ ଉତ୍ତର ଦେଲି-"ଆମ କୁକୁର ପାଗଳା ତ ହେଲେ ଘର ଚାରିପଟେ ବୁଲୁଚି, ମାତ୍ର କେନ୍ କକା ତ କେବେ ଦଉଡ଼ିବାର ବି ମୁଁ ଦେଖିନି ।"

କିନ୍ତୁ ମୁଁ ଦିନେ ସତକୁ ସତ ଦେଖିଲି, କେନ୍ କକା ଦଉଡୁଛନ୍ତି । ଆମ୍ବଗଛ ଛାଇରେ ମୋହନ ଆଉ ମୁଁ ସେଦିନ ଗୋଲି ଖେଳୁଥିଲୁ । ଏତିକିବେଳେ ଆମେ ଦେଖିଲୁ କେନ୍‌କକା ଘର ଚାରିପଟେ ଦଉଡ଼ିବାରେ ଲାଗିଛନ୍ତି । ତାଙ୍କୁ ଗୋଡ଼େଇଛନ୍ତି ଦଳେ ମହୁମାଛି । କଥା କ'ଣନା ସେ ଗୋଟେ ଶିମିଳୀ ଗଛ ତଳେ ଠିଆହେଇ ସିଗାରେଟ ଟାଣୁଥିଲେ । ସିଗାରେଟ ଧୂଆଁ ଉପରକୁ ଉଠି ସେଇଗଛର ଡାଳରେ ଫେଣା ବାନ୍ଧିଥିବା ମହୁମାଛିଙ୍କୁ ହୁରୁଡ଼େଇ ଦେଇଚି । ତେଣୁ ତାଙ୍କର ଏ ଦଶା । ସେ ପ୍ରାଣବିକଳରେ ଘର ଭିତରକୁ ଦଉଡ଼ିଯାଇ ଥଣ୍ଡାପାଣି କୁଣ୍ଡ ଭିତରେ ପଶିଗଲେ । ଗୋଟାକେତେ ମହୁମାଛି ତାଙ୍କ ଦେହରେ ନାହୁଡ଼ ମାରିଥିଲେ । ସେତିକିରେ ସେ ଶେଯରେ ପଡ଼ିରହିଲେ ତିନିଦିନକାଳ । ଜେଜେମା'ଙ୍କ କାମବାଲି ତାଙ୍କ ଶେଯ ପାଖରେ ନେଇ ଖାଇବା ଦେଇ ଆସେ ।

ସେଦିନ ଉପରବେଳା ମୁଁ ଜେଜେମା'ଙ୍କୁ କହିଲି-"ସତରେମ ! କେନ୍ କକା ଏତେ ଜୋରରେ ଦଉଡ଼ିପାରନ୍ତି ବୋଲି ମୁଁ ଜାଣିନଥିଲି ।"

ଜେଜେମା' କହିଲେ, "ସିଏ ହଉଚି ପ୍ରକୃତିର ନିୟମ ।"

ମୁଁ ପଚାରିଲି -"କ'ଣ ସେ ନିୟମ ?"

"ଏଇ-ମାନେ, ଅସୁବିଧାରୁ ରକ୍ଷା ପାଇବାର ସ୍ୱାଭାବିକ ବାଟ ।" ବୁଝାଇଲେ ସେ ।

ସେ ଯାହାହେଉ, ଏତେ ଦିନକେ ତା'ହେଲେ କେନ୍ କକା ଜାଣି ଯାଇଥିବେ ଯେ, ସେ ବି ଦଉଡ଼ି ପାରନ୍ତି । ସତରେ ବଢ଼ିଆ ମଜାକଥା । ନୁହେଁ ?

ଜେଜେମା'ଙ୍କ ଆଚାର

ଯେତେବେଳେ ବି ଜେଜେମା' ଘରେ ମିଠେଇ ତିଆରି କରନ୍ତି, ସେ ମୋ ହାତରେ ସେଥିରୁ କିଛି ଆମ ମାଳିର ପୁଅ ମୋହନ ପାଇଁ ପଠେଇ ଦିଅନ୍ତି ।

ମୋହନ ଘରକୁ ବତକମାଂସ ସେକା କି କୁକୁଡ଼ା ମାଂସ ତରକାରୀ ନେଇଯିବା ଦରକାର ପଡ଼େନା, କାରଣ ସେମାନେ କେହି ଆମିଷ ଖାଆନ୍ତି ନାହିଁ । କିନ୍ତୁ ମୋହନକୁ ମିଠା ବହୁତ ଭଲଲାଗେ । ଗୋଲାପଜାମୁ, ରସଗୋଲା, ଜିଲାପି ଆଦି କ୍ଷୀର ଓ ଚିନିରେ ତିଆରି ମିଠାରୁ ଆରମ୍ଭ କରି ଜେଜେମା'ଙ୍କର ଘର ତିଆରି ବିଲାତି ମିଠା ପର୍ଯ୍ୟନ୍ତ ସବୁଥିରେ ତା'ର ପସନ୍ଦ ।

ଆମେ ଦୁଇ ଜଣ ଅନେକ ସମୟରେ ମିଠେଇ, ପିପରମିଣ୍ଟ ଆଉ ଖଜା ଆଦି ନେଇ ପଣସଗଛ ଡାଳରେ ଚଢ଼ୁ ଏବଂ ଖାଉ । ମାତ୍ର ପଣସ କଷାରେ ତୋଳାହେଇ ତରକାରୀ କିମ୍ବା ଆଚାର ନହେଲେ ଆମେ ତାକୁ ଖାଇପାରୁନା । ପଣସ ଗଛରେ ଚଢ଼ିବାକୁ କିନ୍ତୁ ଚମତ୍କାର ଲାଗେ । ତା' ଦେହରେ ଗୁଣ୍ଡୁଚିମୂଷା, ବାଦୁଡି ଆଉ ଶୁଆ ଭଳି ବିଚିତ୍ର ପ୍ରାଣୀମାନେ ମଧ୍ୟ ଘର କରି ରହନ୍ତି । ଧୀରେ ଧୀରେ ଗୁଣ୍ଡୁଚିମୂଷାଗୁଡାକ ଆମ ସାଙ୍ଗରେ ମିଶାଣିଆ ହେଇଗଲେ, ଏପରିକି ଆମ ହାତରୁ ବି ଜିନିଷ ନେଇ ଖାଇଲେ । ଜେଜେମା'ଙ୍କ ଚକୋଲେଟ୍ ମିଠେଇ ସେମାନଙ୍କୁ ବଢ଼ିଆ ଲାଗେ । ଗୋଟେ କୁନି ଗୁଣ୍ଡୁଚିମୂଷା ମୋ ସାଙ୍ଗରେ ଏତେ ମିଶିଗଲା ଯେ, ମୋ ପକେଟରେ ପଶି କ'ଣ ଖାଇବା ଜିନିଷ ରଖିଚି କି ନାଇଁ ବୋଲି ବି ଦରାଣ୍ଡିଲା ।

ମୁଁ ଆଉ ମୋହନ, ଆମ ବଗିଚାର ପ୍ରାୟ ସବୁ ଗଛରେ ଚଢ଼ି ପାରୁଥିଲୁ । ଜେଜେମା' ଯେତେବେଳେ ଆମକୁ ଖୋଜନ୍ତି, ସେ ସାମ୍ନାପଟ ବାରଣ୍ଡାର, ଏକଣାରେ ଥିବା ଷ୍ଟୋରଘର କି ନହେଲେ ଘର ସେପଟେ ଥିବା ତାଙ୍କ ଗାଧୁଆଘର ଝରକାରୁ ଡ଼ାକ ଛାଡ଼ନ୍ତି । ଘର ଚାରିକଡ଼ ସାରା ତ ଗଛ । ତେଣୁ ଗଛ ଉପରୁ ଥାଇ ଆମେ ସ୍ୱର କରି ତାଙ୍କୁ ନ ଜଣେଇବା ଯାଏଁ ସେ ଜାଣିପାରନ୍ତିନି ଯେ ଆମେ କୋଉ ଗଛରେ ଅଛୁ । ଥରେ ଥରେ ଆମ କୁକୁର 'ପାଗଳା' ଗଛତଳୁ ଭୁକି ଆମକୁ ଧରାପକେଇ ଦିଏ ।

ଫଳ ତୋଳିବା ଦରକାର ହେଲେ ମୋହନ ଗଛ ଚଢ଼ି ଫଳ ତୋଳିଦିଏ । ଆମ୍ବ ଆଉ ଲିଚୁ ଖରାଦିନେ ଫଳନ୍ତି । ସେତେବେଳେ ମୁଁ ବୋର୍ଡିଂ ସ୍କୁଲରେ ଥାଏ । ତେଣୁ ସେସବୁ ଫଳ ତୋଳାରେ ମୁଁ ସାହାଯ୍ୟ କରିପାରେନା । ଅମୃତଭଣ୍ଡା କିନ୍ତୁ ବିଶେଷ କରି ଶୀତଦିନେ ଫଳେ । ମାତ୍ର

ଅମୃତଭଣ୍ଡା ତ ଗଛରେ ଚଢ଼ି ତୋଳାଯାଏନା । ସେ ଗଛସବୁ ପତଳା ଆଉ ନହକା । ତେଣୁ ଗୋଟେ ବଡ଼ ବାଉଁଶ ଧରି ଅମୃତଭଣ୍ଡାକୁ ଛିଣ୍ଡେଇବାକୁ ପଡେ ଏବଂ ତଳେ ପଡ଼ିବା ଆଗରୁ ହାତ ଦେଖେଇ ଧରିବାକୁ ହୁଏ ।

ଜେଜେମା' ଆଚାର କଲାବେଳେ ବି ମୋହନ ତାଙ୍କୁ ସାହାଯ୍ୟ କରେ ।

ଆଚାର ତିଆରି କରିବାରେ ଜେଜେମା' ବେଶ୍ ବିଖ୍ୟାତ ଥିଲେ । ତେଲଦିଆ କଞ୍ଚା ଆମ୍ବର ଆଚାର ତାଙ୍କ ହାତରେ ସବୁଠାରୁ ଭଲ ହୁଏ । ସେଇଭଳି ଲେମ୍ବୁର ରାଗ ଆଚାର ବି କିଛି କମ୍ ନୁହେଁ । ଓଲକୋବି, ଗାଜର, ଫୁଲକୋବି, ଲଙ୍କା ଓ ଅନ୍ୟାନ୍ୟ ଫଳ ଏବଂ ପନିପରିବାରେ ବି ସେ ବଢ଼ିଆ ଆଚାର ତିଆରି କରିପାରୁଥିଲେ । ପୋଇତାଙ୍କରୁ ଆରମ୍ଭ କରି ପଣସଯାଏଁ କୋଉଥିରେ ଯେ ସେ ଆଚାର ବନେଇ ନ ପାରିବେ ଏମିତି ନୁହେଁ । କେନ୍ କକାଙ୍କୁ ଆଚାର ଭଲଲାଗେନା, ତେଣୁ ମୁଁ ଜେଜେମା'ଙ୍କ ସାଙ୍ଗରେ ସବୁବେଳେ ଲାଗିଥାଏ ଆଚାରପାଇଁ ।

ମୋର ମିଠା ଚଟଣୀ ଓ ସସ ଭାରୀ ପସନ୍ଦ । ଏମିତିରେ ମୁଁ ରାଗ ଆଚାରଠାରୁ ଆରମ୍ଭ କରି ସବୁ ଆଚାର ମଜାରେ ଖାଏ ।

ଥରେ ଶୀତଦିନେ ଜେଜେମା'ଙ୍କ ପାଖରେ ବେଶି ପଇସା ନଥିଲା । ତେଣୁ ମୁଁ ଓ ମୋହନ ଦୁଆର ଦୁଆର ବୁଲି ଆଚାର ବିକି ତାଙ୍କ ପାଇଁ ପଇସା ଆଣିଥିଲୁ ।

ଜେଜେମା'ଙ୍କ ଘରେ ସିନା ଏତେ ଲୋକ ଓ ପଶୁପକ୍ଷୀ ଖାଆନ୍ତି, ହେଲେ ସେ ମୋଟେ ଧନୀ ନଥିଲେ । ସେ ଯେଉଁ ଘରଟିରେ ଥିଲେ, ସେଇଟି ଜେଜେବାପାଙ୍କ ଠାରୁ ତାଙ୍କୁ ମିଳିଥିଲା । ବ୍ୟାଙ୍କରେ ବି ସେମିତି କିଛି ପଇସା ନଥିଲା ତାଙ୍କର । ଫି ବରଷ ଆମ୍ବ ଫସଲରୁ ବେଶ୍ ଦି ପଇସା ସେ ପାଇଯାଆନ୍ତି । ତା' ସାଙ୍ଗକୁ ରେଳବିଭାଗରୁ ସାମାନ୍ୟ ପେନ୍‌ସନ ବି ମିଳେ । (ଗତ ଶତାବ୍ଦୀ ଶେଷ ଭାଗରେ ଡେରାଡୁନ୍‌କୁ ରେଳଲାଇନ ଅଣେଇବାରେ ଆମ ଜେଜେବାପା ଜଣେ ମୁଖିଆ ଲୋକ ଥିଲେ ।) ଯା'ଛଡ଼ା ଜେଜେମା'ଙ୍କର ଆଉ କିଛି ଆୟ ନଥିଲା । ଆଜି ମୋର ମନେ ପଡୁଛି, ସେତେବେଳେ ଆମେ ଯେଉଁ ବଢ଼ିଆ ଖାନା ଖାଉଥିଲୁ, ସେଥିରେ ମାତ୍ର ଗୋଟେ ତରକାରୀ ଓ ଖାଇବା ଶେଷରେ କିଛି ମିଠା ଜିନିଷ ଥିଲା । ମୂଳକଥା ହେଲା; ଜେଜେମା'ଙ୍କ ରୋଷେଇର ବାଗଯୋଗୁଁ ପ୍ରତିଦିନର ମାମୁଲି ଖାଦ୍ୟକୁ ମଧ୍ୟ ଆମେ ଭୋଜି ଖାଇଲା ଭଳି ଆନନ୍ଦରେ ଖାଉଥିଲୁ ।

ଜେଜେମା'ଙ୍କ ଲାଗି ଆଚାର ବିକିବାକୁ ଗଲାବେଳେ ମତେ ମୋଟେ ଖରାପ ଲାଗିନଥିଲା । ଓଲଟି ମଜା ଲାଗିଥିଲା । ଗୋଟେ ଟୋକେଇରେ ଆଚାର ବୋତଲ ଭରିକରି ମୋହନ ଓ ମୁଁ ଆମ ଇଲାକାରେ ବିକିବାକୁ ବାହାରି ପଡ଼ିଥିଲୁ ।

ଆମର ପ୍ରଥମ ଗରାଖ ହେଇଥିଲେ ରାସ୍ତା ଆରପଟେ ରହୁଥିବା ମେଜର କ୍ଲାର୍କ । ତାଙ୍କର ମୁଣ୍ଡର ବାଳ ନାଲି, ନୀଳ ଆଖି ଦୁଇଟା ଭାରୀ ଚକ୍‌ଚକ୍ ଆଉ ଏମିତିରେ ବଡ଼ ମଜାଳିଆ ଲୋକ ସେ ।

ମତେ ଦେଖୁ ଦେଖୁ ପଚାରିଲେ-"ରଷ୍ଟି ? ସେ ଟୋକେଇରେ କ'ଣ ଧରିଚୁ କିରେ ?"

ମୁଁ କହିଲି- "ଆଚାର" ।

"ମାନେ, ତୁ' କ'ଣ ଆଚାର ତିଆରି କରିଚୁ ?"

ମୁଁ ପୁଣି ଉତ୍ତର ଦେଲି- "ନାଇଁ ଆଜ୍ଞା, ଏ ଆଚାର ସବୁ ମୋ' ଜେଜେମା' ବନେଇଚନ୍ତି । ଆମେ ସେସବୁ ବିକିବାକୁ ବାହାରିଚୁ । ସେଇ ପଇସାରେ ଖ୍ରୀଷ୍ଟମାସ ଭୋଜିପାଇଁ ଗୋଟେ ଟର୍କି କିଣା ହେବ ।"

"ଆରେ ବାଃ, ଶ୍ରୀମତୀ ବଣ୍ଟ୍ (ମୋ ଜେଜେମା'ଙ୍କ ନାଆଁ ଶ୍ରୀମତୀ ମେ' ବଣ୍ଟ)ଙ୍କ ଆଚାର ।" ଖୁସିହୋଇ କହିଲେ ମେଜର କ୍ଲାର୍କ । "ଯା' ହଉ ତମେ ଦୁଇଜଣ ବିକିବାକୁ ବାହାରିଲାବେଳେ ମୋ ଘରଟା ଆଗ ପଡ଼ିଲା । ମୁଁ ଜାଣେ, ତମ ଟୋକେଇଯାକ ଆଚାର ଖୁବ୍ ଶୀଘ୍ର ବିକ୍ରୀ ହେଇଯିବ ଆଜି । ବୁଝିଲୁ ରଷ୍ଟି, ତୋ' ଜେଜେମା'ଙ୍କ ପରି ଏତେ ବଢ଼ିଆ ଆଚାର କେହି ତିଆରି କରିପାରିବେନି । ମୁଁ ଆଗରୁ କହିଚି, ଏବଂ ଆଜି ପୁଣିଥରେ କହି ଦଉଚି । ଆଜିକାଲି ଭଲ ରୋଷେଇବାସ ଜାଣିଥିବା ଲୋକଙ୍କର ଘୋର ଅଭାବକାଳରେ, ତୋ' ଜେଜେମା' ଭଗବାନଙ୍କର ଏକ ଆଶୀର୍ବାଦ କହିଲେ ଚଳେ । ମୋ ସ୍ତ୍ରୀ ଘରେ ନାହାନ୍ତି । ତେଣୁ ମୁଁ ଟିକିଏ ଏମିତି ଖୋଲାଖୋଲି କଥା ହେଇପାରୁଚି ଏଇଲେ, ବୁଝୁଚୁ ତ ? ଆଚ୍ଛା କ'ଣ ଆଚାର ଆଣିଚୁ ଦେଖି ? ଗୋଟା-ଲଙ୍କା ଆଚାର ଅଛିଟି ? ମତେ ସେ ଆଚାରଟା ଭଲଲାଗେ ବୋଲି ତୋ' ଜେଜେମା' ଜାଣନ୍ତି । ଯଦି ଗୋଟା-ଲଙ୍କା ଆଚାର ତୋ ଟୋକେଇରେ ନଥିବ ନା, ସତରେ ମୋତେ ବଡ଼ ବାଧିବ ।"

ସତକୁ ସତ ଟୋକେଇରେ ତିନି ବୋତଲ ଲାଲ ଲାଲ ଗୋଟା-ଲଙ୍କା ଆଚାର ଭରିହୋଇ ରହିଥିଲା । ମେଜର କ୍ଲାର୍କ ତିନିଟାଯାକ କିଣି ନେଇଗଲେ ।

ତା'ପରେ ଆମେ ମିସ୍ କେଲନରଙ୍କ ଘରେ ଯାଇ ପହଞ୍ଚିଲୁ । ସେ ରାଗ ଜିନିଷ ଖାଆନ୍ତି ନାଇଁ, ତେଣୁ ତାଙ୍କୁ ଆଚାର ବିକିବା ପ୍ରଶ୍ନ ହିଁ ଉଠିଲାନି । ତଥାପି ସେ ସିରକା ପାଗହେଇଥିବା ଅଦା କିଛି କିଣିଲେ । ବହୁତ ଭଲ ମଣିଷ ସେ ! ଆସିଲାବେଳେ ମତେ ଗୋଟିଏ ପ୍ରାର୍ଥନା ବହି ଦେଲେ । ଆଗରୁ ମୁଁ ଯେତେବେଳେ ତାଙ୍କ ଘରକୁ ଯାଇଛି, ସେ ମତେ ଗୋଟିଏ ପ୍ରାର୍ଥନା ବହି ଦିଅନ୍ତି । ମାତ୍ର ସବୁବେଳେ ସେଇ ଗୋଟିଏ ପ୍ରାର୍ଥନା ବହି ।

ରାସ୍ତାର ତଳଆଡ଼କୁ ଗଡ଼ିଗଲେ ଡାକ୍ତର ଦତ୍ତଙ୍କ ଘର । ସେ ଡାକ୍ତରଖାନାରେ କାମ କରନ୍ତି । କେତେଗୁଡ଼ିଏ ଲେମ୍ବୁ ଆଚାର ବୋତଲ ସେ କିଣିଲେ ଏବଂ କିଣିଲାବେଳେ କହିଲେ- "ଏଗୁଡ଼ିକ ମୋର ଲିଭର ପାଇଁ ଉପକାରୀ ।" ଆଉଜଣେ ହେଲେ ହରିବାବୁ । ସେ ଗ୍ୟାରେଜ୍ ମାଲିକ । ନୂଆ ନୂଆ କାର ସବୁ ଆଣି ସେ ବିକନ୍ତି । ସେ ଦୁଇ ବୋତଲ ପିଆଜ ଆଚାର କିଣିଲେ, ପୁଣି ଆମକୁ କହିଲେ ଯେ, ଆରମାସକୁ ଆହୁରି ଦୁଇଟା ବୋତଲ ଆଣିଲେ ସେ କିଣିବେ ।

ଆମେ ଫେରି ଘରେ ପହଞ୍ଚିଲା ବେଳକୁ ଟୋକେଇ ଖାଲି । ଆଉ ଜେଜେମା' କୋଡ଼ିଏରୁ ତିରିଶଟଙ୍କା ଯାଏଁ ପାଇଗଲେ । ସେକାଳରେ ଗୋଟେ 'ଟର୍କି' କିଣିବା ପାଇଁ ସେତକ ଯଥେଷ୍ଟ ।

ସେଥର କେନ୍ କକା ଖ୍ରୀଷ୍ଟମାସର ସାରା ସମୟ ଜେଜେମା'ଙ୍କ ଘରେ ରହିଲେ ଓ ବଡ଼ କୁକୁଡ଼ାର ବେଶିଭାଗ ସେଇ ଖାଇଲେ ।

ଶେଷକୁ ଦିନେ ଜେଜେମା' କେନ୍ କକାଙ୍କୁ କହିଲେ- "ବହୁତ ହେଇଗଲା । ଏଣିକି ତୁ ଗୋଟେ ଚାକିରି ଯୋଗାଡ଼ କର ।'

ସଙ୍ଗେ ସଙ୍ଗେ କେନ୍ କକା ଅଭିଯୋଗ କଲାଭଳି କହିଲେ– "ଡେ଼ରାଡୁନ୍‌ରେ ଚାକିରି କୋଉ ମିଳୁଚିଯେ ମୁଁ କରିବି !"

ଜେଜେମା' ସେଇଠୁ ବୁଝେଇଲେ- "ତୁ ସେମିତି କହିପାରିବୁନି । କେବେ ତୁ ଚାକିରି ଖୋଜିଚୁ ଯେ ମିଳିଲାନି ବୋଲି କହୁଚୁ ? ତା'ଛଡ଼ା ତୁ' ଜୀବନସାରା ତ ମୋ ପାଖରେ ଏମିତି ରହିବୁନି, ନା କ'ଣ ଭାବୁଚୁ ? ତୋ ଭଉଣୀ ଏମିଲି ଲକ୍ଷ୍ନୌରେ ଗୋଟେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଛି । ତୁ ସେଠିକୁ ଯାଇପାରିବୁ । ସିଏତ ଥରେ ନିଜେ କହୁଥିଲା, ତା' ସ୍କୁଲରେ ତତେ ପିଲାମାନଙ୍କ ଶୋଇବାଘର ଦାୟିତ୍ୱରେ ରଖେଇଦେବ ବୋଲି !"

କେନ୍ କକା କହିଲେ "ବା···ରେ, ଭଲକଥା ତ ! ଆଚ୍ଛା ଖୁଡ଼ୀ କହିଲ, ତମେ କ'ଣ ଭାବୁଚ ମୁଁ ସତରେ ଚାଳିଶି କି ପଚାଶ ମେଞ୍ଚଡ଼ ବଖଡ଼ିଆ ପିଲାଙ୍କର ଯାଇ ସେଠି ଦେଖାରଖା କରିବି ?"

ଏତିକିବେଳେ ମୁଁ ପଚାରିଦେଲି-"ବଖଡ଼ିଆ କ'ଣ ?"

'ଚୋପ୍'···, ପାଟିକରି ଉଠିଲେ କେନ୍‌କକା ।

" 'ବଖଡ଼ିଆ' ମାନେ ଏଇ ନଟଖଟିଆମୀ କରିବା କି ପାଗଳାମୀ କରିବା", ବୁଝେଇଲେ, ଜେଜେମା' ।

ମୁଁ ବିରୋଧ କରି କହିଲି, "ତା'ହେଲେ ସିଧାସଳଖ ତ ପାଗଳାମୀ ବୋଲି କହିବ, ସେଥିପାଇଁ ଏତେପ୍ରକାର ଶବ୍ଦ କ'ଣ । ଆମ କୁକୁର ପାଗଳାମୀ କରୁଚି, ଏବେ କେନ୍ କକା ବି ପାଗଳାମୀ କରୁଛନ୍ତି ।"

କେନ୍ କକା ଦଉଡ଼ିଆସି ମୋ' କାନକୁ ଧରିପକେଇଲେ । ଜେଜେମା' କହିଲେ-"ରଷ୍ଟି, ତୋ' କକା ପାଗଳ ନୁହନ୍ତି, ହେଲେ ଟିକେ ଅଳସୁଆ । ବଡ଼ମାନଙ୍କୁ କ'ଣ ଏମିତି କହନ୍ତି ? ଛିଃ !"

"ସିଏ କିନ୍ତୁ ଜଣେ ଅବାଗିଆ ଲୋକ-" ମୁଁ ପୁଣି କହିଲି, "ଲୋକେ କହନ୍ତି, ସେ ଅବାଗିଆ ।"

ଏଥର କେନ୍‌କକା ମତେ ଧମକେଇ ପଚାରିଲେ-"କିଏ କହୁଚି ମତେ ଅବାଗିଆ ? ହଇରେ, ଦେଖିବୁ ?"

ମୁଁ ମିଛରେ କହିପକେଇଲି-"ମିସ୍ ଲେସ୍‌ଲି କହୁଥିଲେ ପରା ।"

ମୁଁ ଜାଣିଥିଲି କେନ୍ କକା ମିସ୍ ଲେସ୍‌ଲିଙ୍କୁ ଭଲ ପାଆନ୍ତି । ଡେରାଡୁନ୍‌ର ବଡ଼ବଜାର ପାଖରେ ତାଙ୍କର 'ବିଉଟି ପାର୍‌ଲର' ଅଛି ।

କେନ୍ କକା କି ଛାଡିବା ଲୋକ ! ସେ କହିଲେ, "ମିଛ କଥା । ମୋର ତୋ' କଥାରେ ବିଶ୍ୱାସ ନାହିଁ । ଆଚ୍ଛା କହିଲୁ, କେବେ ତାଙ୍କୁ ତୁ' ଦେଖିଥିଲୁ ?"

ମୁଁ ଫରବରରେ କହି ପକେଇଲି-"ହଁ ପରା । ଆର ସପ୍ତାହରେ ମୋହନର ମୋର, ତାଙ୍କୁ ଗୋଟେ ପୋଦିନାପତ୍ର ଚଟଣୀ-ଶିଶି ବିକିଥିଲୁ । ମୁଁ କହିଲି ତାଙ୍କୁ, ଯେ ତୁମକୁ ପୋଦିନାପତ୍ର ଚଟଣୀ ଭଲଲାଗେ । ମାତ୍ର ସେ କହିଲେ, ସେ ସେଇଟା ହଟନ୍‌ବାବୁଙ୍କ ପାଇଁ କିଣୁଚନ୍ତି । ହଟନ୍‌ବାବୁ କୁଆଡ଼େ ତାଙ୍କୁ ତା'ପରଦିନ ସିନେମା ଦେଖେଇ ନେବେ ବୋଲି କହିଥିଲେ ।"

କେନ୍ କକାଙ୍କ ଦେଇ କିଛି ହେବନି

କେନ୍ କକା ଯାତ୍ରୀମାନଙ୍କୁ 'ଡେରାଡୁନ୍' ବୁଲେଇ ଦେଖେଇବା ପାଇଁ ଗୋଟେ ଠିକା ଚାକିରି ପାଇଛନ୍ତି ଶୁଣି ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ ।

ଡେରାଡୁନ୍‌ରେ ନଈ କୂଳରେ ଗୋଟିଏ ପୁରୁଣା କିଲ୍ଲା ଅଛି । ଗୋଟେ ଷୋଡ଼ଶ ଶତାବ୍ଦୀର ମନ୍ଦିର, ଆଉ ଦଶମାଇଲ ତଳେ ପାହାଡ ମୂଳରେ ଅଛି ଗୋଟାଏ ଉଷ୍ଣ-ପ୍ରସ୍ରବଣ, ଯୋଉଠୁ ଗରମ ଗନ୍ଧକ ପାଣି ବାହାରେ ।

କେନ୍ କକା, ତିନିଟି ଆମେରିକୀୟ ଦମ୍ପତିଙ୍କୁ ସେଇ ଉଷ୍ଣପ୍ରସ୍ରବଣକୁ ବୁଲେଇନବାର ଠିକ୍ ହୋଇଚି ବୋଲି ଆମକୁ କହିଲେ । ଏକଥା ଶୁଣି ଜେଜେମା' ଖୁସି ହେଇଗଲେ । ଯା'ହେଉ କେନ୍ କକାଙ୍କୁ ଏତେଦିନେ କିଛି କାମ ମିଳିଗଲା । ଜେଜେମା' ଗୋଟେ ବଡ଼ ଟାଙ୍କୁଟିରେ ମାଂସଭଜା, ହ୍ୟାମ୍‌ସ୍ୟାଣ୍ଡଉଇଚ୍, ଘର ତିଆରି ବିସ୍କୁଟ୍ ଓ ଡଜନେ କମଳା ପୂରେଇ କେନ୍ କକାଙ୍କୁ ଦେଲେ । ଦିନଯାକର ଖାଦ୍ୟରୁ ଢେର ଅଧିକ ଥିଲା ସେଥିରେ ।

ଉଷ୍ଣପ୍ରସ୍ରବଣଟା ଡେରାଡୁନ୍‌ଠାରୁ ମାତ୍ର ଦଶ ମାଇଲ୍ ଦୂର । ମାତ୍ର ତିନିଦିନଯାଏଁ କେନ୍ କକାଙ୍କ ଦର୍ଶନ ମିଳିଲାନି ।

ଅଥଚ ଯେତେବେଳେ ସେ ଫେରିଲେ ନା' ସେଇଟା ଗୋଟେ ଦେଖିବାର କଥା । ଲୁଗାପଟା ଧୂଳିଭର୍ତ୍ତି, ଆଉ ଚିରା । ଗାଲ ଦିଇଟା ପଶିଯାଇଛି ଓ ତାଙ୍କ ଗୋରାମୁଣ୍ଡର ଚନ୍ଦାଅଂଶଟା ସିଝି ଲାଲ ପଡିଯାଇଛି ।

ଜେଜେମା' ଦେଖୁ ଦେଖୁ ପଚାରିଲେ-"ଆରେ, ଆଜିଯାଏଁ କ'ଣ କରୁଥିଲୁ କୋଉଠି ?"

ବାରଣ୍ଡାରେ ଥିବା ହାତଚଉକିରେ ଏକପ୍ରକାର କେନ୍ କକା ଖସି ପଡ଼ିଲାପରି ବସିପଡ଼ିଲେ । କହିଲେ-"ମେ' ଖୁଡ଼ୀ, ଭୋକରେ ମତେ ଚଉଦିଗ ଅନ୍ଧାର ଦିଶୁଚି । ଆଗ ମତେ କିଛି ଖାଇବାକୁ ଦିଅ । ତା' ପରେ ଯାଇ ଯାହା କଥା ।"

"ମୁଁ ଯୋଉ ଖାଇବା ଦେଇଥିଲି, ସେସବୁ କ'ଣ ହେଲା ?"

"ଆମେ ସାତଜଣ ଥିଲୁ, ତେଣୁ ସେତକ ପ୍ରଥମ ଦିନରେ ହିଁ ଶେଷ ହେଇଗଲା ।"

"ହେଲାଯେ, ସେତକ ତ ମୁଁ ଗୋଟେ ଦିନ ପାଇଁ ଦେଇଥିଲି । ତୁ' ପରା କହିଲୁ ଉଷ୍ଣପ୍ରସ୍ରବଣକୁ ଯାଉଛୁ ବୋଲି !"

"ହଁ ଆମେ ତ ସେଇଠିକି ଯାଉଥିଲୁ, ହେଲେ ସେ ଜାଗାରେ ମୋତେ ପହଞ୍ଚିପାରିଲୁନି । ପାହାଡ଼ ଭିତରେ ଆମେ ବାଟ ପାଇଲୁନି"- ବୁଝେଇଲେ କେନ୍ କକା ।

ଜେଜେମା' ବିଗିଡ଼ିଲାପରି କହିଲେ- "ହଇରେ, ପାହାଡ଼ ଭିତରେ ବାଟ ପାଇଲନି କେମିତି ? ତମେ ତ ସିଧାସଳଖ ନଈ କୂଳେ କୂଳେ ଯାଇ ସେଠି ପାହାଡ ତଳେ ଉଠିଥାଆନ୍ତ···· ତୁ ସିନା ସେଇଟା ଜାଣିବା କଥା ! ଗାଇଡ୍ ବା ବାଟଦେଖାଳି ହିସାବରେ ସେଇଟା ତୋ'କାମ । ତା' ଛଡ଼ା ତୁ ପରା ସେଠିକୁ ଆଗରୁ ଯାଇଥିଲୁ ?"

କେନ୍ କକା ମୁହଁ ଶୁଖେଇ କହିଲେ-"ହଁ ମୁଁ ଯାଇଥିଲି ଯେ··· ହେଲେ ମୁଁ ବାଟ ଭୁଲିଗଲି । ମୂଳକଥା, ପାହାଡତଳି ସେ ଘାଟୀ ଜାଗାଟାକୁ ମୁଁ ପାଇଲିନି । ମାନେ, ମୁଁ ତାଙ୍କୁ-ସବୁ ଗୋଟେ ଭୁଲ ପାହାଡ଼ ତଳକୁ ନେଇଗଲି । ମତେ ଲାଗିଲା, ପ୍ରସ୍ରବଣଟା ନଈର ହେଇ ଆଉ ମୋତ ପାଖରେ ଥିବ ପରା । କିନ୍ତୁ ଦେଖିଲାବେଳକୁ ସେଇଟା ସେ ନଈ ନୁହେଁ, ଆଉଗୋଟେ । ତେଣୁ ଆମେ ସେଇଭଳି ଚାଲିବାରେ ଲାଗିଲୁ । ଏମିତି ଚାଲିଚାଲି ଆମେ ପାହାଡରେ ଯାଇ ପହଞ୍ଚିଲୁ । ମୁଁ ତଳକୁ ଚାହିଁଲାବେଳକୁ ଆମେ ଆଉ ଗୋଟେ କୋଉ ଅଜଣା ପାହାଡ଼ରେ ଯାଇ ଚଢ଼ିଚୁ । ବାଧ୍ୟହୋଇ ସେ ରାତିଟା ଆମେ ଖୋଲା ଆକାଶ ତଳେ ବହୁତ ଥଣ୍ଡାରେ କଟେଇଲୁ । ତା'ପରେ ବି ମସୌରୀବାଟେ ଫେରିଥିଲେ ଶୀଘ୍ର ଆସିପାରିଥାଆନ୍ତୁ, ମାତ୍ର ଆମେ ପୁଣି ଭୁଲବାଟ ଧରି ଯାଇ ପହଞ୍ଚିଲୁ 'କେମ୍ଟି'ରେ । ସେଇଠୁ ଚାଲି ଚାଲି ଗାଡିଯାଉଥିବା ରାସ୍ତାକୁ ଆସି ବସ୍ ଧରି ଫେରିଲୁ ।"

କେନ୍ କକାଙ୍କୁ ଟେକିଟାକି କରି ଶେଯରେ ଶୁଆଇବା ବେଳେ ଜେଜେମା'ଙ୍କୁ ମୁଁ ସାହାଯ୍ୟ କଲି । ତା'ପରେ ତାଙ୍କ ଦେହରେ ବଳ ଫେରିଆସିବା ପାଇଁ ପିଆଜଝୋଳ ତିଆରି ହେଲାବେଳେ ମୁଁ ଜେଜେମା'ଙ୍କୁ ଜିନିଷ ଯୋଗେଇଦେଲି । ତାଙ୍କ ପାଖକୁ ଟ୍ରେରେ ପୂରେଇ ଝୋଳନେଇ ଦେଲି । ଝୋଳ ଖାଇଲାବେଳେ କେନ୍ କକା ମୁହଁଟାକୁ ବିକୃତ କରୁଥାଆନ୍ତି, ପୁଣି ଆହୁରି ଆହୁରି ମାଗୁଥାଆନ୍ତି ।

ଦୁଇଦିନ ଧରି ସେ ଶେଯରେ ପଡ଼ିରହିଲେ । ସେତେବେଳେ ମୁଁ ଓ ଜେଜେମା'ଙ୍କ କାମବାଲୀ ପାଳି କରି ତାଙ୍କୁ ଖାଇବାନେଇ ଦେଉଥିଲୁ । ଏସବୁ ସତ୍ତ୍ୱେ କେନ୍ କକା ଟିକିଏ ବି ଧନ୍ୟବାଦ ଦେଲେନି । ମୁଁ ଭାବିଲି, "ଜଣେ ଜଣେ ଲୋକ ସେମିତି ଥାଆନ୍ତି···· ମୋତେ ସେମାନେ କିଛି ଶିଖନ୍ତିନି ।"

ଜେଜେମା' ସବୁବେଳେ ମତେ କହନ୍ତି-"ଭଲକରି ଖାଅ, ହେଲେ ଅତିବେଶି ଗୁଡ଼େ ଖାଅନି । ଭଲ ଖାଦ୍ୟ ଭଗବାନଙ୍କର ଏକ ଦାନ ଏବଂ ଯେ କୌଣସି ଦାନ ଅଯଥା ଖଇରାତ ହେଲାଭଳି, ଖାଦ୍ୟଟି ଅଯଥା ନଷ୍ଟ ହେଇପାରେ ।"

ଖାଇବା ପିଇବା, ରୋଷେଇବାସ ନେଇ ଏଇଭଳି ଗୁଡାଏ ମହତ୍‌କଥା ଜେଜେମା' ସଂଗ୍ରହକରି ଷ୍ଟୋରଘର ଦୁଆରେ କାଗଜରେ ମାରିଥିଲେ । ଏମିତି ଥାନରେ ସେ ଲେଖାଗୁଡିକ ଲାଗିଥିଲା ଯେ ଉଭୟେ କେନ୍ କକା ଓ ମୁଁ ପଢ଼ିପାରୁଥିଲୁ ।

ସେ ମହତ୍‌ବାଣୀରୁ କେତୋଟି ହେଲା:

ରାତିରେ ଅଳପ ଖାଇଲେ ଆୟୁଷ ବଢେ ।

ତରକାରୀ ମୋଟେ ନ ଥିବାଠାରୁ ବଙ୍କଟେ ଦଣ୍ଡେଇ ମାଛ ଭଲ ।

ରାନ୍ଧି ଜାଣିଲେ ଜାଉ ବି ସୁଆଦ ଲାଗେ ।

ଖାଇବା ପିଇବା ପାଇଁ ବୁଦ୍ଧିବିବେକ ହରେଇବା ଉଚିତ୍ ନୁହେଁ ।

ଘରର ଶୁଖିଲା ରୁଟି ଖଣ୍ଡିକ ବାହାରର ମାଂସ ତରକାରୀ ଠାରୁ ଶ୍ରେୟ ।

ସୁଷମ ଆହାର ବୁଦ୍ଧିକୁ ସୂକ୍ଷ୍ମ କରେ ଓ ହୃଦୟକୁ ଉଦାର କରେ ।

ଜିଭର ଲାଳସାରେ ପଡ଼ି ଜାହାର କ୍ଷତି କରିବା ଅନୁଚିତ ।

ଥରେ କେନ୍ କକା ତାଙ୍କର ବାଳ ଉପୁଡୁଚି ଓ ଦିନକୁ ଦିନ ସେ ଅଧିକରୁ ଅଧିକ ଚନ୍ଦା ହେଉଛନ୍ତି ବୋଲି ମନଦୁଃଖ କଲେ । ସେକଥା ଶୁଣି ଜେଜେମା' ତାଙ୍କର ପୁରୁଣା ଟିପାଖାତା ଖୋଲିଲେ । ସେଥିରେ ଚନ୍ଦାମୁଣ୍ଡର ପ୍ରତିକାର ପାଇଁ ଟୁଟୁକା ବ୍ୟବସ୍ଥା ଥିଲା । ଜେଜେମା'ଙ୍କ ଜେଜେବାପା କୁଆଡ଼େ ସେ ଔଷଧ ଲଗେଇ ଖୁବ୍ ଫଳ ପାଇଥିଲେ । ଛୋଟ କଣ୍ଟିଆଳି କାକୁଡ଼ିକୁ ବ୍ରାଣ୍ଡିରେ ବତୁରେଇ ସେ ଔଷଧଟି ତିଆରି କରାଯାଏ । ଶୁଣୁ ଶୁଣୁ କେନ୍ କକା ସେ ଔଷଧ ଲଗେଇବେ ବୋଲି କହିଲେ ।

ସାତଦିନକାଳ କିଛି କଣ୍ଟିଆଳି କାକୁଡ଼ି ଆଣି ଜେଜେମା' ବ୍ରାଣ୍ଡିରେ ବୁଡ଼େଇ ରଖିଲେ । ତା'ପରେ ବୋତଲଟିକୁ କେନ୍ କକାଙ୍କୁ ଦେଇ କହିଲେ, "ସକାଳେ ସଂଜେ ଏଥିରୁ ଟିପେ ଲେଖାଏଁ ମଥାରେ ଘଷିବୁ ।"

ମାତ୍ର ତାଙ୍କ ବଖରାକୁ ଯାଇ ଜେଜେମା' ଦେଖିଲାବେଳକୁ ବୋତଲରେ କେବଳ କାକୁଡ଼ିମାନ ଅଛି, ବ୍ରାଣ୍ଡିତକ କେନ୍ କକା ପିଇଦେଇଚନ୍ତି ।

କେନ୍ କକା ସୁସୁରି ମାରିବାକୁ ଭଲ ପାଆନ୍ତି ।

ପକେଟରେ ହାତ ପୂରେଇ, କିଛି କାମ ନକରି, ଘରେ, ବଗିଚାରେ, ରାସ୍ତାରେ ଚାଲୁଥିଲାବେଳେ ସେ ମନକୁମନ ସୁସୁରି ମାରି ବୁଲନ୍ତି ।

ତାଙ୍କର ସୁସୁରି ସ୍ୱର ସବୁବେଳେ ସେଇ ଗୋଟିଏ ରକମର । ବଡ଼ ବେସୁରା ଶୁଭେ ।

ଥରେ ଥରେ ମୁଁ ପଚାରିଦିଏ-"କକା ? ଆଜି ତମେ କୋଉ ଗୀତର ସ୍ୱର ସୁସୁରିରେ ଗାଉଛ ?"

ସିଏ କହନ୍ତି, "ଜାଣି ପାରୁନୁ କି ? ସେଇଟା ପରା — ଓ···ନଦୀରେ·····"

ପୁଣି ପରଦିନ ସେ ସୁସୁରି ମାରୁଥିବାବେଳେ ମୁଁ ପଚାରେ, "କକା ! କ'ଣ ସେଇ 'ଓ····ନଦୀରେ' ······ଗୀତର ସ୍ୱର ଗାଉଛ ତ ?"

ସିଏ ମୁଣ୍ଡ ହଲାଇ ନାହିଁ କରନ୍ତି । କହନ୍ତି, "ନାଇଁ ନାଇଁ, ଏଇଟା- 'ବଡ଼ ଅମାନିଆଁ ପିଲାରେ····· ।' ତୁ କ'ଣ ତଫାତ୍‌ଟା ଜାଣିପାରୁନୁ ?"

ଏମିତି କହି ସେଇ ପୁରୁଣା ସ୍ୱରକୁ ଦୋହରେଇ ଦୋହରେଇ ସେ ମାଡ଼ିଚାଲନ୍ତି ଆଗକୁ ।

ବେଳେବେଳେ ଜେଜେମା' କେନ୍ କକାଙ୍କ ସୁସୁରି ଶୁଣି ଚିଡ଼ିଉଠନ୍ତି । କହନ୍ତି, "କେନ୍, ତୁ' ସେ ସୁସୁରି ବନ୍ଦ କଲୁ । ମୋ ଦିହ କ'ଣ ହେଇ ଯାଉଛି ସେ ସ୍ୱର ଶୁଣି । ହେଲେ ସ୍ୱର

ବଦଳେଇ ସୁସୁରି ମାରୁନୁ ?"

କେନ୍ କକା ଉତ୍ତର ଦିଅନ୍ତି, "ନାଇଁ । ମୁଁ ପରା 'ନୀଳ ନଇ ତୁମେ....' ଗୀତଟା ଗାଉଚି !" ଏତିକି କହି ସେ ଚୁପ୍ ରହନ୍ତି । ତା'ପରେ ପୁଣି ସୁସୁରି ମାରି ରୋଷେଇଶାଳ ଚାରିପଟେ ଏପଟ ସେପଟ ହୁଅନ୍ତି । କେନ୍ କକାଙ୍କର ଏମିତିଆ କାରବାର ଦେଖି ଜେଜେମା' କହନ୍ତି-"ତୁ' ସେ ବାରଣ୍ଡାରେ ଯାଇ ସୁସୁରି ମାରେ କି ଚହଲେ, ହେଲେ ତତେ ମୁଁ ଏଠି ରୋଷେଇ ପାଖରେ ସେମିତି ହବାକୁ ଦେବିନି । ମୋ ରାନ୍ଧଣା ଖରାପ ହୋଇଯାଉଛି ।"

ଥରେ ଦାନ୍ତ ଡାକ୍ତରଙ୍କ ପାଖକୁ ଯାଇ କେନ୍ କକା ତାଙ୍କର ଗୋଟେ ପୋକାଦାନ୍ତ ଉପାଡ଼ିଲେ । ଆମେ ଭାବିଲୁ ଏଥର ବୋଧେ କକାଙ୍କର ସୁସୁରି ମାରିବା ବନ୍ଦ ହୋଇଯିବ । ମାତ୍ର ଓଲଟି ତାଙ୍କ ସୁସୁରି ଏଣିକି ଅଧିକ ତୀବ୍ର ଓ କର୍କଶ ଶୁଣାଗଲା ।

ପୁଣି ଥରେ କେନ୍ କକା ଦିନେ ପକେଟରେ ହାତ ପୂରେଇ ରାସ୍ତାରେ ସୁସୁରିମାରି ଯାଉଥିବାବେଳେ, ସେଇବାଟେ ଜଣେ ତରୁଣୀ ଯାଉଥିଲେ ସାଇକେଲ ଚଢ଼ି । ହଠାତ୍ ସେ ତରୁଣୀ ଜଣକ ସାଇକେଲରୁ ଓହ୍ଲେଇପଡ଼ି ତାଙ୍କୁ ରାସ୍ତା ଓଗାଳି ଠିଆହେଲେ । ସେ ତମ୍‌ତମ୍ ହେଇ କହିଲେ, "ବୁଝିଲ କେନେଥ୍ ବଣ୍ଟ୍, ମୁଁ ଯେତେବେଳେ ରାସ୍ତାରେ ଯାଉଛି, ତୁମେ ଯଦି ସବୁଥର ମତେ ଦେଖି ଏମିତି ସୁସୁରି ମାରିବ, ତେବେ ମୁଁ ତୁମକୁ ମୋ ଭାଇକି ଡାକି ଗୋଟଛବାଡ଼ିଆ କରେଇବି ।"

କେନ୍ କକାଙ୍କ ମୁହଁ ଲାଲ୍ ପଡ଼ିଗଲା । ସେ ଥଙ୍ଗ ଥଙ୍ଗ ହେଇ କହିଲେ, "ନାଇଁତ, ମୁଁ ତୁମକୁ ଦେଖି ସୁସୁରି ମାରିନି ।" ତରୁଣୀଜଣକ କହିଲେ, "ଆଉ କାହାକୁ ଦେଖି ତା'ହେଲେ ସୁସୁରି ମାରୁଥିଲ ? ମୁଁ ତ ଆଉ କାହାକୁ ଦେଖିପାରୁନି ।"

କେନ୍ କକା ବୁଝେଇଲାଭଳି କହିଲେ, "ନାଇଁ ନାଇଁ, ମୁଁ 'ଗଡ୍ ସେଭ୍ ଦି କିଙ୍ଗ୍' ଗୀତଟିକୁ ସୁସୁରି ବଜାଉଥିଲି, ତୁମେ କ'ଣ ଜାଣିପାରିଲନି ?"

କେନ୍ କକା ଚାକିରି ପାଇଲେ

ଶେଷକୁ ଦିନେ ଜେଜେମା' କହିଲେ, "କେନ୍ ପାଇଁ ଆମକୁ କିଛି କରିବାକୁ ପଡିବ । ନହେଲେ ଚଳିବନି ଦେଖୁଛି ।"

ମୁଁ ରୋଷେଇଶାଳରେ ତାଙ୍କ ପାଖରେ ବସି ମଟରମଞ୍ଜି ଛଡ଼ାଉଥାଏ ଓ ଗୋଟେ ଗୋଟେ ସେଥିରୁ ପାଟିକୁ ପକାଉଥାଏ । ଆମ ପୁଷିବିଲେଇ ସୁଜି ବସିଥାଏ ପାଖରେ । ତା'ର ନଜର ଯାଇ ଜେଜେମା'ଙ୍କ ଉପରେ । ଜେଜେମା' ମାଛ-ସନ୍ତୁଳା ତିଆରି କରୁଥାନ୍ତି ! ସୁଜିର ମାଛ ସନ୍ତୁଳାରେ ବଡ଼ ପସନ୍ଦ ।

ଜେଜେମା' ମନକୁ ମନ କହିଲେ, "ସେ ଏଠି ରହିଲେ ମୋର ଆପତ୍ତି କିଛି ନାହିଁ ଏବଂ ମୁଁ କହୁନି ଯେ ମତେ ସେ ଟଙ୍କା ପଇସା ଆଣି ଦଉ । କଥା ହଉଚି, ଯୁବକ ଲୋକଟେ ଏତେଦିନ କିଛି କାମ ନକରି ଘରଟାରେ ବସି ରହିବା ଠିକ୍ ନୁହେଁ ।"

ମୁଁ ପଚାରିଦେଲି, "ଜେଜି, କେନ୍‌କକା କ'ଣ ଯୁବକ ଲୋକ ?"

ଜେଜି ଉତ୍ତର କଲେ, "ତାକୁ ମୋଟେ ଚାଳିଶ ବର୍ଷ ବୟସ । ସମସ୍ତେ କହୁଛନ୍ତି, ବଡ଼ହେଲେ ସେ ସୁଧୁରିଯିବ । ହେଲେ କାଇଁ !"

'ଆଚ୍ଛା ! ସେ ତ ଯାଇ 'ମାବେଲ୍' ପିଇସୀଙ୍କ ପାଖରେ ରହିପାରନ୍ତେ", ମୁଁ କହିଲି ।

ଜେଜେମା' ବୁଝାଇଲାଭଳି କହିଲେ, "ସିଏ ମାବେଲ୍ ପାଖକୁ ଯାଏ ଏବଂ ତା' ପାଖରେ ରହେ । ସେ ବି ଏମିଲି ଏବଂ ବେରିଲ୍ ପାଖରେ ଯାଇ ରହେ । ମୂଳ ଅସୁବିଧା ହେଲା, ତା'ର ଗୁଡ଼େ ଭଉଣୀ ଅଛନ୍ତି ଯୋଉମାନେ କି ତା'କୁ ଭାରୀ ଭଲପାଆନ୍ତି, ଆଉ ପାଖରେ ତାକୁ ରଖି ତା' ସହିତ ରହିପାରନ୍ତି । ଭିଣୋଇମାନେ ବି ବେଶ୍ ରୋଜଗାର କରନ୍ତି । ତେଣୁ ତାକୁ ମଝିରେ ମଝିରେ ଘରେ ରଖି ବସେଇ ଖୁଆଇବାରେ ସେମାନଙ୍କର କିଛି ଅସୁବିଧା ନାହିଁ । ଅତଏବ ଆମ କେନ୍, କେତେବେଳେ ଏମିଲି ପାଖରେ ତିନିମାସ ତ କେତେବେଳେ ମୋ ପାଖରେ ତିନିମାସ ଏମିତି ରହିଯାଉଛି । ବର୍ଷଟା ସାରା କଟିଯାଉଛି ଏଠି ସେଠି ୟା' ପାଖରେ ତା' ପାଖରେ ରହି । ତେଣୁ ନିଜେ ସେ ଚଳିବା ବିଷୟରେ କେବେ ଚିନ୍ତାକରୁନି ।"

ମୁଁ କହିଲି, "ସତରେ, କେନ୍ କକା ବଡ଼ ଭାଗ୍ୟବାନ୍ ଲୋକ ।"

ଜେଜେମା' ଉତ୍ତର କଲେ, "ହେଲେ ତା' ସୌଭାଗ୍ୟ ବେଶିଦିନ ରହିବନି, ଜାଣିଥା' ।

'ମାବେଲ୍' ଏବେ କହୁଥିଲା ସେମାନେ କୁଆଡ଼େ 'ନିଉଜିଲାଣ୍ଡ' ଚାଲିଯିବେ ବୋଲି । ଆଉ ଭାରତ ସ୍ୱାଧୀନ ହେଇଗଲା ମାନେ (ସେତେବେଳେ ଭାରତ ସ୍ୱାଧୀନ ହେଇନଥିଲା) ବର୍ଷେ କି ଦୁଇ ବର୍ଷ ଭିତରେ ବୋଧେ 'ଏମିଲି' ଓ 'ବେରିଲ୍' ବିଲାତ ଚାଲିଯିବେ । କାରଣ ସେମାନଙ୍କ ସ୍ୱାମୀମାନେ ସାମରିକ ବାହିନୀରେ କାମ କରନ୍ତି ଏବଂ ସେମାନେ ସମସ୍ତେ ବିଲାତ ଫେରିବା ନିଶ୍ଚିତ ।"

"ତା'ହେଲେ ତ କେନ୍ କକା ସେମାନଙ୍କ ସହିତ ବିଲାତକୁ ଫେରିଯାଇପାରନ୍ତେ ?" ମୁଁ କହିଲି ।

"ବିଲାତ ଗଲେ ତାକୁ ସେଠି ଖଟିବାକୁ ପଡ଼ିବ । ସେକଥା ସେ' ଜାଣେ । ତୋ ପିଇସୀମାନେ ବିଲାତଯାଇ ଯେତେବେଳେ ଦେଖିବେ ଯେ ସେଠି ବିନା ଚାକରବାକରରେ ଚଳିବାକୁ ପଡ଼ିବ, ତୁ କ'ଣ ଭାବୁଚୁ ତୋ କେନ୍ କକାକୁ ବେଶିଦିନ ସେମାନେ ପାଖରେ ରଖିପାରିବେ ? ତା'ଛଡ଼ା, ବିଲାତ ହଉ କି ନିଉଜିଲାଣ୍ଡ ହଉ, ତା'ର ରାସ୍ତା ଭଡ଼ା କିଏ ଦବ ନିଜ ପକେଟ୍‌ରୁ ?"

–"ତେବେ ସେ ଯଦି କୁଆଡ଼େ ଯାଇପାରିବେନି, ତା'ହେଲେ ତୁମ ପାଖରେ ରହିବେ । ତୁମେ ତ ଏଠି ରହିବ ନା, ନୁହଁକି ?" ମୁଁ ପଚାରିଲି ଜେଜେମା'ଙ୍କୁ ।

"ନାଇଁ "ରେ ସବୁଦିନ ପାଇଁ ନୁହେଁ ?" —ମୁଁ ବଞ୍ଚିଥିଲା ଯାଏଁ ।"

"ଆଚ୍ଛା ଜେଜେମା', ତମେ ବିଲାତ ଫେରିବନି ?" ମୁଁ କୌତୁହଳୀ ହୋଇ ପଚାରିଲି ।

ଜେଜେମା' ଟିକିଏ ଗୁମ୍‌ମାରି କହିଲେ, "ନା । ମୁଁ ଏଇଠି ଏତୁଟିରୁ ଏତୁଟିଏ ହୋଇଛି । ମୁଁ ଗୋଟାଏ ଗଛ ଭଳି । ମୋର ଏଇଠି ଚେର ମାଡ଼ି ରହିଛି ଚାରିଆଡ଼କୁ । ଗୋଟାଏ ବୁଢ଼ାଗଛରୁ ସବୁ ପତ୍ର ଝଡ଼ି ନଗଲାଯାଏଁ ସେ ସେଠାରୁ ନ ହଟିବା ପରି, ମୁଁ ଏଠୁ କୁଆଡ଼କୁ ଯିବିନି । ତୁ' କିନ୍ତୁ ବଡ଼ହେଲେ ସେଠିକୁ ଯିବୁ । ମୁଁ ଭାବୁଛି, ତୁ ବୋଧେ ତୋ'ର ପାଠପଢ଼ା ବିଲାତରେ ସାରିବୁ ।"

ମୁଁ ସଙ୍ଗେ ସଙ୍ଗେ କହିଲି, "ନାଇଁ ନାଇଁ, ମୁଁ ଏଇଠି ରହି ପଢ଼ିବି । ତୁମ ପାଖରେ ସବୁ ଛୁଟିଦିନମାନଙ୍କରେ ରହିବାକୁ ମୋର ମନ । ମୁଁ ବିଲାତ ପଳେଇଲେ, ତମେ ଯେତେବେଳେ ଅତି ବୁଢ଼ୀ ହେଇଯିବ, ତମର ଦେଖାରଖା କିଏ କରିବ ?"

"ମୁଁ ତ ଏବେବି ବୁଢୀ ହେଇଗଲିଣିରେ । ମତେ ପରା ଷାଠିଏ ପୂରିଲାଣି ।"

"ତା'ହେଲେ ତମେ ବେଶି ବୁଢୀ କ'ଣ ? ଏଇ କେନ୍ କକାଙ୍କଠାରୁ ମାତ୍ର ଅଳପ ଅଧିକ । ଆଚ୍ଛା, ତମେ ସତରେ ଅତି ବୁଢୀ ହେଇଗଲେ କେନ୍ କକାଙ୍କର ଭଲମନ୍ଦ ବୁଝିବ କେମିତି ?"

"ସିଏ ନିଜେ ଚାହିଁଲେ ନିଜ କଥା ବୁଝିପାରିବ । ଏଇଟା ହଉଚି ସମୟ ସେଥିପାଇଁ । ଏଇ ବେଳକୁ ସିଏ ଗୋଟେ କୋଉଠି କାମରେ ଲାଗିଯିବା କଥା ।"

ମୁଁ ଏ ବିଷୟରେ ଟିକେ ଭାବିବାକୁ ଲାଗିଲି । ଏମିତି କୋଉ କାମ ନାଇଁ ଯୋଉଟାକୁ ପ୍ରକୃତରେ ସେ ଠିକଣାଭାବେ କରିପାରିବେ । ଅନ୍ୟଦିଗରୁ ଦେଖିଲେ କେନ୍ କକାଙ୍କୁ କେହିଯେ ଦରକାରୀ ଭାବି କାମରେ ଲଗେଇବ, ସେକଥା ମୁଁ ଚିନ୍ତା କରିପାରିଲିନି । ଏତିକିବେଳେ

ଜେଜେମା'ଙ୍କ କାମବାଲୀ ଗୋଟେ ପ୍ରସ୍ତାବ ଦେଲା ।

ସେ କହିଲା, "ଗୁଲ୍‌ସନ୍‌ର ମହାରାଣୀ ତାଙ୍କ ପିଲାଙ୍କ ପାଇଁ ଜଣେ ଘରୋଇ ଶିକ୍ଷକ ଖୋଜୁଚନ୍ତି । କେବଳ ପୁଅଟିଏ, ଝିଅଟିଏ ତାଙ୍କର ।"

"ତୁ' କେମିତି ଜାଣିଲୁ ?" ପଚାରିଲେ ଜେଜେମା' ।

"ସେ ପିଲାଙ୍କ ଧାଇ ଠାରୁ ମୁଁ ଶୁଣିଥିଲି । ମାସକୁ ଦୁଇଶହ ଟଙ୍କା । କୋଉ କାମ ଅବା, ସବୁଦିନ ସକାଳେ ମାତ୍ର ଦୁଇଘଣ୍ଟା ପଢେଇବା କଥା", କହିଲା କାମବାଲୀ ।

ମୁଁ ସେଇଠୁ କହିଲି—"ସେ କାମଟା କେନ୍ କକାଙ୍କୁ ଭଲ ପୋଷେଇବ ।"

"ହଁ, ଭଲକଥା"—ଜେଜେମା' କହିଲେ । "ଆମେ କେନ୍‌କୁ କହିବା ସେ ସେଇ ଚାକିରିଟା ପାଇଁ ଦରଖାସ୍ତ ଦେଉ । ତାଙ୍କୁ ବି ଯାଇ ଦେଖାକରୁ । ମହାରାଣୀ ଜଣେ ଭଲ ଲୋକ, ମୁଁ ଜାଣେ । ତାଙ୍କ ପାଖରେ କାମକଲେ କିଛି ଅସୁବିଧା ନାଇଁ ।"

କେନ୍ କକା ସବୁକଥା ଶୁଣିଲାପରେ ସେ ଚାକିରି ବିଷୟରେ ଯାଇ ବୁଝିବେ ବୋଲି ରାଜି ହେଲେ । ଯାଇ ପହଞ୍ଚିଲା ବେଳକୁ ମହାରାଣୀ ନଥିଲେ । ତେଣୁ ତାଙ୍କର ମହାରାଜାଙ୍କ ସହ ସାକ୍ଷାତ ହେଲା ।

ମହାରାଜାଙ୍କର ପ୍ରଥମ ପ୍ରଶ୍ନ ଥିଲା, "ତୁମେ ଟେନିସ୍ ଖେଳ ?"

କେନ୍ କକାଙ୍କର ମନେ ପଡ଼ିଲା, ସେ ସ୍କୁଲ୍‌ରେ ପଢିଲାବେଳେ କେବେ କେମିତି ଟିକେ ଟେନିସ୍ ଖେଳିଥିଲେ । ଅଗତ୍ୟା ସେ 'ହଁ' ଭରିଲେ ।

"ତା'ହେଲେ ତ ଚାକିରିଟି ତୁମର"—କହିଲେ ମହାରାଜା । "ମୁଁ ଦି'ଜଣିଆ ଖେଳପାଇଁ ଜଣେ ଚତୁର୍ଥ ଖେଳାଳି ଖୋଜୁଥିଲି । .....ଆଚ୍ଛା କହିଲ, ତୁମେ କ'ଣ କେମ୍ବ୍ରିଜ ଫେରନ୍ତା?"

"ନାଇଁ, ମୁଁ ଅକ୍ସଫୋର୍ଡରେ ଥିଲି ।" ଉତ୍ତରଦେଲେ କେନ୍ କକା ।

ମହାରାଜା ଖୁସି ହେଇଗଲେ । ଜଣେ ଅକ୍ସଫୋର୍ଡରେ ପଢିଥିବା ଓ ଟେନିସ୍ ଖେଳ ଜାଣିଥିବା ଲୋକହିଁ ସେ ଖୋଜୁଥିଲେ ପିଲାମାନଙ୍କର ଘରୋଇଶିକ୍ଷକ କରିବାପାଇଁ ।

ମହାରାଜାଙ୍କ ସହ ସାକ୍ଷାତ ଆଲୋଚନା କଥା କେନ୍ କକା ଜେଜେମା'ଙ୍କ ଆଗରେ ଯେତେବେଳେ ବର୍ଣ୍ଣନା କଲେ, ଜେଜେମା' ପଚାରିଲେ—"ହେଲେ ତୁ ଅକ୍ସଫୋର୍ଡରେ ପଢ଼ିନୁ, ମିଛ କହିଲୁ କେମିତି ?"

"କାହିଁକି ? ମୁଁ ଅକ୍ସଫୋର୍ଡରେ ନଥିଲି କି ? ତୁମର ମନେ ନାଇଁ ? ତୁମ ଭାଇ ଜିମ୍ ସହ ସେଠି ମୁଁ ଦୁଇବର୍ଷକାଳ କଟେଇ ନଥିଲି ?"

"ହଁ ଯେ, କିନ୍ତୁ ତୁ ସେଠି ତାକୁ ତା' ଦୋକାନରେ ସାହାଯ୍ୟ କରୁଥିଲୁ । ତୁ'ତ ବିଶ୍ୱବିଦ୍ୟାଳୟ ମାଡ଼ିନୁ !"

"ଦେଖ, ମହାରାଜା ମତେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ମୁଁ ପଢିଛି କି ନାହିଁ ସେକଥା ପଚାରିନାହାନ୍ତି । ସେ କେବଳ ମତେ ପଚାରିଲେ, "ତମେ କ'ଣ କେମ୍ବ୍ରିଜ ଫେରନ୍ତା ?" ମୁଁ କହିଲି, "ନାଇଁ, ମୁଁ ଅକ୍ସଫୋର୍ଡରେ ଥିଲି", ଯୋଉଟା କି ନିରାଟ ସତକଥା । ମୁଁ ଅକ୍ସଫୋର୍ଡରେ କ'ଣ କରୁଥିଲି, ସେକଥା ସେ ମତେ ପଚାରିନାହାନ୍ତି ।" ଯେ, ସେଥିରେ କ'ଣଟା

ବିଗଡ଼ିଯିବ ।" ଏତକ କହି ସୁସୁରିମାରି କେନ୍ କକା ବାହାରିଲେ ବୁଲିବାକୁ ।

ଏଥର ତାଙ୍କ ଚାକିରିରେ କେନ୍ କକା ପ୍ରକୃତରେ ସଫଳ ହେଲେ । ଏକଥା ଆମକୁ ଆଶ୍ଚର୍ଯ୍ୟ କଲା । ଅବଶ୍ୟ, ଏ ସଫଳତା କେବଳ ପ୍ରଥମ କେତେଦିନ ପାଇଁ ସ୍ଥାୟୀ ରହିଲା ।

ମହାରାଜା ନିଜେ ଜଣେ ଅତି ନିକୃଷ୍ଟ ଧରଣର ଟେନିସ୍ ଖେଳାଳୀ । ତାଙ୍କଠାରୁ ଯେ ଆହୁରି କେହି ଜଣେ ନିକୃଷ୍ଟତର ଅଛି, ଏଇ ଆବିଷ୍କାରଟି ତାଙ୍କୁ ବହୁତ ଆନନ୍ଦ ଦେଇଥିଲା । ତେଣୁ ଚାରିଜଣିକିଆ ଖେଳରେ ଜଣେ ସଙ୍ଗୀ କରିବା ବଦଳରେ ସେ କେନ୍‌କକାଙ୍କୁ ଦୁଇଜଣିଆ ଖେଳର ଜଣେ ପ୍ରିୟ ପ୍ରତିଦ୍ୱନ୍ଦୀଭାବରେ ବାଛିଲେ । ଯେପର୍ଯ୍ୟନ୍ତ ମହାରାଜାଙ୍କ ସହିତ ଖେଳିଲାବେଳେ କେନ୍ କକା ହାରିବାରେ ଲାଗିଥିଲେ, ସେଯାଏଁ ତାଙ୍କର ଚାକିରିଟି ସୁରକ୍ଷିତ ଥିଲା ।

ଚାକିରିଦାତା ମହାରାଜାଙ୍କ ସହ ଖେଳପୋଷାକ ପିନ୍ଧି ବିଭିନ୍ନ ପ୍ରତିଯୋଗିତାରେ ବ୍ୟସ୍ତଥାଇ ବି ମଝିରେ ମଝିରେ ସମୟକରି ସେ ପିଲାଙ୍କୁ ହସ୍ତାକ୍ଷର, ପଠନ ଓ ଗଣିତ ଆଦି ପଢେଇଦେଇ ଆସନ୍ତି । ମତେ ବି କେତେବେଳେ କେମିତି ସାଙ୍ଗରେ ନିଅନ୍ତି, ତାଙ୍କ ଅଙ୍କପଢାରେ ସାହାଯ୍ୟ କରିବାପାଇଁ । ବିଶେଷକରି ଫେଡ଼ାଣରେ କେନ୍ କକା ବହୁତ ଦୁର୍ବଳ ।

ମହାରାଜାଙ୍କ ପିଲାମାନେ ମୋ' ଠାରୁ ସାନ । ମତେ କେନ୍ କକା ନେଇ ସେମାନଙ୍କ ପାଖରେ ଛାଡିଦିଅନ୍ତି । କହନ୍ତି-"ସେମାନେ ଯେମିତି ତାଙ୍କ ଅଙ୍କଗୁଡିକ ଠିକ୍ କରନ୍ତି, ସେକଥା ପ୍ରତି ନଜର ରଖିଥିବୁ ରଞ୍ଜି ।" ଏତିକି କହି ପକେଟରେ ହାତ ପୂରାଇ ସେଇ ପୁରୁଣା ବେସୁରା ଢଙ୍ଗରେ ସୁସୁରି ମାରି ଟେନିସ୍ ପଡ଼ିଆଆଡ଼େ ଚାଲିଯାଆନ୍ତି ସେ ।

ଦୁଇଜଣଯାକ ଛାତ୍ରଛାତ୍ରୀ ସମାନ ଗଣିତରେ ଦୁଇଟା ଅଲଗା ଅଲଗା ଉତ୍ତର ଲେଖିଥିଲେ ବି, ସେ ପିଠି ଥାପୁଡ଼େଇ ସାବାସି ଦେଇ କହନ୍ତି-"ବାଃ, ଚମତ୍କାର । ମୁଁ ଖୁସି ଯେ ତୁମେ ଦୁଇଜଣ ବହୁତ ପରିଶ୍ରମ କରୁଛ । ମୁଁ ଜାଣେ, ତୁମ ଭିତରୁ ଜଣେ ଠିକ୍ ଲେଖିଚି, ଜଣେ ଭୁଲ୍ ଲେଖିଚି, କିନ୍ତୁ ଜଣେ କାହାକୁ ନିରୁତ୍ସାହିତ କରିବାକୁ ମୁଁ ଚାହୁଁନାହିଁ । ତେଣୁ କହିବି ନାଇଁ କିଏ ଠିକ୍ ଲେଖିଛି ଆଉ କିଏ ଭୁଲ ଲେଖିଛି ।"

ମାତ୍ର ଘରକୁ ଫେରିଲାବେଳେ ବାଟରେ ସେ ମତେ ପଚାରନ୍ତି- "କାହାର ଉତ୍ତର ଠିକ୍ ଥିଲାକିରେ ରଞ୍ଜି ?"

ମୁଁ ଉତ୍ତର ଦିଏ, "କକା, ସେ ଦୁଇଜଣଙ୍କର ଉତ୍ତର ଭୁଲ୍‌ଥିଲା ।"

କେନ୍ କକା ସବୁବେଳେ କହୁଥିଲେ, ଯଦି ସେ ମହାରାଜାଙ୍କୁ ଟେନିସ୍ ଖେଳରେ ହରାଇନଥାନ୍ତେ, ତେବେ ତାଙ୍କର ଚାକିରି କେବେହେଲେ ଯାଇନଥାନ୍ତା ।

କେନ୍ କକା ଯେ ଖେଳରେ ଜିତିବାକୁ ଚାହୁଁଥିଲେ, ତା'ନୁହଁ । ହେଲେ କଥା ହେଲା, ମହାରାଜାଙ୍କର କର୍ମଚାରୀ ଓ ଅତିଥିମାନଙ୍କ ସହ ଖେଳି ଖେଳି ତାଙ୍କର ଖେଳରେ କିଛି ଉନ୍ନତି ହୋଇଥିଲା । ତେଣୁ ଖେଳିଲାବେଳେ ହାରିବାପାଇଁ ଯେତେ ଚେଷ୍ଟାକଲେ ବି ମହାରାଜାଙ୍କର ଅତି ନିମ୍ନ ମାନର ଖେଳଯୋଗୁଁ ସେ ଜିତିବାକୁ ବାଧ୍ୟ ହୋଇଥିଲେ ।

ଏତିକିରେ ମହାରାଜା ରାଗି ନିଆଁବାଣ ।

ନିଶକୁ ଫୁଲେଇ ସେ କହିଥିଲେ, "ବୁଝିଲ ମିଷ୍ଟର ବଣ୍ଡ୍, ଖେଳରେ ହାରିବାର ମହତ୍ତ୍ୱ ତୁମେ କାହୁଁ ବୁଝିବ ? ସମସ୍ତେ ସବୁବେଳେ ଜିତନ୍ତିନି । କେହି ହାରିବାକୁ ପ୍ରସ୍ତୁତ ନହେଲେ, ଏ ସଂସାର ଚଳିବ କେମିତି ?" କେନ୍ କକା ହାତମଳି କହିଥିଲେ, "ମୁଁ ବଡ଼ ଦୁଃଖିତ ଆଜ୍ଞା । ହଜୁର ବିଶ୍ୱାସ କରନ୍ତୁ, କେମିତି ଭୁଲରେ ମୁଁ ଜିତିଗଲି ଏଇଥରଟା ।"

କକାଙ୍କୁ ମହାରାଜା ମାଫ୍ କରିଦେଇଥିଲେ । କିନ୍ତୁ ସପ୍ତାହେ ପରେ ସେଇକଥା ପୁଣି ହେଲା । କେନ୍ କକା ଆଉଥରେ ଜିତିଗଲେ । ଏଥର ମହାରାଜା ପଦେମାତ୍ର ପାଟି ନ ଫିଟେଇ ଖେଳପଡିଆରୁ ଝଡ଼ଭଳି ଚାଲିଗଲେ ।

ତା'ପରଦିନ ପିଲାମାନଙ୍କୁ ପଢେଇଲାବେଳେ ସେ ଆସି ପହଞ୍ଚିଗଲେ । ସେଦିନ ବି ସବୁ ଦିନପରି କେନ୍ କକା ଓ ତାଙ୍କର ଛାତ୍ରଛାତ୍ରୀ 'ଛକଶୁନ' ଖେଳରେ ମାତିଥିଲେ ।

ମହରାଜା ଗମ୍ଭୀର ଭାବରେ କହିଲେ, "ମିଷ୍ଟର ବଣ୍ଡ୍, ଏଣିକି ଆପଣ ଆଉ ଏଠିକି ଆସିବା ଦରକାର ନାହିଁ । ଆଗରୁ ନୋଟିସ୍ ଦେବା ବଦଳରେ ମାସକର ଦରମା ଆପଣଙ୍କୁ ଦେଇଦବାକୁ ମୁଁ ମୋ' ବ୍ୟକ୍ତିଗତ ସହକାରୀଙ୍କୁ କହିଦେଇଛି ।"

ପକେଟରେ ହାତ ପୂରେଇ ସୁସୁରି ମାରି କେନ୍ କକା ମନଖୁସିରେ ଘରକୁ ଫେରିଆସିଲେ ।

ଜେଜେମା' ଦେଖୁ ଦେଖୁ ପଚାରିଲେ, "କିରେ ଏତେ ସଅଳ କେମିତି ?"

"ସେମାନେ ମତେ ଆଉ ରଖିବାକୁ ଚାହିଁଲେନି", ଉତ୍ତର ଦେଲେ କେନ୍ କକା ।

"ହଉ, ଛାଡ୍ ସେକଥା,... ଆ' ଚା' ପିଇବୁ ।"

ଜେଜେମା' ବୋଧେ ଜାଣିଥିଲେ ଯେ ସେ ଚାକିରି ବେଶି ଦିନପାଇଁ ନୁହଁ ଏବଂ ସିଏବି ଏସବୁ କଥାକୁ ବେଶି ଖୋଳତାଡ଼ କରନ୍ତିନି । ଅନେକ ଦିନପରେ କହିଲେ, "ଯା'ହଉ, ସେ ଚେଷ୍ଟାକଲା ତ ! ଅନ୍ୟ ଚାକିରିମାନଙ୍କ ଅପେକ୍ଷା ସେ ଏଠିତ ଅଧିକ ଦିନ ରହିଲା-ପ୍ରାୟ ଦୁଇ ମାସକାଳ !"

କେନ୍ କକାଙ୍କ ଗାଡ଼ିଚଳା

ତା'ପର ଥର ମୁଁ ଡେରାଡୁନ୍‌କୁ ଆସିଲାବେଳେ, ମୋହନ ମତେ ଷ୍ଟେସନରେ ଭେଟିଲା । ଆମେ ଜିନିଷପତ୍ର ଗୋଟେ ଘୋଡ଼ାଗାଡ଼ିରେ ଲଦି ଧଡ଼୍‌କଚ, ଝମର ଝମର ଶବ୍ଦକରି ଡେରାଡୁନ୍‌ର ନିରୋଳା ରାସ୍ତାରେ ଚାଲିଲୁ ଜେଜେମା'ଙ୍କ ଘରକୁ ।

ମୁଁ ପଚାରିଲି, "ମୋହନ, କ'ଣ ସବୁ ଖବର କହିଲୁ ।"

-"ସେମିତି କିଛି କହିଲାଭଳି ଖବର ନାହିଁ । କେତେ ସାହେବଲୋକ ଘର ବିକିଦେଇ ପଳେଇଯାଉଚନ୍ତି । ହଁ, 'ସୁଜି' ଛୁଆଦେଇଛି ।"

ଜେଜେମା' ଜାଣିଥିଲେ, ମୁଁ ଟ୍ରେନ୍‌ରେ ଦୁଇ ରାତି ବସି ବସି ଆସିଛି, ଭୋକିଲା ହୋଇଥିବି ନିଶ୍ଚେ । ତେଣୁ ସେ ମୋପାଇଁ ବହୁତଗୁଡ଼େ ଜଳଖିଆ ତିଆରିକରି ରଖିଥିଲେ । ଷିରୀ, ଅଣ୍ଡାଗୋଳା ପାଉଁରୁଟି ଭଜା, ଟମାଟୋ ଦିଆ ମସଲାମାଂସ ଆଉ ସେକା ପାଉଁରୁଟି ସାଙ୍ଗକୁ ଫଳଲହୁଣୀ । ଏସବୁ ସହ ପୁଣି ଖାଲି କ୍ଷୀରରେ ଚା' ।

ଖାଉ ଖାଉ ସେ କହିଲେ, "କେନ୍ କକାଠାରୁ ଗୋଟେ ଚିଠି ଆସିଥିଲାରେ ।"

-"ସିଏ ଲେଖିଥିଲା, କୁଆଡ଼େ ଫିପୋ ହୋଟେଲରେ ସେ ଆସିଷ୍ଟାଣ୍ଟ ମେନେଜର କାମ କରୁଚି । ଦରମା ଖୁବ୍ ଭଲ । ଖାଇବା ରହିବା ମଧ୍ୟ ମାଗଣା । ଲାଗୁଛି ଭଲ ଚାକିରିଟିଏ । ସିଏ ସେଇଠି ରହିଯିବ ବୋଧେ ।"

ଏ କଥାବାର୍ତ୍ତାର ମାତ୍ର ତିନିଦିନପରେ କେନ୍ କକା ତାଙ୍କ ଶେଯପୁଟୁଳା ଓ ଭଙ୍ଗାବାକ୍ସ ଧରି ବାରଣ୍ଡାରେ ଆସି ହାଜର ହୋଇଗଲେ ।

ଜେଜେମା' ଦେଖୁ ଦେଖୁ ପଚାରିଲେ, "କିରେ ! କ'ଣ ସେ ହୋଟେଲ ଚାକିରି ଛାଡ଼ିଦେଲୁ କି ?"

କେନ୍ କକା କହିଲେ, "ନାଇଁ ନାଇଁ, ସେମାନେ ହୋଟେଲ କାରବାର ବନ୍ଦ କରିଦେଲେ ।"

"ତୋ ଯୋଗୁଁ ହୋଟେଲ ବନ୍ଦ ହେଲାନି ତ !" ପଚାରିଲେ ଜେଜେମା ।

-"ନାଇଁ ଖୁଡ଼ୀ, ଶୈଳନିବାସମାନଙ୍କରେ ଯେତେସବୁ ବଡ଼ ହୋଟେଲ ଥିଲା, ସବୁଯାକ ଧୀରେଧୀରେ କାରବାର ବନ୍ଦ କରିଦେଉଛନ୍ତି । "

-"ହଉ, ଛାଡ଼ ସେକଥା । ଶୀଘ୍ର ଚାଲିଆ' । ଜଳଖିଆଟିକେ ଖାଇଦବୁ । ଆଜି କୋଫ୍‌ତା ତରକାରୀ କରିଛି । ରଷ୍ଟିଙ୍କୁ ସେ ତରକାରୀ ବଢ଼ିଆ ଲାଗେ ତ !"

-"ଓହୋ, ସିଏବି ଏଇଠି ଅଛି ? ମୋର ଗୁଡ଼େ ପୁତୁରା ଝିଆରୀ । ହେଲେ ମାବେଲ୍‌ର ସେ ଝିଅ ଦିଇଟାଙ୍କଠୁ' ରଷ୍ଟି ଢେର ଭଲ । ସିମଳାରେ ମୁଁ ଯେତିକି ଦିନ ସେମାନଙ୍କ ସାଙ୍ଗରେ ରହିଲି, ସେମାନେ ମତେ ରଖେଇ ବସେଇ ଦେଲେନି ।"

ଜଳଖିଆ (ସେତେବେଳେ ଦିପହର ଖିଆକୁ ସେଇଆ କୁହାଯାଉଥିଲା) ଖାଇଲାବେଳେ, କେନ୍ କକା ବଞ୍ଚିବାପାଇଁ ରୋଜଗାରର ଗୁରୁତ୍ୱ ଉପରେ ବହୁତ ଗମ୍ଭୀର ହୋଇ ଅନେକ କଥା କହିଲେ ।

କହୁ କହୁ ସେ ଆରମ୍ଭ କଲେ, "ଡେରାଡୁନ୍‌ରେ ମାତ୍ର ଗୋଟିଏ ବୋଲି ଟାକ୍‌ସି । ଆଉ ଗୋଟେ ଟାକ୍‌ସି ପକେଇଲେ କେମିତି ହୁଅନ୍ତା ?"

ଜେଜେମା' ସମର୍ଥନ କରି କହିଲେ, "ହଁ ହଁ, ଭଲ ହୁଅନ୍ତା । ହେଲେ ତୋ'ର ସେଥିରେ କ'ଣ ଅଛି ! ପ୍ରଥମ କଥା, ତୋର ତ' ଟାକ୍‌ସି ନାହିଁ । ଦ୍ୱିତୀୟରେ ତୁ ବି ଗାଡ଼ି ଚଳେଇ ଜାଣିନୁ ।"

"ଖୁବ୍ ଶୀଘ୍ର ମୁଁ ଶିଖିଯିବି ଯେ । ଏଠି ଗୋଟେ ଡ୍ରାଇଭିଂ ସ୍କୁଲ ଅଛି । ଆଉ କକାଙ୍କର ଯୋଉ କାରଟା ଅଛି, ସେଟାକୁ ମୁଁ କାମରେ ଲଗେଇ ପାରିବି । ସେଇଟା ଅଯଥା ବର୍ଷ ବର୍ଷ ଧରି ଗ୍ୟାରେଜରେ ପଡ଼ି ଧୂଳି ହେଉଛି ।" (କେନ୍‌କକା ମୋ ଜେଜେବାପାଙ୍କ କାର୍ କଥାହିଁ କହୁଥିଲେ । ସେଇଟା ଗୋଟେ 1925 ମସିହା ତିଆରି ହିଲ୍‌ମାନ ରୋଡ୍‌ଷ୍ଟର । ପ୍ରାୟ କୋଡ଼ିଏ ବର୍ଷର ପୁରୁଣାଗାଡ଼ି) ।

ଜେଜେମା' ଗୁଣୁଗୁଣୁ କହିଲେ, "ମୁଁ ଭାବୁଚି ସେଟା ଏବେ ଆଉ ଚାଲିବନି ।"

କେନ୍ କକା ଛାଡ଼ିବା ଲୋକ ନୁହଁ । କହିଲେ, "ନିଶ୍ଚୟ ଚାଲିବ । ଟିକେ ତେଲଫେଲ ଦେଇ ରଙ୍ଗକରି ବାଗେଇଦେଲେ ହେଲା ।"

"ତା'ହେଲେ ଗାଡ଼ି ଚଳେଇବା ଶିଖିଯା' । ତା'ପରେ ଯାଇ ରୋଡ୍‌ଷ୍ଟର ଗାଡ଼ି କଥା ବିଚାର କରିବା ।"

ଏଥର କେନ୍ କକା ଡ୍ରାଇଭିଂ ସ୍କୁଲରେ ଯାଇ ଯୋଗଦେଲେ ।

ସବୁଦିନେ ସନ୍ଧ୍ୟାରେ ଘଣ୍ଟାଏ ଲେଖାଁ ସେ ନିୟମିତ ଯାଇ ଶିଖିବାକୁ ଲାଗିଲେ । ଜେଜେମା'ଙ୍କୁ ସ୍କୁଲ ବାବଦ ସବୁ ଖର୍ଚ୍ଚ ଦେବାକୁ ପଡ଼ିଲା ।

ମାସେ ପରେ କେନ୍ କକା ଘୋଷଣା କଲେ ଯେ, ତାଙ୍କୁ ଗାଡ଼ି ଚଳେଇବା ଆସିଗଲା, ଅତଏବ ସେ ରୋଡ୍‌ଷ୍ଟର ଗାଡ଼ିଟିକୁ ପରଖିବାପାଇଁ ରାସ୍ତାକୁ ବାହାର କରିବେ ।

ଜେଜେମା' କିନ୍ତୁ ପ୍ରତିବାଦ କଲାଭଳି କହିଲେ, "ହେଲେ ତୋ'ର ତ ଏଯାଏଁ ଲାଇସେନ୍‌ସ ନାହିଁ ।"

ସେଇଠୁ କେନ୍ କକା କହିଲେ, "ମୁଁ କ'ଣ ଗାଡ଼ିଟାକୁ ବେଶିବାଟ ନେବିକି ? ଏଇ ରାସ୍ତାର ସେମୁଣ୍ଡରୁ ଯାଇ ଫେରିଆସିବି ।"



ସକାଳ ସାରା ଲାଗି ସେ କାର୍‌ଟାକୁ ସଫାସଫି କଲେ । ଜେଜେମା' ଗୋଟାଏ ଟିଣ ପେଟ୍ରୋଲ କିଣିବାପାଇଁ ପଇସା ଦେଲେ ତାଙ୍କୁ ।

ଚା' ଖିଆ ସରିବା ପରେ କେନ୍ କକା କହିଲେ, "ରଷ୍ଟି, ଚାଲିଆ ଗାଡ଼ି ଭିତରକୁ । ମୁଁ ତତେ ଟିକେ ବୁଲେଇ ଆଣେ । ମୋହନକୁ ବି ତୋ ସାଙ୍ଗରେ ଆଣିବୁ ଯଦି ଆଣ୍ ।"

ମୁଁ କିମ୍ବା ମୋହନ ତାଙ୍କ ସହ ଯିବାକୁ ଚାହୁଁ ନଥିଲୁ । ତେଣୁ ମୁଁ କହିଲି, "ନାଇଁ କକା, ପରେ କେବେ ଯିବୁ । ଏଇଲେ ନୁହଁ ।"

ଏତିକିବେଳେ ଜେଜେମା' ବ୍ୟସ୍ତହୋଇ କହିଲେ, "କେନ୍, ଦେଖିଚାହିଁ ଗାଡ଼ି ଚଳେଇବୁ । ଜୋର୍‌ରେ ଯିବୁନି । ତୁ ଏଯାଏଁ ଠିକ୍ ଅଭ୍ୟସ୍ତ ହୋଇନୁ ଗାଡ଼ି ଚଳେଇବାରେ ।"

କେନ୍ କକା ହସି ହସି ମୁଣ୍ଡହଲେଇ 'ହଁ' କଲେ ଏବଂ ପଁ ପଁ କରି ଦିଥର ଖଣ୍ଡେ ଗାଡ଼ିର ହର୍ଣ୍ଣଟାକୁ ବଜେଇଦେଲେ । ବଡ଼ ଖୁସି ଜଣାପଡୁଥିଲେ ସେ ନିଜ ଉପରେ ।

ମିସ୍ କେଲନର୍ ସଞ୍ଜବେଳେ ବୁଲିଯିବାପାଇଁ ସେଇ ସମୟରେ ଘରୁ ବାହାରୁଥିଲେ । ଯେମିତି ସେ କେନ୍ କକାଙ୍କୁ ଗାଡ଼ିଚଳେଇବାର ଦେଖିଚନ୍ତି, ଦଉଡିଯାଇ ପଶିଗଲେ ଘରେ ।

କକା ସେମିତି ହର୍ଣ୍ଣ ବଜେଇ ବଜେଇ ସିଧାସଳଖ ଜୋର୍‌ରେ ଗାଡ଼ି ଚଳାଉଥାଆନ୍ତି ।

ରାସ୍ତା ଶେଷରେ ଗୋଟାଏ ଗୋଲେଇ ଛକ ଥାଏ । କକା ଭାବିଲେ ସେଇଠି ସେ ଗାଡ଼ିଟାକୁ ବୁଲେଇ ପୁଣି ପଛକୁ ଫେରିବେ ।

ଷ୍ଟିଅରିଂକୁ ଧରି ବୁଲେଇଲେ ସେ । ଧୀରେ ଧୀରେ ଗାଡ଼ିଟି ଗୋଲେଇ ଛକ ଚାରିପଟେ ବୁଲୁଥାଏ, ମାତ୍ର ଷ୍ଟିଅରିଂଟା ପୂରା ବୁଲୁନଥାଏ । କେନ୍ କକା ଯେତିକି ମୋଡ଼ିବାକୁ ଚାହୁଁଥିଲେ ସେତିକି ମୋଡ଼ି ନହେବାରୁ ସେ ଡାହାଣକୁ ମୋଡ଼ି ନାକସିଧା ଗାଡ଼ିଟାକୁ ଚଳେଇନେଲେ । ସିଧାସଳଖ ଗାଡ଼ିଟାଯାଇ ଗୁଲ୍‌ପନ୍‌ର ମହାରାଜାଙ୍କ ବଗିଚା କାଛରେ ମାଡ଼ ହେଲା । ପାଞ୍ଚ ଇଞ୍ଚିଆ କାନ୍ଥ । ରୋଡ଼୍‌ଷ୍ଟର୍ ଗାଡ଼ିଟା ପାଚେରି ଭାଙ୍ଗି ବାହାରିଗଲା ଆରପଟକୁ । ଗାଡ଼ିର କିଛି କ୍ଷତି ହେଲାନି କି ଚାଳକର କିଛି କ୍ଷତି ହେଲାନି । ମହାରାଜାଙ୍କ ଲନ୍ ମଝିରେ ଯାଇ କେନ୍ କକା ବନ୍ଦକଲେ ଗାଡ଼ି ।

ଲନ୍ ସେପଟୁ କର୍ମଚାରୀମାନଙ୍କ ସହ ଦଉଡ଼ି ଆସିଲେ ନିଜେ ମହାରାଜା । କିନ୍ତୁ ଯେତେବେଳେ ଦେଖିଲେ ଯେ କେନ୍ କକା ଗାଡ଼ି ଚଳାଉଛନ୍ତି, ବଡ଼ ଆନନ୍ଦିତ ଦେଖାଗଲେ ସେ । କହି ଉଠିଲେ, "ଆରେ ଭାଇ ଆପଣ ! ବଡ଼ ଖୁସିର କଥା ଯେ ଆପଣ ଆସିଛନ୍ତି । ଗୋଟାଏ ବାଜି ଟେନିସ୍ ଖେଳହେଲେ କେମିତି ହୁଅନ୍ତା ?"

କେନ୍ କକାଙ୍କ କ୍ରିକେଟ ଖେଳ

ମହାରାଜାଙ୍କ ସହ ବନ୍ଧୁତା ଫେରିପାଇଥିଲେ ବି କେନ୍ କକାଙ୍କୁ ଆଉ ଚାକିରି ମିଳିନଥିଲା ।

ରୋଡ଼ଷ୍ଟର୍ ଗାଡ଼ି ପୁଣି ଥରେ ପଦାକୁ ବାହାର କରିବାକୁ ମନା କରିଦେଇଥିଲେ ଜେଜେମା' । ତେଣୁ ଅଭିମାନରେ ମୁହଁ ଫୁଲେଇଥିଲେ କକା । ତାଙ୍କର ମତ ହେଲା, ସବୁଭୁଲ ସେଇ ଜେଜେବାପାଙ୍କର, କାରଣ ଦଶବର୍ଷତଳେ ସେ ଯେତେବେଳେ ବଞ୍ଚିଥିଲେ, ସେତିକିବେଳୁ ସେ ଷ୍ଟିଅରିଂଟାକୁ ବାଗେଇଦବା ଉଚିତ୍ ଥିଲା । ଚା ଆଉ ଜଳଖିଆ ଖାଇବା ମଝିରେ କେନ୍ କକା ଦୁଇଘଣ୍ଟାପାଇଁ ଉପବାସର ହରତାଳ କଲେ ସେଦିନ । ତେଣିକି ଅନେକ ଦିନଯାଏଁ ତାଙ୍କର ସୁସୁରି ମାରିବା ବନ୍ଦ ହେଇଗଲା ।

ଜେଜେମା' ଦିନେ କହିଲେ, "ଯା' ହେଉ ! ଏତେଦିନକେ ଘରଟା ଟିକେ ଚୁପ୍‌ଚାପ୍ ଲାଗୁଛି ।"

ତା'ପରେ ହଠାତ୍ ଦିନେ କକା ଘୋଷଣା କଲେଯେ, ସେ ଲକ୍ଷ୍ନୌ ଚାଲିଯିବେ ଏମିଲି ନାନୀଙ୍କ ପାଖରେ ରହିବାପାଇଁ ।

ଜେଜେମା' କହିଲେ, "ଦେଖ୍, ତା' ମୁଣ୍ଡ ଉପରେ ତିନୋଟି ପିଲା ଆଉ ଗୋଟେ ସ୍କୁଲ୍‌ର ଦାୟିତ୍ୱ । ସେଠି ବେଶିଗୁଡ଼େ ଦିନ ରହିବୁନି ।"

ମୁହଁ ଓହଳେଇ ଗାଉଁ ଗାଉଁ ସ୍ୱରରେ କେନ୍ କକା କହିଲେ, "ମୁଁ ସେଠି ଯେତେଦିନ ରହିଲେ ବି ସେ ମନଖରାପ କରିବନି ।" ଏତକ କହି ସେ ବାହାରିଗଲେ ପଦାକୁ ।

ତାଙ୍କର ଲକ୍ଷ୍ନୌ ଗସ୍ତ କିନ୍ତୁ ବଡ଼ ଚମକପ୍ରଦ ହୋଇଥିଲା । ଅନେକ ଦିନପରେ ଆମେ କେବଳ ସେକଥା ଶୁଣିବାକୁ ପାଇଲୁ ।

କେନ୍ କକା ଲକ୍ଷ୍ନୌ ଷ୍ଟେସନ୍‌ରେ ଯାଇ ଓହ୍ଲାଇବାମାତ୍ରେ ତାଙ୍କୁ ଘେରିଗଲେ ଦଳେ ଲୋକ । ସମସ୍ତେ ହାତ ହଲେଇ ହିନ୍ଦୀ, ଉର୍ଦ୍ଦୁ ଓ ଇଂରାଜୀ ଆଦି ଭିନ୍ନଭିନ୍ନ ଭାଷାରେ ତାଙ୍କୁ ଅଭିବାଦନ ଜଣାଉଥାନ୍ତି । କିଛି ଠଉରେଇବା ପୂର୍ବରୁ ଆମ କେନ୍ କକା ଗେଣ୍ଡୁଫୁଲମାଳରେ ଘୋଡିହୋଇ ପଡ଼ିଲେ । ଏତିକିବେଳେ ଜଣେ ଯୁବକ ଆଗକୁ ମାଡ଼ିଆସି ଘୋଷଣାକଲା, "ଗୋମତୀ କ୍ରିକେଟ ଆସୋସିଏସନ ଆପଣଙ୍କୁ ଐତିହାସିକ ଲକ୍ଷ୍ନୌ ସହରକୁ ସ୍ୱାଗତ କରୁଛି ।"

ଏବଂ ଏତିକି କହି ସେ ସଙ୍ଗେସଙ୍ଗେ କେନ୍ କକାଙ୍କୁ ଷ୍ଟେସନ୍‌ରୁ ଭିଡିନେଇ ଚାଲିଗଲା ବାହାରେ ଆଗରୁ ଅପେକ୍ଷା କରିଥିବା କାର୍ ଭିତରକୁ ।

ଗାଡ଼ିଟି ଯେତେବେଳେ ଷ୍ଟାଡିୟମ୍ ଭିତରେ ପହଞ୍ଚିଲା, ସେତେବେଳେ ଯାଇ କେନ୍ କକାଙ୍କର ହୃଦୟଙ୍ଗମ ହେଲାଯେ, ତାଙ୍କୁ ଏବେ ଗୋଟେ କ୍ରିକେଟ ମ୍ୟାଚ୍‌ରେ ଖେଳିବାକୁ ପଡ଼ିବ ।

ଘଟଣାଟି ଏହିପରି ଥିଲା:

ଇଂଲଣ୍ଡର ପ୍ରସିଦ୍ଧ କ୍ରିକେଟ ଖେଳାଳି ବ୍ରୁସ୍ ହାଲାମ୍ ଭାରତ ଗସ୍ତରେ ଆସିଥିଲେ ଏବଂ ସେ ଲକ୍ଷ୍ନୌରେ ଦାତବ୍ୟ ଉଦ୍ଦେଶ୍ୟରେ ହେଉଥିବା ଗୋଟିଏ ମ୍ୟାଚ୍‌ରେ ଖେଳିବାପାଇଁ ରାଜି ହୋଇଥିଲେ । ମାତ୍ର, ତା'ର ପୂର୍ବଦିନ ଦିଲ୍ଲୀଠାରେ ରହଣି ସମୟରେ ତାଙ୍କର ପେଟ ଗୋଳମାଳ ହେଲା । ତେଣୁ ଠିକ ସମୟରେ ଟ୍ରେନ ଧରିବା ପାଇଁ ଶେଯରୁ ସେ ଉଠିପାରିଲେ ନାହିଁ । ଖେଳର ସଂଗଠକମାନଙ୍କୁ ଏ ବିଷୟରେ ସେ ଗୋଟିଏ ଟେଲିଗ୍ରାମ ଅବଶ୍ୟ ପଠେଇଥିଲେ, କିନ୍ତୁ ଅନେକ ଟେଲିଗ୍ରାମ ପରି ଟେଲିଗ୍ରାମ୍‌ଟି ମଧ୍ୟ ଠିକଣା ସ୍ଥାନରେ ପହଞ୍ଚି ପାରିଲାନି । ଲକ୍ଷ୍ନୌର କ୍ରିକେଟପ୍ରେମୀ ଜନତା ଶହ ଶହ ସଂଖ୍ୟାରେ ଏ ପ୍ରସିଦ୍ଧ କ୍ରିକେଟ୍ ଖେଳାଳିଙ୍କୁ ପାଛୋଟି ଆଣିବାପାଇଁ ଷ୍ଟେସନ୍‌ରେ ପହଞ୍ଚିସାରିଥିଲେ । ଯୋଗ ଏମିତିଯେ, ଆମ କେନ୍ କକାଙ୍କର ଚେହେରାଟି ଠିକ୍ ବ୍ରୁସ୍ ହାଲାମ୍‌ଙ୍କ ପରି । ଏପରିକି ଉଭୟଙ୍କର ମୁଣ୍ଡର ଚନ୍ଦା ଦାଗ ମଧ୍ୟ ସମାନ । ସେଇଥିପାଇଁ ଏତେସବୁ ଗୋଳମାଳ । କେନ୍ କକା ସବୁବେଳେ ଏମିତିଆ ଗୋଳମାଳକୁ ସୁଖପାଆନ୍ତି । କିଛିନଥିଲେ ବି ସେ ଗୋଟେ କିଛି ଭିଆଇ ବସିବେ ।

ଗୋମତୀ କ୍ରିକେଟ ଆସୋସିଏସନ୍ ତରଫରୁ ଏମିତି ଭବ୍ୟ ସମ୍ବର୍ଦ୍ଧନା ପାଇସାରି ଷ୍ଟାଡିୟମଠାରେ ଅତି ଉତ୍ତମ ଯଥେଷ୍ଟ ଜଳଯୋଗ ଉଦରସ୍ଥ କଲାପରେ ତାଙ୍କର ମନ ଆଉ ବଳିଲାନି କହିବାକୁଯେ, ସେ ଖେଳିପାରିବେନି । କଥାଟା ଅସୁନ୍ଦର ହେଇଥାଆନ୍ତା । ସିଏ ଭାବିଲେ, ମୁଁ ଯଦି ଟେନିସ୍ ବଲ୍‌କୁ ଖେଳିପାରୁଚି, ତା'ହେଲେ କ୍ରିକେଟ ବଲ୍‌କୁ ଖେଳିପାରିବିନି କାହିଁକି ? ପୁଣି ଯୋଗକୁ ତାଙ୍କ ସୁଟ୍‌କେଶରେ ଗୋଟିଏ ବ୍ଲେଜର ଓ ହଳେ ଧଳାପୋଷାକ ମହଜୁଦ୍ ଥିଲା ।

ଗୋମତୀ ଦଳ ଟସ୍ ଜିତିଲେ ଓ ପହିଲେ ବ୍ୟାଟ୍ କରିବାପାଇଁ ସ୍ଥିରକଲେ । କେନ୍ କକା ତିନି ନମ୍ବର ଖେଳାଳି ଭାବରେ ଯିବାକଥା, ତାହାହିଁ ଥିଲା ପ୍ରସିଦ୍ଧ ବ୍ରୁସ୍ ହାଲାମ୍‌ଙ୍କର ସବୁବେଳର ସ୍ଥାନ । ଖୁବ୍ ଅଳ୍ପ ସମୟ ଭିତରେ ତାଙ୍କୁ ପଡ଼ିଆ ଭିତରକୁ ଯିବାକୁ ପଡ଼ିଲା । ଗୋଡ଼ରେ ବନ୍ଧାହୋଇଥିବା ପ୍ୟାଡ୍ ତାଙ୍କୁ ବଡ଼ ଅଡୁଆ ଅଡୁଆ ଲାଗୁଥାଏ ।

ତା'ପର ବଲଟି ବାଜିଲା ଯାଇ କେନ୍ କକାଙ୍କ ପ୍ୟାଡ୍‌ରେ । ସେ ପୂରାପୂରି ଉଇକେଟ୍ ସାମନାରେ ଠିଆହୋଇଥିଲେ, ତେଣୁ ଲେଗ୍-ବିଫୋର-ଉଇକେଟ୍ ହେଇ ସେ ଆଉଟ୍ ହେବା କଥା । ମାତ୍ର, ଅମ୍ପାୟାର ମହାଶୟ ଆଙ୍ଗୁଠି ଉଠେଇବାକୁ ଥତମତ ହେଲେ । ଯେତେଯାହା ହେଲେ ଶହଶହ ଲୋକ ପଇସାଦେଇ ଟିକେଟ କିଣି ଆସିଚନ୍ତି ବ୍ରୁସ୍ ହାଲାମ୍‌ଙ୍କ ଖେଳ ଦେଖିବାକୁ । ସେମାନଙ୍କୁ ନିରାଶ କରିଥିଲେ କଥାଟା ଅପମାନଜନକ ହେଇଥାଆନ୍ତା ।



ଅମ୍ପାୟାର ତେଣୁ କହିଲେ-"ନଟ୍ ଆଉଟ ।"

ତୃତୀୟ ବଲ୍‌ଟି କେନ୍‌କକାଙ୍କ ବ୍ୟାଟ୍‌ର କଣରେ ବାଜି ସ୍ଲିପ୍ ଅଞ୍ଚଳଦେଇ ଚାଲିଗଲା ।

ତମ୍ବୁତଳେ ବସିଥିବା ଜଣେ ବୟସ୍କ ଭଦ୍ରଲୋକ କହିପକେଇଲେ, "ବାଃ ଅତି ସୁନ୍ଦର ସଟ୍ ।"

ଆଉ ଜଣେ ମନ୍ତବ୍ୟ କଲେ, "ଚମତ୍କାର ଲେଟ୍-କଟ୍ ।"

ବଲ୍‌ଟି ପଡ଼ିଆ ସୀମା ଡେଇଁଗଲା ଏବଂ କେନ୍ କକାଙ୍କ ଖାତାରେ ଚାରିରନ୍ ବୋଲି ଲେଖାହେଲା । ସେତିକିରେ ସେ ଓଭରର ସମାପ୍ତି ଘଟିଲା । ବର୍ତ୍ତମାନ ଅନ୍ୟ ବ୍ୟାଟ୍‌ସମ୍ୟାନ ଜଣକ ବଲ୍‌ର ସାମନା କଲେ । ସେ ପ୍ରଥମ ବଲ୍‌ଟିକୁ ବ୍ୟାଟରେ ମାରି ଗୋଟିଏ ରନ୍ ନେଇସାରି ଦ୍ୱିତୀୟ ରନ୍‌ଟି ନେବାପାଇଁ ଏ ପଟର ବ୍ୟାଟ୍‌ସମ୍ୟାନ୍‌ଙ୍କୁ ଡ଼ାକ ଦେଲେ । କେନ୍ କକା ଭାବିଲେ ଗୋଟେ ରନ୍‌ତ ହେଲାଣି, ସେତିକି ଥାଉ । ଅଯଥାରେ ପାଗଳଙ୍କ ଭଳି କିଏ ଯାଉଚି ଦଉଡ଼ିବାକୁ । ପୁଣି କ'ଣ ମନ ହେଲା କେଜାଣି ସେ ଆରପଟକୁ ଦଉଡ଼ିବାରେ ଲାଗିଲେ । ଏତିକି ବେଳେ ଫିଲଡ଼ିଂ କରୁଥିବା ଜଣେ ଖେଳାଳି ବଲ ଫୋପାଡ଼ି ଉଇକେଟ୍ ଭାଙ୍ଗିଦେଲେ । କେତେ ଗଜ ଦୂରର ବ୍ୟବଧାନରେ କେନ୍ କକା ରନ୍ -ଆଉଟ୍ ହୋଇଗଲେ । ଏଥରକ ଆଉଟ୍ ନହେଇ ଆଉ ଗତି ନଥିଲା ।

ଦର୍ଶକମାନଙ୍କ ସହାନୁଭୂତିଶୀଳ କରତାଳି ମଧ୍ୟରେ ସେ ଫେରିଲେ ତମ୍ବୁକୁ ।

ବୟସ୍କ ଭଦ୍ରଲୋକ ଜଣେ କହିଲେ, "ଏଇଟା ତାଙ୍କର ଭୁଲ ନଥିଲା । ସବୁ ସେଇ ଅନ୍ୟ ବ୍ୟାଟ୍‌ସମ୍ୟାନ୍‌ର ଦୋଷ । ସେ ଦ୍ୱିତୀୟ ରନ୍ ପାଇଁ ଡାକିବାର ନଥିଲା । ଆଉ ଗୋଟିଏ ରନ୍ ନେବା ସମ୍ଭବ ନଥିଲା ପ୍ରକୃତରେ । ସେ ଯାହା ହଉ, ଏତେ ଦୂରରୁ କାନ୍‌ପୁରରୁ ଆସିବାଟା ବ୍ୟର୍ଥ ହେଇନି । ଗୋଟାଏ ଚମତ୍କାର ଲେଟ୍-କଟ୍ ଦେଖିବାକୁ ମିଳିଲା ତ !"

ମଧ୍ୟାହ୍ନରେ କେନ୍ କକା ଭୁରି ଭୋଜନଟିଏ ପକେଇଲେ । ତାଙ୍କର ଅନୁଭବ ହେଲା ଯେ, ଗୋମତୀ ଦଳ ଖେଳିଲାବେଳେ ସାରା ଖରାବେଳଟା ପଡ଼ିଆରେ ରହିବାକୁ ପଡ଼ିବ-ଗୁଡ଼େ ଦଉଡ଼, ଧାପଡ଼ ହବ ସେଥିରେ । ତେଣୁ ଅଗତ୍ୟା ସେ ଚୁପ୍‌କିନା ଖସି ପଳେଇଆସିଲେ ତମ୍ବୁର ବାହାରକୁ । ତା'ପରେ ଷ୍ଟାଡ଼ିୟମ୍ ପାରହେଇ ଗୋଟେ ଘୋଡ଼ାଗାଡ଼ି କରି କ୍ୟାଣ୍ଟନ୍‌ମେଣ୍ଟରେ ଥିବା ଏମିଲି ନାନୀଙ୍କ ଘରକୁ ପଳେଇ ଆସିଲେ ।

ସେ ଆସି ପହଞ୍ଚିବା ବେଳକୁ ଦିନ ଗୋଟାଏ । ଏମିଲି ନାନୀଙ୍କ ଘରେ ମଧ୍ୟାହ୍ନ ଭୋଜନ ପାଇଁ ବଢ଼ାବଢ଼ି ଚାଲିଛି । ସମସ୍ତେ ଭାବିଲେ, ବୁସ୍ ହାଲାମ୍ ବୋଧେ ଶୀଘ୍ର ଷ୍ଟାଡ଼ିୟମ ଛାଡ଼ି ଆହ୍ଲାବାଦ ଉଦ୍ଦେଶ୍ୟରେ ଟ୍ରେନ ଧରିବା ପାଇଁ ଚାଲିଗଲେ । ସେଇଠି ପୁଣି ତାଙ୍କର ଆଉଗୋଟିଏ ଚ୍ୟାରିଟି ମ୍ୟାଚ୍‌ରେ ଖେଳିବାର ଥିଲା ।

ଏମିଲି ନାନୀ ଜଣେ ଜବରଦସ୍ତ ସ୍ତ୍ରୀ ଲୋକ । କେନ୍ କକାଙ୍କୁ ସେ ଦଶଦିନ ତଳେ ବସେଇ ଖୁଆଇଲେ । ତେଣିକି ତାଙ୍କୁ ତାଙ୍କ ସ୍କୁଲର ଛୋଟପିଲାମାନେ ରହୁଥିବା ବଡ଼ ହଲ୍‌ର ଦେଖାରଖା କାମରେ ଲଗେଇଲେ । ସେଇଠି ରହି ଜେଜେମା'ଙ୍କ ପାଖକୁ ଫେରିବାପାଇଁ ବାଟଖର୍ଚ୍ଚ ପଇସା ଯୋଗାଡ଼ କରୁକରୁ କେନ୍ କକାଙ୍କୁ ବେଶ୍ କିଛିମାସ ଲାଗିଗଲା ।

ପରେ କିନ୍ତୁ ବ୍ରୁସ୍ ହାଲାମ୍‌ଙ୍କ ଖାତାରେ ମୋଟ୍ ରନ୍ ସଂଖ୍ୟା ସହିତ ଚାରିଗୋଟି ଦୁର୍ମୂଲ୍ୟ ରନ୍ ସେ ଯୋଡ଼ିପାରିଛନ୍ତି ଜାଣି ଅତ୍ୟନ୍ତ ଖୁସି ହୋଇଥିଲେ । ଗୋମତୀ କ୍ରିକେଟ୍ ଆସୋସିଏସନ୍ ତାଙ୍କର ସେ ଐତିହାସିକ କାର୍ଯ୍ୟକୁ ସେମାନଙ୍କ ଖାତାରେ ଟିପି ରଖିଚନ୍ତି ଏବେବି ।

ବି· ହାଲାମ୍ ରନ୍ ଆଉଟ୍ 4

ଗୋମତୀ ଦଳ ସେଦିନ ମ୍ୟାଚ୍‌ରେ ହାରିଥିଲେ । କିନ୍ତୁ କେନ୍ କକାଙ୍କ ମତ ହେଲା- କେହି ଯଦି ନ ହାରିବେ ତେବେ ଖେଳ କେମିତି ହବ ?

ସ୍କୁଲ୍ ଛାଡ଼ି ଛୁ



ମୋମ୍ବାସା ଯିବା ପାଇଁ ବିରାଟ ଯୋଜନା

ସ୍କୁଲ୍‌ର ମଣ୍ଡପ ଉପରେ ଥିବା ସେ ବଡ଼ ଘଣ୍ଟାଟାରେ ଯେମିତି ଏଗାର ବାଜିଲା, ମୁଁ ଥିରିକିନା ବାହାରି ଆସିଲି ଶେଯରୁ । ଗୋଡ଼ରେ କାନ୍‌ଭାସ୍ ଯୋତା ଗଳେଇ ଚୁପ୍‌ଚାପ୍ ଶୋଇବାହଲ୍‌ଟା ପାର୍ ହୋଇଗଲି ।

ଦୁଆର ପାଖରେ ଟିକିଏ ଅଟକି ଗଲି ଏବଂ ପଛକୁ ଅନିଶା କଲି । କିଏ ଦେଖିଲାକି ଆଉ ! ସେଇଠୁ ମୁଁ ପହିଲେ ବାରଣ୍ଡା, ତା'ପରେ ପାହାଚମାନ ଡେଇଁ ପଳେଇ ଆସିଲି । ଦଲ୍‌ଜିତ୍ ସେତେବେଳକୁ ବାରଣ୍ଡାରେ ଥିଲା । ସେ ଜଣେ ଶିଖ୍ । ରାତିବୋଲି ପଗଡ଼ି ବାହାର କରି ନିଜର ଲମ୍ବା ବାଳକୁ ଏକାଠି ମୁଣ୍ଡ ଉପରେ ସେ ବାନ୍ଧି ଦେଇଥାଏ ଗୋଟାଏ ବଡ଼ ଗଣ୍ଠିକରି । ତା'ର ଧଳା ପାଇଜାମା ଓ କୁର୍ତ୍ତା ରାତି ଅନ୍ଧାରରେ ଦିଶୁଥାଏ ଚେନାଏ ଆଲୁଅ ଭଳି । ଯଦି କେହି ଶିକ୍ଷକ୍ ବାହାରେ ବୁଲୁଥିବେ, ତେବେ ଆମେ ଧରାପଡ଼ିବା ସୁନିଶ୍ଚିତ ।

ଦଲଜିତ୍ ମତେ ଯେମିତି ଦେଖିଛି, ସାଙ୍ଗେସାଙ୍ଗେ ପାଟିରେ ଆଙ୍ଗୁଠି ଦେଇ ଚୁପ୍ ରହିବାକୁ ଠାରିଲା । ସେ ଏମିତି କରିବା ଦରକାର ନଥିଲା, କାରଣ ମୁଁ ତା'ଠାରୁ ଅଧିକ ହୁସିଆର । ଏଭଳି ପରିସ୍ଥିତିକୁ ସେ ଉପଭୋଗ କରୁଥିଲା ଟିକେ ଏବଂ ସେଇଥିପାଇଁ ସବୁକଥା ରହସ୍ୟମୟ ରଖିବାକୁ ଚାହୁଁଥିଲା ।

ଛପି ଛପି ଚାଲିବା ଦଲଜିତ୍ ଦେଇ ସମ୍ଭବ ନୁହେଁ । ତା'ର ଏଡ଼େ ଏଡ଼େ ଫାଙ୍କୁଲା ଫାଙ୍କୁଲା ପାଦ । ତେଣୁ ଆମେ ତାକୁ ମଝିରେ ମଝିରେ ଚିଡ଼ାଉ । ପଞ୍ଜାବରେ ଗୋଟେ ବିଶ୍ୱାସ ଅଛି ଯେ ବଡ଼ ପାଦଥିବା ଲୋକେ କେବଳ ଭଲ ଦୈହିକ ପରିଶ୍ରମ କରିପାରନ୍ତି । ଦଲ୍‌ଜିତ୍ କିନ୍ତୁ ସେକଥା ମାନେନା । ତା'ର ମତ ଯେ, ବଡ଼ ପାଦଥିବା ଲୋକେ ବହୁତ ଭ୍ରମଣ କରିବାର ସୁଯୋଗ ପାଆନ୍ତି, ଏବଂ ସେଇକଥା ସେ ଏବେ ପ୍ରମାଣ କରିବାକୁ ଆଗୁସାର ହେଇ ବାହାରିଛି ।

ପ୍ୟାଭିଲିୟନ ଆଗର ପଡିଆଟିକୁ ନିଶବ୍ଦରେ ଦଉଡ଼ି ଆମେ ପାର ହେଇଗଲୁ । ଆକାଶରେ କଳାହାଣ୍ଡିଆ ମୌସୁମୀ ବାଦଲ ବେଢ଼ିଥାଏ ଆମ ମୁଣ୍ଡ ଉପରେ । ମଣ୍ଡପର ପାହାଚ ଗୁଡ଼ାକ ଡେଇଁ ଆମେ ବ୍ୟାୟାମଶାଳାରେ ପହଞ୍ଚିଲୁ । ସବୁଦିନ ପରି ସେଠି କବାଟ ଖୋଲାଥିଲା । କତା ଗାଲିଚା, ବାର୍ଣ୍ଣିସ ଓ ଝାଳ ଯୋଗୁଁ ଗମୁରା ଗନ୍ଧାଉଥିବା ଏଇ ବିରାଟ

ଓଦା କୋଠରୀଟାରେ ହିଁ ଆମର ରାତିବେଳିଆ ଦେଖାହୁଏ ।

ସ୍କୁଲଛାଡ଼ି ଛୁ' ମାରିବା ଆଗରୁ ଆଜିଥିଲା ଶେଷ ଦେଖା । ଖଣ୍ଡେ ଛୋଟ ମହମବତୀ ଜଳେଇ ଆମ ଦୁଇଜଣଙ୍କ ମଝିରେ ରଖୁ ରଖୁ ଦଲ୍‌ଜିତ୍ ପଚାରିଲା, "ତୋର ସବୁ ଠିକ୍ ଠାକ୍‌ତ ?

ଆମେ ଚକାପକେଇ ସାମ୍‌ନାସାମ୍‌ନିହେଇ ବସିଥିଲୁ । ମହମବତୀର ଆଲୁଅ ପ୍ରାଞ୍ଜଳ ହେଇ ପଡ଼ିଥାଏ ଦଲ୍‌ଜିତ୍‌ର ନିରୀହ ମୁହଁ ଉପରେ । ମୁଁ ଏପଟେ ବସିଥାଏ ଅନ୍ଧାରରେ ଟିକିଏ ଛାଡ଼ି ।

ମୁଁ କହିଲି, "ହଁ, ସବୁ ଠିକ୍‌ଠାକ୍ । ଗୋଟେ ଛୁରି, ଦୁଇ ପ୍ୟାକେଟ୍ ପାଉଁରୁଟି, ଗୋଟେ ଡ଼ବା ଛୋଟ ମାଛଭଜା, ଆଉ କିଛି ମିଠା ।"

ଗତ ଦୁଇସପ୍ତାହ ଧରି ଖାଇବା ସମୟରେ ମିଳୁଥିବା ଯେଉଁ ପାଉଁରୁଟି ଗୁଡ଼ିକ ମୁଁ ସଂଗ୍ରହ କରିଥିଲି, ସେସବୁ ବେଶ୍ ବାସି ଏବଂ ଟାଣ ହୋଇଯାଇଥିଲା । କିନ୍ତୁ ଜିନିଷ ସଂଗ୍ରହର ତାଲିକା ଯେତେ ଅଧିକ ହୋଇପାରେ, ସେଥିପାଇଁ ମୁଁ ଚେଷ୍ଟା ଚଳେଇଥିଲି ।

ଦଲ୍‌ଜିତ୍ ସବୁ ଶୁଣି କହିଲା, "ନା' ନା', ଯଥେଷ୍ଟ ହେଲାନି । ଆଚ୍ଛା, କେତେ ପଇସା ତୋ' ପାଖରେ ସମୁଦାୟ ଅଛି କହିଲୁ ?"

"ଛଅ ଟଙ୍କା । ସେତକ ହଉଚି ମୋର ଦୁଇମାସର ପକେଟ ଖର୍ଚ୍ଚ ।"

"ମନ୍ଦ ନୁହେଁ, ରଞ୍ଜି ।" ସେ ଜାଣେ ମୁଁ ବେଶିଟଙ୍କା ପକେଟ ଖର୍ଚ୍ଚପାଇଁ ପାଏନାହିଁ । "ସେ ଯାହାହେଉ, ମୋ ପାଖରେ ପ୍ରାୟ ତିରିଶ ଟଙ୍କା ଅଛି, ତେଣୁ ତୁ ଟଙ୍କା ବିଷୟରେ ଅନ୍ତତଃ ଏଇଲେ କିଛି ଚିନ୍ତା କରନା । ତା' ସାଙ୍ଗକୁ ମୁଁ କିଛି ଛେନା, ଜାମ୍, ଚକୋଲେଟ୍ ଓ ଆଚାର ରଖିଛି । ଗତଥର ଘରୁ ଆସିଥିବା ଜିନିଷରୁ ମୁଁ ଏତକ ବଳେଇ ରଖିଥିଲି ।" କହିଲା ସେ ।

"ଆଚାର ସହିତ ଚକୋଲେଟ୍ ?"

"ନାଇଁଯେ ! କିନ୍ତୁ ସବୁ ଜିନିଷ ସହ ସେତକ ବି ନବା ସାଙ୍ଗରେ । କାରଣ ବାଟରେ ଆମେ ନହେଲେ ଖାଇବା କ'ଣ ?"

ତା'ର ବାପା ପୂର୍ବ ଆଫ୍ରିକାରେ ବେପାର ବଣିଜ କରନ୍ତି । ତାଙ୍କରି ପାଖରୁ ଥରକୁ ଥର ତା'ପାଖକୁ ଏମିତି ନାନାଜାତି ଖାଇବା ଜିନିଷର ପୁଡ଼ିଆମାନ ଆସେ । ଦଲ୍‌ଜିତ୍ ଭାରତରେ ଗୋଟିଏ ବୋର୍ଡ ସ୍କୁଲରେ ରହି ରହି ବଡ଼ ବିରକ୍ତ ହୋଇଯାଇଥିଲା, ତେଣୁ ତା'ର ଯୋଜନାର ଗୋଟେ ଅଂଶ ଥିଲା ଯେ, ସେ ଆଫ୍ରିକାକୁ ଫେରିଯିବ । ଏଇଠି ଆମ ଦୁଇଜଣଙ୍କ ଯୋଜନାର ମେଳ ହେଇଯାଇଥିଲା । ମୋର କକା ଗୋଟିଏ ଛୋଟ ଷ୍ଟିମର୍ ଜାହାଜର କ୍ୟାପ୍‌ଟେନ୍ ଥିଲେ । ତାଙ୍କ ଜାହାଜଟି ପୂର୍ବ ଆଫ୍ରିକାର ମୋମ୍ବାସାଠାରୁ ଭାରତର ପଶ୍ଚିମଉପକୂଳରେ ଥିବା ଜାମ୍‌ନଗର କିମ୍ବା ଦ୍ୱାରକାଭଳି ଛୋଟ ଛୋଟ ବନ୍ଦର ଭିତରେ ଯିବା ଆସିବା କରେ । ଛୋଟ ଷ୍ଟିମର ଜାହାଜଟିର ନାଆଁ 'ଏସ୍.ଏସ୍.ଲୁସି' ଏଇମାସ ଶେଷକୁ ସେ ଜାହାଜଟି ଜାମ୍‌ନଗରଠାରେ ଲାଗିବା କଥା । ଆମର ଆଶାଥିଲା, ତାଙ୍କୁ କୁହାବୋଲା କରି ଆମେ ସେଇଥିରେ ଆଫ୍ରିକା ଯାଇପାରିବୁ ।

ଦଲ୍‌ଜିତ୍ ଆଫ୍ରିକାକୁ ଫେରିଯିବାକୁ ଚାହୁଁଥିଲା । ତା'ର ଯୁକ୍ତି ହେଲା, ଯେତେବେଳେ ତା'ର ବାପା ଜାଣିବେ ଯେ କାହା ଉପରେ ନିର୍ଭର ନକରି ସେ ଏକା ଏକା ଯାଇ ଆସି ପାରୁଚି, ସେତେବେଳେ ଭାରତରେ କୋଉ ସ୍କୁଲରେ ପଢେଇବାପାଇଁ ସେ ତାକୁ ଆଉ ପଠେଇବେନି ।

ମୁଁ ବି ଖସି ପଳେଇବାକୁ ଚାହୁଁଥିଲି । ହେଲେ ମୋର କାରଣଟା ଥିଲା ଅଲଗା । ଏକଥା ସତ ଯେ ସ୍କୁଲ ଗୋଟେ କାରଣ । ଚାର୍ଲସ ଡିକେନ୍‌ସଙ୍କ ବର୍ଣ୍ଣିତ "ଡୋଥ୍‌ବୟ୍ ହଲ୍" ପରି ସେତେ ବାଜେ ନହେଲେବି ସ୍କୁଲଟା ଭଲ ନଥିଲା । ପ୍ରିନ୍‌ସିପାଲ ବେପାର ଚଳେଇଲାପରେ ସ୍କୁଲଟାକୁ ଚଳାଉଥିଲେ । "ଅଳପ ଦେଇ ଅଧିକ ଆଦାୟ କରିବା" ଥିଲା ତାଙ୍କର ଅସଲ ଲକ୍ଷ୍ୟ । ଢେର ପଇସା ସେ ଆଦାୟ କରୁଥିଲେ ଆମଠାରୁ, ଅଥଚ ପ୍ରତିବଦଳରେ ଦେଉଥିଲେ ବାଜେ ଖାଇବା ଏବଂ ଖରାପ ଶିକ୍ଷକ । ମୋଟାମୋଟି ଆମ ଛାତ୍ରମାନଙ୍କର ସ୍କୁଲ ସମ୍ପର୍କରେ ଏଇ ଧାରଣାହିଁ ଥିଲା ।

ଅରୁଣ୍ଡେଲ୍ (ସେଇଟା ଆମ ସ୍କୁଲ୍‌ର ନାଆଁ)ରେ ପଢିବାରେ, ଦଲ୍‌ଜିତ୍ ନିଜେ ଦାୟୀ । ଆଗରୁ ଯୋଉ ସ୍କୁଲକୁ ତାକୁ ପଠାହେବାପାଇଁ ବ୍ୟବସ୍ଥା ହେଲା, ସବୁ ସେ ମନା କରିଦେଲା । ଫଳରେ ଗୋଟେ ପରେ ଗୋଟେ ସୁଯୋଗ ଛାଡ଼ି ସେ ଆସି ପହଞ୍ଚିଲା ଅରୁଣ୍ଡେଲ୍‌ରେ । ଏଠି ଦିଆଯାଉଥିବା ଖାଦ୍ୟରେ କେବଳ ମସୁର ଡାଲି ଓ ଚର୍ବି ଭର୍ତ୍ତି ମାଉଁସ । ତିନିମାସ ମାତ୍ର ଖାଇବାପରେ ସେ ବିକଳହେଲା କେମିତି ଛାଡ଼ି ପଳେଇବ ସେଇଠୁ ।

ସିଏ କହିଲା, "ଏଠୁ ଗଲେ ମୁଁ ଆଉ କୋଉ ସ୍କୁଲରେ ପଶିବା କଥା ମିଛ ।" ସିଧାସଳଖ ମୁଁ ଯାଇ ନାଇରୋବିରେ ମୋ ବାପାଙ୍କ ବ୍ୟବସାୟରେ ଭର୍ତ୍ତିହେଇଯିବି । ମତେ ତ ପଢାଲେଖା ଜଣାଅଛି, ଆଉ ମୁଁ ଲାଭକ୍ଷତିର ହିସାବ ମଧ୍ୟ ବେଶ୍ ଜାଣେ । ସେତିକି ଯଥେଷ୍ଟ । ତୋ'ର କ'ଣ ଯୋଜନା ରସ୍କି ?"

-"ମୁଁ ଗୋଟେ ଲେଖକ ହେବାକୁ ଚାହେଁ, ମୁଁ କହିଲି । ସ୍କୁଲକୁ ଯିବାରେ ମୋର ଆପତ୍ତି ନାଇଁ, କିନ୍ତୁ ମତେ ଏଇ ସ୍କୁଲ୍‌ଟା ଭଲ ଲାଗୁନି । ଆଉ ମୁଁ ବି ଜାଣେ ମୋ ମୁରବୀ ମତେ ଆଉ ଅନ୍ୟ କୌଣସି ସ୍କୁଲକୁ ପଠେଇବେନି ।"

ମୋର ବାପା ମାଆ ଆଉ ଇହଜଗତରେ ନଥିଲେ । ମୋ ଦାୟିତ୍ୱ ବୁଝୁଥିବା ମୁରବୀ ମତେ ଅରୁଣ୍ଡେଲ୍‌କୁ ପଠେଇଥିଲେ, କାରଣ ତା'ର ପ୍ରିନ୍‌ସିପାଲ ଥିଲେ ତାଙ୍କର ଜଣେ ବନ୍ଧୁ ଏବଂ ମୋ ପାଇଁ ତାଙ୍କୁ ସ୍କୁଲ ଦେୟର ମାତ୍ର ଅଧାଦେବାକୁ ପଡୁଥିଲା । ଅରୁଣ୍ଡେଲ୍‌କୁ ଆସିବା ଆଗରୁ ମୁଁ ଆଉଗୋଟେ ସ୍କୁଲରେ ପଢୁଥିଲି । ଟିକେ ବଡ଼ ହେଲାରୁ ପାଖରେ ମତେ ରଖି ଦେଖାଶୁଣା କରିବା ମୋର ମୁରବୀଙ୍କୁ ବଡ଼ ବିରକ୍ତିକର ମନେହେଲା । ମୁଁ ବି ଉତ୍ପାତ ଆରମ୍ଭ କରିଦେଲି । ଘର ଅପେକ୍ଷା ଦାଣ୍ଡଘାଟରେ ବୁଲିବାକୁ ମତେ ଭଲ ଲାଗିଲା । ବହି ଛାଡ଼ି ବଣଜନ୍ତୁ ଶିକାର କରିବା ଆଦି କାମରେ ମୁଁ ବେଶି ଆଗ୍ରହ ଦେଖେଇଲି । ମୋର ମୁରବି ଥିଲେ ମୋ ମା'ଙ୍କର ଜଣେ ଭାଇ । ମୁଁ କେବେ ବି ତାଙ୍କୁ ଖାତିର କରୁନଥିଲି । ସେ ବି ମୋ କାମ ଦେଖି ମୋ ଉପରେ ବଡ଼ ଅସନ୍ତୁଷ୍ଟ ହେଉଥିଲେ ।

କିନ୍ତୁ ଏମିତି ପଳେଇଯିବାର ପ୍ରଧାନ କାରଣ ନଥିଲା ଦାଣ୍ଡଘାଟରେ ଯାଇ ବୁଲିବା କି

ମୋ ମୁରବୀଙ୍କ ଘରକୁ ଫେରିଯିବା । ମୁଁ ଚାହୁଁଥିଲି କେମିତି ଜାମ୍‌ନଗର ଯାଇ ମୋ'କକାଙ୍କ ଜାହାଜରେ ପହଞ୍ଚିବି ।

ଜିମ୍ କକା ମୋ ବାପାଙ୍କର ସାନଭାଇ । ମୁଁ ଯେତେବେଳେ ମାତ୍ର ପାଞ୍ଚବରଷର, ସେତିକିବେଳେ ସେ ମତେ ଦେଖିଥିଲେ । ଏବେ ମତେ ବାରବର୍ଷ ବୟସ । ବର୍ଷସାରା ଜିମ୍‌କକା ମଝିରେ ମଝିରେ ମୋ' ପାଖକୁ ଚିଠିମାନ ପଠାଉଥିଲେ । ସେ ଚିଠିଗୁଡ଼ାକ ନାନାଦେଶର ରଙ୍ଗୀନ ଷ୍ଟାମ୍ପ ଯୋଗୁଁ ବଡ଼ ସୁନ୍ଦର ଦେଖାଯାଆନ୍ତି । ଭାଲ୍‌ପାରିସୋ, ସାନ୍ ଡ଼ିଏଗୋ, ସାନ୍ ଫ୍ରାନ୍‌ସିସ୍‌କୋ, ବୁଏନସ୍ ଏଇରେସ୍, ଦାର୍-ଏସ-ସଲାମ୍, ମୋମ୍ବାସା, ଫ୍ରି ଟାଉନ୍, ସିଙ୍ଗାପୁର, ବମ୍ବେ, ମାର୍ସିଲେସ୍, ଲଣ୍ଡନ୍ ଆଦି ଜାଗାମାନଙ୍କରୁ ସେ ଚିଠି ଲେଖୁଥିଲେ ମୋ ପାଖକୁ । ଜିମ୍ କକାଙ୍କର ଜାହାଜ ଏଇସବୁ ଜାଗାମାନଙ୍କରେ ଯାଇ ଲାଗୁଥିଲା । ସେଇ ଏକା ବାଟରେ ସେ ପ୍ରାୟ ଯାଉନଥିଲେ । ମତେ ଲାଗୁଥିଲା, ସତେ ଯେମିତି ସେ ମୁଁ ଶୁଣିଥିବା ବା ପଢ଼ିଥିବା ବନ୍ଦରମାନ ଛୁଇଁଛୁଇଁ ସାରା ପୃଥିବୀ ଭ୍ରମଣ କରୁଥିଲେ । ମୁଁ ଯେତେବେଳକୁ ଷ୍ଟିଭେନ୍‌ସନ୍, କ୍ୟାପ୍‌ଟେନ୍ ମେରିଅଟ୍, କନ୍‌ରାଡ୍ ତଥା ଡବ୍ଲ୍ୟୁ.ଡବ୍ଲ୍ୟୁ. ଜ୍ୟାକ୍‌ବସଙ୍କ ଭଳି ବିଖ୍ୟାତ ଲେଖକମାନଙ୍କର ବହି ପଢ଼ି ସେ ଜାଗାମାନଙ୍କ ସମ୍ପର୍କରେ ଅନେକ ରୋମାଞ୍ଚକର ଅନୁଭୂତି ହାସଲ କରିସାରିଥିଲି ।

ଚିଠିମାନଙ୍କରୁ ଅଧିକାଂଶରେ ଜିମ୍ କକା ମତେ ଜାହାଜରେ ନେଇ ବୁଲେଇ ଆଣିବାକଥା ଲେଖୁଥିଲେ-"ରଷ୍ଟି, ତୁ ଟିକେ ବଡ଼ ହେଇଯା, ତା'ପରେ ମୁଁ ତତେ ନେଇ ବୁଲେଇ ଆଣିବି ।"

ମତେ ଲାଗୁଥିଲା ମୁଁ ଏବେ ଢେର୍ ବଡ଼ ହୋଇଗଲିଣି । ସ୍କୁଲ କିମ୍ବା ମୁରବୀଙ୍କ ନାଆଁ ଶୁଣିଲେ ମତେ ଚିଡ଼ି ମାଡୁଥିଲା । କେବଳ ସେତିକି ନୁହେଁ । ମତେ ସାରା ପୃଥିବୀ ଡାକୁଥିଲା ଯେମିତି । ମୁଁ ଚାହୁଁଥିଲି ଦୁନିଆଁ ସାରା ବୁଲି ବୁଲି ଦେଖିବି । ଅଦିକଦି ବୁଲିବି । ଯେତେଯାହା ମୁଁ ବିଭିନ୍ନ ବହିରେ ପଢ଼ିଛି, ସେସବୁ ଯାଇ ଦେଖିବାପାଇଁ ମୋର ମନ ହାଇଁ ପାଇଁ ହେଉଥିଲା । ହଂକଂର ସେ ସବୁ ସ୍ଥାନ, ପୁରୁଣା ଦର୍ଶନୀୟ ଜାଗା, ଇଣ୍ଡିଜ୍‌ର ତାଳବନଘେରା ସେ ଅଗଭୀର ହ୍ରଦମାନ, ଲଣ୍ଡନ୍‌ର ଫରଚା ରାଜରାସ୍ତା, ଶିଶୁକାଠପରି ଚିକ୍‌କଣ କଳା ଦିଶୁଥିବା ଆଫ୍ରିକାର ଲୋକ, ରଙ୍ଗବେରଙ୍ଗ ଚଢ଼େଇମାନ ଏବଂ ଆମାଜନ୍ ନଦୀ କୂଳର ଅଦ୍ଭୁତ ସୁନ୍ଦର ଗଛଲତା ଆଦି ମତେ ହାତଠାରି ଡାକୁଥିଲେ ।

ଜିମ୍ କକାଙ୍କର ଶେଷଚିଠିରୁ ମୁଁ ଯେତେବେଳେ ଜାଣିଲି ଯେ ଏଇ ମାସ ଶେଷକୁ ତାଙ୍କର ଜାହାଜ ଜାମ୍‌ନଗରଠାରେ ଲାଗିବ, ମୁଁ ଖୁସିରେ ନାଚି ଉଠିଲି ମନେମନେ । ସୁଯୋଗଟିକୁ ଶେଷରେ ପାଇଗଲି ଯେମିତି ! ଅବଶ୍ୟ ଜିମ୍ କକା ମୁଁ ତାଙ୍କୁଯାଇ ଦେଖାକରିବା ବିଷୟରେ କିଛି ଲେଖିନଥିଲେ । ମୋର ଏମିତି ଅସମ୍ଭବ ଆଗ୍ରହ କଥା ସେ କେମିତି ଜାଣନ୍ତେ ଯେ ଲେଖନ୍ତେ !

ସ୍କୁଲରୁ ବାହାରି ଆସି ଜାହାଜରେ ସିଧାସଳଖ ଚଢ଼ିଯିବା ଭଳିଆ କଥାଟା ଏତେ ସହଜ ନଥିଲା । ପଶ୍ଚିମ ଉପକୂଳରେ ଜାମନଗର, ଉତ୍ତରଭାରତରେ ଥିବା ଶୈଳନିବାସ ପାହାଡ଼ଗଞ୍ଜ

ଠାରୁ ପ୍ରାୟ ଆଠଶହ ମାଇଲ୍ ଦୂର । ଏଇ ପାହାଡ଼ଗଞ୍ଜରେ ହିଁ ଆମ ସ୍କୁଲଟି ଥିଲା ।

ଆଠଶହ ମାଇଲ ! କ'ଣ ସହଜ ପଡ଼ିଛି !



ଜହ୍ନ ଆଲୁଅରେ ଭେଟ

ଦଲ୍‌ଜିତ୍ ମୋ ସାଙ୍ଗରେ ଘଣି ନ ହେଇଥିଲେ ମୁଁ ପଳେଇଯିବାପାଇଁ ମୋଟେ ଚେଷ୍ଟା କରିନଥାନ୍ତି ବୋଧେ । ଏକାଏକା କୋଉଠିକୁ ପଳାୟନକରିବା ଖେଳକଥା ନୁହେଁ । ତା'ଠାରୁ ଆହୁରି ଅଧିକ ବିପଦପୂର୍ଣ୍ଣ ହେଉଛି, ତୁମର ସାଙ୍ଗଟି ପହିଲେ ପହିଲେ ଅତ୍ୟନ୍ତ ଆଗ୍ରହ ଦେଖେଇ ଶେଷବେଳକୁ ଯଦି ପଛଘୁଞ୍ଚା ଦିଏ । ଏମିତି ହେଲେ ଜଣେ ହାରିଯାଏ ଏବଂ ଭାଙ୍ଗିପଡ଼େ ପୂରାପୂରି ।

ଦଲ୍‌ଜିତ୍ କିନ୍ତୁ ସେମିତିକା ସାଙ୍ଗ ନୁହେଁ । ସେ ଯାହା କହେ, ତା' କରେ । ପ୍ରାୟ ମାସେ ତଳେ କକାଙ୍କ ଜାହାଜ ଓ ସେଥିରେ ଯିବାପାଇଁ ମନସ୍ଥ କରିଥିବା କଥା ମୁଁ ତାକୁ ଯେମିତି କହିଛି, ଟିକିଏ ଧୁକୁପୁଚୁ ନହେଇ ସେ କହିଲା, "ମୁଁ ବି ଯିବି ।"

ଦଲଜିତ ନିଜର ଖିଆଲ ଅନୁସାରେ ବଞ୍ଚେ । ବେଳେବେଳେ ଭୁଲ୍ ଯେ ନକରେ, ଏମିତି ନୁହେଁ, କିନ୍ତୁ କୌଣସି କାମ କରି ମଝିରୁ ଛାଡ଼ିଦବା ପିଲା ସେ ନୁହେଁ । ସେଭଳି ପରିସ୍ଥିତିରେ କେହି ଜଣେ ତା'କୁ ବନ୍ଦ କରିବା ଦରକାର, ନଚେତ୍ ଯାହା ମନକୁ ଆସିଲା, ତାହା ସେ କରିଦେଇ ବସିବ ।

ପହିଲି ମୌସୁମୀ ସମୟରେ ହେଉଥିବା ମାରାଥନ୍ ଦୌଡ଼ ବେଳେ ଆମ ଦୁଇଜଣଙ୍କର ବନ୍ଧୁତା ହେଇଥିଲା । ଅଳପ ଦୂରତା ଥିବା ଦୌଡ଼ଗୁଡ଼ାକରେ କେବଳ ମୁଁ ଭଲ ଦଉଡ଼ିପାରେ, ମାତ୍ର ଦଲ୍‌ଜିତ୍ ଟିକେ ମୋଟା ହେଇଥିବାରୁ ଅନ୍ୟ ଦୌଡ଼ାଳିମାନଙ୍କ ସହ କେବେ ତାଳଦେଇ ଦଉଡ଼ି ପାରେନାହିଁ । ମାରାଥନ୍ ଦଉଡ଼ବେଳେ ମୁଁ କ'ଣ କରେନା, ଅନ୍ୟ ଭଲ ଦୌଡ଼ାଳିମାନଙ୍କୁ ଆଗକୁ ଯିବାକୁ ଦେଇ ବସିପଡ଼େ ଗୋଟେ ଘାସ ଯାଗାରେ ଏବଂ ଗୋଟେ ମଜା ଗପ ବହି କିମ୍ବା ଡାଭିଡ୍ କବରଫିଲଡ୍ ବହିରୁ କିଛି ପୃଷ୍ଠା ପଢିବସେ । ଥରେ ଗୋଟେ ସନ୍ଧ୍ୟାରେ ମୁଁ ଏଇମିତି ବସି ସମୟ କାଟୁଚି, ଏତିକିବେଳେ ମନଖୁସିରେ ହୁଇସିଲ୍ ମାରି ଦଲ୍‌ଜିତ୍‌କୁ ଚାଲ ଚାଲ ହୋଇ ଯାଉଥିବାର ଦେଖିଲି ।

ତାକୁ ପଚାରିଲି, "କ'ଣ ତୁ ଦୌଡ଼ରେ ମିଶିନୁ କି ?"

ସେ କହିଲା, "ହଁ, ଆଉ ତୁ ?"

ମୁଁ ବି କହିଲି, "ହଁ ମୁଁ ମିଶିଛି ।" ଏତିକି କହି ମୁଁ ବହି ପଢ଼ିବାରେ ଲାଗିଲି । ସେ ସେଇଠି

ମୋ ପାଖରେ ବସି ପଡ଼ିଲା ।

ବସୁ ବସୁ କହିଲା, "ଟିକେ ଡ଼େରିରେ ପହଞ୍ଚିଲେବି ସେମାନେ ଖୋଜିବେନି ଆମକୁ । ଚାଲୁନୁ ସେ ପାଖ ଦୋକାନରୁ କିଛି ଗରମ ଗରମ ପକଡ଼ି ଖାଇବା ? ପଇସା କଥା ଭାବନା । ମୋ ପାଖରେ ଢେର୍ ପଇସା ଅଛି । ମୋ ମାଆ ମତେ ପଇସା ପଠେଇ ପଠେଇ ଖରାପ କରିଦବ ଦିନେ ।" ହସିହସି କହିଲା ସେ । ଆମ ଦୁଇଜଣଙ୍କ ଭିତରେ ବନ୍ଧୁତା ଗାଢ଼ ହେବାର ଆରମ୍ଭ ସମୟ ସେଇଟା । ପ୍ରଥମେ ପକଡ଼ି ଓ ମାରାଥନ୍ ଦୌଡ଼ ପ୍ରତିଯୋଗିତା ପ୍ରତି ବିରକ୍ତିରୁ ଆରମ୍ଭ ହୋଇ ଆମ ବନ୍ଧୁତାର ମୂଳଦୁଆ ବେଶ୍ ଶକ୍ତ ହେଇଗଲା ଅଳ୍ପଦିନ ଭିତରେ । ଏମିତି କେତେଥର ଏକାଠି ମାରାଥନ୍ ପ୍ରତିଯୋଗିତାରେ ଭାଗନେବା ପରେ ଆମକୁ ଲାଗିଲା ଯେମିତି ଆମେ ପରସ୍ପରକୁ ବହୁତ ବର୍ଷହେଲା ଜାଣିଛୁ ।

ଏବେ ବାୟାମଶାଳାର ଉଚ୍ଚାଛାତ ତଳେ ଅନ୍ଧାରରେ ଏକାଠି ବସିଥିଲାବେଳେ ଆମେ ଭାବୁଥିଲୁ ପରସ୍ପରକୁ ଆମେ ଠିକ୍ ବୁଝିଛୁ । ଦଲ୍‌ଜିତ୍‌ର ଯେ ବହୁତ ପଇସା ଅଛି, ସେଥିପାଇଁ ମୁଁ ନିଜକୁ ଅପ୍ରସ୍ତୁତ ମନେ କରୁନଥିଲି । ମୁଁ ଯେ ତା'ଠାରୁ ବୁଦ୍ଧିଆ, ସେଥିପାଇଁ ସେ ବି ଆପଣାକୁ ନ୍ୟୁନ ମନେକରୁନଥିଲା ବୋଲି ମତେ କେତେଥର କହିଛି । ମୋ ପଢ଼ାପଢ଼ି ଦେଖି ପ୍ରକୃତରେ ସେ ମତେ ଖାତିର୍ କରୁଥିଲା । ହେଲେ ଅସଲ କଥା ହେଲା, ମୁଁ ମୋଟେ କାମିକା ନୁହେଁ, କିନ୍ତୁ ଦଲ୍‌ଜିତ୍ ମୋଠାରୁ ଢେର ଅଧିକ ଅଭିଜ୍ଞ ଥିଲା ।

ନିଜ ପାଇଜାମା ପକେଟ୍‌ରୁ ସେ ଗୋଟେ ଚଉଡା କାଗଜ ବାହାରକରି ତାକୁ ତଳେ ଖୋଲି ବିଛେଇ ଦେଲା । ସେଇଟା ଭାରତର ଗୋଟେ ରେଳବାଇ ମାନଚିତ୍ର । ଗତଥର ଶେଷ ମାରାଥନ୍ ଦୌଡ଼ ହେଲାବେଳେ ଆମେ କୌଶଳ କରି ବଜାରକୁ ଖସି ପଳେଇଥିଲୁ; ସେଇଠୁ କିଛି ଜିନିଷ କିଣାକିଣିକରି ଗୋଟେ ଛୋଟ ଚଲାରାସ୍ତାରେ ଫେରିଆସି ସ୍କୁଲରେ ଆଗେ ହାଜର ହେଇ ପ୍ରଥମ ଦ୍ୱିତୀୟ ହୋଇଥିଲୁ । ସେତିକିବେଳେ କିଣାହୋଇଥିଲା ଏଇ ମାନଚିତ୍ରଟା । (ସେ ମାରାଥନ ଦୌଡ଼ରେ ଆମକୁ ପରେ ଅବଶ୍ୟ ଅଯୋଗ୍ୟ ଘୋଷଣା କରାହେଇଥିଲା, କାରଣ ଜଜ୍‌ମାନେ ଅଡ଼ି ବସିଲେ ଯେ, ସେମାନେ ଆମକୁ ନିର୍ଦ୍ଧାରିତ ରାସ୍ତାରେ ଦଉଡ଼ିଯିବାର ଦେଖିନାହାନ୍ତି ମୋଟେ । ସେ ଯାହାହଉ, ସେତେବେଳକୁ କିଛି ସମୟପାଇଁ ଆମେ ପ୍ରଥମ, ଦ୍ୱିତୀୟ ହୋଇଛୁ ବୋଲି ଅନ୍ୟମାନଙ୍କଠାରୁ ପ୍ରଶଂସା ଓ କରତାଳି ପାଇ ସାରିଥିଲୁ ।

ଆମ ଆଗରେ ଖୋଲାହେଇ ପଡ଼ିଥିବା ମାନଚିତ୍ରରେ ଗୋଟେ ନାଲି ପେନ୍‌ସିଲ୍ ଧରି ମୁଁ ହିମାଳୟର ପାହାଡ଼ିଆ ତଳମାଳ ଅଞ୍ଚଳରେ ଥିବା ପାହାଡ଼ଗଞ୍ଜ ଉପରେ ଗୋଟେ ମୁଣ୍ଡୁଳା ବୁଲେଇ ଦେଲି । ତା'ପରେ କଛର ଖାଡି ଅଞ୍ଚଳକୁ ସାମ୍ନାକରି କାଠିଆବାଡ଼ ଅନ୍ତରୀପର ଅଗଟିପରେ ଥିବା ଜାମ୍‌ନଗର ଉପରେ ମୁଣ୍ଡୁଳା ବୁଲେଇ ଆଣିଲି । ଏ ଦୁଇଟି ଜାଗା ଭିତରେ ଥିଲା କ'ଣ ? ପ୍ରଥମେ ପାହାଡ଼ ଆଉ ବଣ, ତା'ପରେ ଗଙ୍ଗା ଯମୁନା ଅବବାହିକାର ବିସ୍ତୀର୍ଣ୍ଣ ଉର୍ବର ସମତଳ ଭୂମି, ଯାହା ଦିଲ୍ଲୀ ଡ଼େଇଁ ଲମ୍ବିଯାଇଥିଲା ବହୁଦୂର । ତା'ପରେ ଲମ୍ବା ଲମ୍ବା ଧୂସର ପାହାଡ଼ମାନ ଓ ରାଜସ୍ଥାନ ମରୁଭୂମିର ମାଳମାଳ ବାଲିକୁଦ ଏବଂ ସବାଶେଷରେ ଗୁଜରାଟ ଓ ମହାରାଷ୍ଟ୍ରର ସମୁଦ୍ରକୂଳିଆ ବିରାଟ ଉର୍ବର ଅଞ୍ଚଳ । ନଦୀ ଓ ହ୍ରଦମାନ ଭରି

ରହିଥିଲେ ଏଠି ସେଠି । ଆମେ ଭାବୁଥିଲୁ, ଗଲାବେଳେ ବାଟରେ ଯେତେ ଯାହା ଯାନବାହାନର ସୁବିଧା ମିଳିବ ସେସବୁ କାମରେ ଲଗେଇବୁ, କାରଣ ହାତରେ ଆମର ସମୟ ଥିଲା ବହୁତ କମ୍ । ଜିମ୍ କକାଙ୍କ ଜାହାଜ, ବନ୍ଦରରେ ଦରକାରୀ ସମୟଠାରୁ ଅଧିକ କାଳ ଅଟକିବାର ସମ୍ଭାବନା ନଥିଲା । ମୌସୁମୀବାୟୁ କିଛି ଗଣ୍ଡଗୋଳ ସୃଷ୍ଟି କରିବା ପୂର୍ବରୁ ଜୁଲାଇମାସ ଶେଷରେ ସେ ବନ୍ଦର ଛାଡ଼ି ଯାତ୍ରା ଆରମ୍ଭ କରିଦବା କଥା ।

ମୁଁ କହିଲି, "ଯେତେ ଶୀଘ୍ର ସମ୍ଭବ, ଆମେ ଦିଲ୍ଲୀରେ ପହଞ୍ଚିଯିବା ଉଚିତ୍ । ନହେଲେ ଅଞ୍ଚଳରେ ଧରାପଡ଼ିବା । ଥରେ ଦିଲ୍ଲୀ ଡେ଼ଇଁଗଲେ ସେମାନେ ଆମ ପିଛା ଆଉ କରିପାରିବେନି । ଭାରତ ଗୋଟେ ବିରାଟ ଦେଶ । ଏଠି ସହଜରେ ଜଣେ କେହି ଛପିଯାଇପାରିବ ।"

-"ତୁ' କଣ ଭାବୁଚୁ ସେମାନେ ଆମକୁ ଖୋଜିବାପାଇଁ ଏମିତି ବ୍ୟସ୍ତହେବେ ?"

"ହଁ ହଁ ନିଶ୍ଚିତ । ତୁ' ଜାଣୁ ମୋର ଯେ ମୁରବୀ, ସେ ଆମ ପ୍ରିନ୍‌ସିପାଲଙ୍କର ଜଣେ ସାଙ୍ଗ । ପୁଣି ତୋ'ର ଯଦି କିଛି ହେଲା, ତେବେ ତୋ'ବାପା ସ୍କୁଲ ବିରୁଦ୍ଧରେ ନିଶ୍ଚୟ ମକଦ୍ଦମା କରିବେ । ଆମକୁ ନ ପାଇଲେ ସେମାନେ ପ୍ରଥମେ ସାରା ପାହାଡ଼ଗଞ୍ଜ ଖୋଜିବେ । ତା'ପରେ ଡେ଼ରାଡୁନ୍, ଆଉ ଯେତେବେଳେ ନପାଇବେ, ସେଇଠୁ ସେମାନେ ପୋଲିସ୍‌ରେ ଖବର ଦେବେ । ଆମେ ଦାଗୀ ଭଳିଆ ପୋଲିସର ସନ୍ଧାନ-ତାଲିକାରେ ରହିବା । ସବୁ ରେଳଷ୍ଟେସନ ଆଉ ବସ୍‌ଷ୍ଟାଣ୍ଡରେ ଆମକୁ ଖୋଜା ଚାଲିବ ।"

ତା' ଅର୍ଥ କ'ଣ ଆମେ ଚାଲିଚାଲି ଦିଲ୍ଲୀ ଯିବା", ମୁହଁଟିକୁ ଶୁଖେଇ ପଚାରିଲା ଦଲ୍‌ଜିତ । "ଭାଇ, ମୁଁ 125 ମାଇଲ୍ ବାଟ ଚାଲିକରି ଯାଇପାରିବିନି ।"

"ଆମେ କେବଳ ଡେରାଡୁନ୍‌ଯାଏଁ ଚାଲିବା । ଏଇଠୁ ଗଡ଼ାଣି ରାସ୍ତାରେ ସିଏ ପ୍ରାୟ 12 ମାଇଲ ହବ । ତୁ ପାରିବୁ ତ ?"

"ଯଦି ଗଡ଼ାଣି ରାସ୍ତା, ତା'ହେଲେ ମୁଁ ପାରିବି ଭାବୁଚି ।"

"ଡେରାଡୁନ୍‌ରୁ ଟ୍ରେନ ହଉ କି ବସ୍ କିମ୍ବା ଟ୍ରକ୍ ହଉ, ଯାହା ପାଇବା ସେଥିରେ ଚଢ଼ିବା । ତଥାପି ରେଳଷ୍ଟେସନ୍ ଗୁଡ଼ିକୁ ଆମେ ନଯିବା ଉଚିତ୍ ।"

"ତା'ହେଲେ ଠିକ୍ ଅଛି, ରଷ୍ଟି । ସେଇଟା ଠିକ୍ କଥା । ଏତେ ଦୂରକଥା ଏଇଲେ ଭାବି ଭାବି କିଛି ଲାଭନାହିଁ । ଚାଲ୍ ଆମେ ଦିଲ୍ଲୀ ଚାଲିଯିବା । ସିଏ କ'ଣ କମ୍ ବାଟ ହେଲାଣି ! ତା'ପରେ ଯାହା ସୁବିଧାହବ କରିବା ।"

ଆମେ ଦୁଇଜଣ ଚୁପ୍‌ଚାପ୍ ହେଇଯାଇଥିଲୁ । ମୁଣ୍ଡରେ ନାନା କଥା ଖେଳୁଥିଲା । ଯଦି ଧରାପଡିଗଲୁ, ତେବେ ଆମ ଅବସ୍ଥା କ'ଣ ହବ, କୋଉ ବିପଦ ହାବୁଡ଼େ ପଡ଼ିବାକୁ ହବ, କିଏ ଜାଣେ ! ମହମବତୀଟା ଦପ୍‌ଦପ୍ ହେଇ ଲିଭିଗଲା । ପ୍ରାୟ ଏକ ମିନିଟ୍‌କାଳ ଆମେ ସମ୍ପୂର୍ଣ୍ଣ ଅନ୍ଧାର ଭିତରେ ବସି ରହିଲୁ । ତା'ପରେ ହଠାତ୍ ମୋ ପାଦ ଉପର ଦେଇ ଧୀରେ ଉଜ୍ଜ୍ୱଳ ଆଲୁଅ ପଡ଼ିଲା ଚଟାଣରେ ।

"ମୋ ପେନ୍‌ସିଲ୍ ଟର୍ଚ୍ଚଟା କେମିତି ଲାଗୁଚି, ରଷ୍ଟି", ପଚାରିଲା ଦଲ୍‌ଜିତ୍ ।" ଏଇଟା

ଜାପାନ୍‌ରେ ତିଆରି । ଜେମ୍‌ସ ବଣ୍ଡ୍ ବାହାର କରିଥିଲେ ଏଇ ଭଳିଆ ଟର୍ଚ୍ଚ, ଜାଣିଚୁ ? ଗତବର୍ଷ ନାଇରୋବିରେ ମୁଁ ଏ ଟର୍ଚ୍ଚଟା କିଣିଥିଲି । କିନ୍ତୁ ଆମେ ବେଶି ବ୍ୟାଟେରୀ ଖର୍ଚ୍ଚ କରିବାନି, କାରଣ ଏ ଭଳିଆ ବ୍ୟାଟେରୀ ଏଠି ମିଳେନା ।" ସେ ସୁଇଚ୍‌ଟା ବନ୍ଦ କରିଦେଲା ସେଇଠୁ ।

ମୁଁ କହିଲି, "ତୁମ ଘରେ ତୁ ନଷ୍ଟ ହେଇଯାଇଛୁ ।"

ଟିକିଏ ହସି ଦଲ୍‌ଜିତ୍ କହିଲା, "ହଁ ସତକଥା । ମୁଁ ପୂରାପୂରି ନଷ୍ଟ ହେଇଯାଇଚି ।" ଏତିକି କହି ସେ ମୋ ଆଡ଼କୁ ହାତ ବଢେଇଦେଲା । "ତା ହେଲେ ଆସନ୍ତାକାଲିକୁ କଥା ପକ୍‌କା ?" ସେ ଫିସଫିସ କରି କହିଲା ମତେ । "ସେଠି ଫିସ୍‌ଫିସ୍ କରି କହିବା ମୋଟେ ଦରକାର ନଥିଲା, କିନ୍ତୁ ସବୁକଥାରେ ଦଲ୍‌ଜିତ୍‌ର ନାଟକୀୟତା ସୃଷ୍ଟିକରିବା ଗୋଟେ ଅଭ୍ୟାସ ।

"ଠିକ୍ ଅଛି, ତା'ହେଲେ ଆସନ୍ତାକାଲି ରାତି ।" ମୁଁ ଉତ୍ତର ଦେଲି ।

"କୋଉଠି ଦେଖା ହେବ ?"

"ତଳେ ସେ ପାଇନ୍ ଜଙ୍ଗଲରେ । ସେ ବଡ଼ ପଥର ପାଖରେ । ଦଶଟା ବେଳେ । ସେଇଠୁ ଆମେ ଝରଣା କୂଳେ କୂଳେ ଯାଇ, ଦଉଡ଼ିବନ୍ଧା-ରାସ୍ତା ପାରହେଇ ଡେରାଡୁନ୍ ଚାଲିଯିବା ।

ଦଲଜିତ୍ କହିଲା, "ଦେଖ୍ ବିଳମ୍ବ କରିବୁନି ମୋଟେ । ଜଙ୍ଗଲ ମଝିରେ ଅନ୍ଧାରଟାରେ ମୁଁ ତତେ ଅପେକ୍ଷାକରି ରହିପାରିବିନି । ଲୋକେ କହନ୍ତି, ସେଠି କୁଆଡ଼େ ଭୂତ ଅଛି ।"

ମୁଁ କହିଲି, "ସେଥିରେ କ'ଣ ଅଛି । ତୋ ପାଖରେ ତ ଟର୍ଚ୍ଚ ଅଛିନା !"

ମୋ ହାତକୁ ସେ ଜାବୁଡ଼ି ଧରିଲା । "ଆମେ ଆଉ ଆସନ୍ତାକାଲି ସ୍କୁଲରେ କଥା ହବାନି । କେହି ଯେମିତି ଆମକୁ ସନ୍ଦେହ ନ କରନ୍ତି । ଚାଲ୍ ଶୋଇବାକୁ ଯିବା । ମତେ ଭାରି ନିଦ ମାଡ଼ିଲାଣି ।"

"ଯା' ଭଲକରି ଶୋଇପଡ଼ିବୁ । ଆସନ୍ତାକାଲି ଆମକୁ ଆଉ ଶୋଇବାକୁ ହୁଏତ ସୁବିଧା ନ ମିଳିପାରେ ।" ମୁଁ ଉତ୍ତର କଲି ।

ବ୍ୟାୟାମଶାଳାରୁ ଆମେ ବାହାରିଲାବେଳକୁ ମୁଣ୍ଡଉପରକୁ ଜହ୍ନ ଆସିଲାଣି । ଖୋଲା ପଡିଆ, ମଣ୍ଡପ, ଶୋଇବା ହଲ୍ ଆଦି ଜହ୍ନ ଆଲୁଅରେ ତୋଫା ଦିଶୁଥାଏ । ପହାଡ଼ତଳି ଯାଗାରେ ବିଶାଳ ଦେବଦାରୁ ଗଛମାନଙ୍କର ଛାଇ ପଡିଥାଏ ଅଶରୀରୀ ଆତ୍ମାପରି । କାଁ ଭାଁ ଆକାଶରେ ଏଠି ସେଠି ବାଦଲ ଦେଖାଯାଉଥାଏ । ରାତିଟା ବେଶ୍ ମନୋରମ ଲାଗୁଥାଏ ସେ ପରିବେଶରେ ।

ଦଲଜିତ୍ କହିଲା, "ମୁଁ ଭାବୁଚି ଆମକୁ କେହି ଦେଖିନାହାନ୍ତି ତ ?"

ସେଇଠି ମୁଁ ଉତ୍ତର କଲି, "ଦେଖ୍ ଯଦି ଆମେ ଏଇଲେ ଧରାପଡ଼ିବା ତା'ହେଲେ ତୁ କହିବୁ ଯେ ମୁଁ ନିଦରେ ବାଉଳାହୋଇ ଚାଲୁଥିବାର ଦେଖି ତୁ ମୋ ପଛରେ ଆସୁଥିଲୁ, ବୁଝିଲୁ ?"

"ଭଲ ବୁଦ୍ଧି ତ । ତୁ' କ'ଣ ଏସବୁ ବୁଦ୍ଧି ବହିରୁ ପାଇଚୁ ?" ସେ ପଚାରିଲା ।

ଦୁଇଟା ପିଶାଚ ପରି, ଆମେ ଚୁପ୍ ଚାପ୍ ଡ଼େଇଁ ଦଉଡ଼ିଯାଇ ପଶିଗଲୁ ଶୋଇବାହଲ

ଭିତରେ ।

ଦୁଆର ପାଖରେ ପହଞ୍ଚି ଦଲ୍‌ଜିତ୍ ଗୋଟେ ବିଚିତ୍ରଭଙ୍ଗୀରେ ମତେ ହାତ ହଲେଇଲା । ଥିରିକିନା ମୋ ଶେଯରେ ପଡ଼ିଯାଇ ମୁଁ ଶୋଇବାପାଇଁ ଚେଷ୍ଟାକଲି । ହେଲେ ନିଦ କୁଆଡ଼େ ହଉଛି ! ଆସନ୍ତା ରୋମାଞ୍ଚକର ଅନୁଭବ ସମ୍ପର୍କରେ ମୁଁ ଭାବୁଥାଏ । କେମିତି ଏତେ ବାଟ ଯିବୁ, ପୁଣି କକା ଯେତେବେଳେ ମତେ ହଠାତ୍ ଦେଖିବେ, ତାଙ୍କ ମୁହଁ ଆଶ୍ଚର୍ଯ୍ୟବୋଧରେ କେମିତି ଦିଶିବ, ଏଇଭଳି କଥାମାନ ଖେଳୁଥାଏ ମୋ ମୁଣ୍ଡରେ ।

ମୁଁ କିନ୍ତୁ ଜାହାଜରେ କିଛି କାମକରି ଟିକଟ ବାବଦକୁ ଶୁଝିବାପାଇଁ ଚେଷ୍ଟାକରିବି । ଦଲ୍‌ଜିତ୍ ଆଉ ମୁଁ ଜାହାଜରେ କିଛିନା କିଛି କାମ ନିଶ୍ଚୟ କରିପାରିବୁ ।

ମୋର ମନେପଡ଼ିଯାଉଥାଏ–ୟୋକୋହାମା, ଭାଲ୍‌ପାରିସୋ, ସାନ୍‌ଡିଏଗୋ ଓ ଲଣ୍ଡନ୍ ଇତ୍ୟାଦି ।



ଢାବାରେ ଚା'ପିଆ

ସ୍କୁଲରୁ ପଳାୟନ । ଏମିତି କାମ କରିବାକୁ କେହି କାହାକୁ ପରାମର୍ଶ ଦେବନି ନିଶ୍ଚେ । ବାପା ମା କି ଶିକ୍ଷକ କେହି ବରଦାସ୍ତ କରିବେନି ଏଭଳି କାର୍ଯ୍ୟ । କେବେ କରନ୍ତେ କି ? ତେବେ ପ୍ରତ୍ୟେକ ମଣିଷ ନିଜର ଜୀବନକାଳ ଭିତରେ ଖରାପ ସ୍କୁଲ ଖରାପ ଘର କିମ୍ବା କୌଣସି ନା କୌଣସି ଅସୁଖକର କଥାରୁ ମୁକ୍ତିପାଇ ପଳେଇଯିବାକୁ ଚାହିଁଥିବେ ନିଶ୍ଚୟ । ପଳାୟନ କରିବା ଏମିତିରେ ଗୋଟେ ନୂଆକଥା ନୁହେଁ । ତା'ର ବି ଗୋଟେ ପରମ୍ପରା ଅଛି, ଇତିହାସ ଅଛି, ହକ୍ ଫିନ ପଳେଇଥିଲା । ମାଷ୍ଟର କପରଫିଲଡ୍, ଅଲିଭର ଟ୍ୱିଷ୍ଟ ମଧ୍ୟ ପଳେଇ ଥିଲେ । କିମ୍ ମଧ୍ୟ । ଅନେକ ବାହାଦୂର ଯୁବକ, ସମୁଦ୍ର ଭିତରକୁ ମଧ୍ୟ ପଳାୟନ କରିଛନ୍ତି ଅତୀତରେ । କେତେକେତେ ବିଖ୍ୟାତ ମଣିଷ ନିଜ ଜୀବନରେ କେବେନା କେବେ ସ୍କୁଲ ଛାଡି ପଳାୟନ କରିଛନ୍ତି । ଯଦିବା କେହି ସେକଥା ନ କରିପାରିଛି, ତେବେ ସେ ସେମିତି କରିବାଟା ଉଚିତ ହେଇଥାନ୍ତା ବୋଲି ମୁଁ କହିବି ।

ସେ ଯା'ହେଉ, କଥା କ'ଣ କି, ଦଲ୍‌ଜିତ୍ ଓ ମୁଁ ସ୍କୁଲ ଛାଡ଼ି ପଳେଇ ଆସିଲୁ ଶେଷକୁ ଏବଂ ସେ ବିଷୟରେ କୈଫିୟତ ଦେଇ ଆମେ ମଧ୍ୟ ସମୟ ନଷ୍ଟ କରିବାକୁ ଚାହୁଁନୁ । ଗୋଟେ ସମୟ ପର୍ଯ୍ୟନ୍ତ ଆମର ଏ ପଳାୟନ କାର୍ଯ୍ୟଟି ମଧ୍ୟ ବେଶ୍ ସୁରୁଖୁରୁରେ ସମାହିତ ହୋଇଥିଲା । ଏସବୁ କଥା ଏଇ ଭାରତ ଭିତରେ ହିଁ ସମ୍ଭବ । ପୃଥିବୀର ଆୟତନର ଶତକଡ଼ା ମାତ୍ର ଦୁଇଭାଗ ହେଲେବି ଲୋକସଂଖ୍ୟା ଅନୁସାରେ ପୃଥିବୀର ଶତକଡ଼ା ପନ୍ଦରଭାଗ ଲୋକ ଭାରତରେ ବାସ କରନ୍ତି । ତେଣୁ ଏଠି ଲୁଚିଯିବା, ହଜିଯିବା କିମ୍ବା ଅନ୍ତର୍ଦ୍ଧାନ ହେଇ ଆଉ ମୋଟେ ଶୁଣାନଯିବା କି ଦେଖାନଯିବା ଅତି ସହଜକଥା ।

ଅବଶ୍ୟ ଯେ ଖାଲି ନିଖୋଜ ହେଇଯିବାପାଇଁ ଚାହୁଁଥିଲୁ ତା ନୁହେଁ । ଗୋଟେ ନିର୍ଦ୍ଦିଷ୍ଟ ଜାଗା-ଜାମ୍‌ନଗର ଉଦ୍ଦେଶ୍ୟରେ ବାହାରିଥିଲୁ ଆମେ । ତଥାପି ସେ ବାଟ ଆମ ପାଇଁ ଥିଲା ଅଜଣା ।

ଅଜଣା ଦିଗ ଆଡ଼କୁ ମୁଁ ମୋର ପାଦ ବଢାଇଲାବେଳେ ପ୍ରଥମେ ପଡିଲା ସ୍କୁଲର ନିମ୍ନ ଦେଶରେ ପାଇନ ବଣରୁ ଝଡ଼ି ଚାରିଆଡ଼େ ବିଛେଇ ପଡ଼ିଥିବା ସରସର ପାଦ ସ୍କୁଲର ଖସଡା ଓ ପାଇନ୍ କଣ୍ଟାପୂର୍ଣ୍ଣ ରାସ୍ତାଟି ଉପରେ । ମୋର ଦୃଢ ଧାରଣା ହେଇଥିଲାଯେ ମୁଁ କୋଉ

ଅଜଣା ଦିଗରେ ଧାଉଁନାହିଁ । କ'ଣ ଗୋଟେ ନିଶ୍ଚିତତା ଆଡ଼େ ଯାଉଛି ଯେମିତି । ଯେକେହି ଏହାକୁ ସ୍ୱପ୍ନ ବୋଲି କହିପାରେ । ସତକଥା, ମୁଁ ବୋଧହୁଏ ଗୋଟେ ସ୍ୱପ୍ନ ଆଡ଼କୁ ଧାଉଁଥିଲି ।

ପାଇଜାମା ପିନ୍ଧି, ଖୋଲାପାଦରେ ମୁଁ ପାହାଡ଼ର ଖସଡା ଗଡ଼ାଣିରେ ଓହ୍ଲାଇବାକୁ ଲାଗିଲି ଏବଂ ପ୍ରଥମେ ପହଞ୍ଚିଗଲି ପାହାଡ଼ ମଝିରେ ଥିବା ସେ ଢାଲୁ ପଥର ପାଖରେ । କଅଁଳ ସୁଲୁସୁଲୁ ପବନ ବୋହୁଥାଏ ପାଇନ୍ ଜଙ୍ଗଲ୍ ଭିତରଦେଇ । ରାତିଟା ଥଣ୍ଡା ଏବଂ ସୁଖକର ମନେ ହେଉଥାଏ । ଉପତ୍ୟକା ତଳୁ ଝରଣାର ଥିରିଥିରି କୁଳୁକୁଳୁ ଧ୍ୱନି ଶୁଣାଯାଉଥାଏ ଏପର୍ଯ୍ୟନ୍ତ । ସତେ ଯେମିତି କେହି ଜଣେ ମଣିଷ ମନକୁ ମନ କ'ଣ ଗୋଟାଏ ଗୀତ ଗୁଣୁଗୁଣେଇ ଚାଲିଛି । ହଠାତ୍ ବହଳ ମୌସୁମୀ ବାଦଲ ଆଢୁଆଳରୁ ବାହାରି ଆସିଲା ଗୋଲ୍ ଜହ୍ନ ଏବଂ ଗଛ, ବୁଦା, ପାହାଡ଼, ପଥରସବୁ ଅନ୍ଧାର ଉହାଡରୁ ବାହାରି ଆସିଲେ ପଦାକୁ ।

ଅଳ୍ପ କିଛି ସମୟ ଛାଡ଼ି ଦଲ୍‌ଜିତ୍ ଆସି ପହଞ୍ଚିଲା ସେଠି । ପାଇଜାମା ପିନ୍ଧିଥିଲେ ବି ସେ ମୁଣ୍ଡରୁ ପଗଡ଼ିଟି ବାହାର କରିନଥିଲା ସେଯାଏଁ । ଅନେକ ଶିଖଙ୍କ ଭଳି, ଦଲଜିତ୍ ପାଇଁ ପଗଡ଼ିଟିଥିଲା ଏକ ଗର୍ବ ଏବଂ ଗୌରବର କଥା । ଖେଳିଲାବେଳେ ଏବଂ ରାତିରେ ଶୋଇବାକୁ ଯିବା ସମୟରେ ସେ ମୁଣ୍ଡରୁ ପଗଡ଼ିଟି ବାହାର କରେ । ତେଣୁ ପଗଡ଼ି ନପିନ୍ଧି ଖାଲି ମୁଣ୍ଡରେ ପଳାୟନ କରିବା କଥା ସ୍ୱପ୍ନରେ ସୁଦ୍ଧା ସେ ଭାବିପାରିବ ନାହିଁ । ଶୋଇବାକୁ ଗଲାବେଳେ ପଗଡ଼ିକୁ ନ ଫିଟେଇ ସେ ସେଇମିତି ବାହାର କରି ଆଣେ ଏବଂ ଶେଯରୁ ଉଠିଲେ ପୁଣି ତାକୁ ଟୋପିଭଳି ଟେକି ଆଣି ମୁଣ୍ଡରେ ଏମିତି ବାଗେଇ କରି ପିନ୍ଧେ ଯେ କୋଉଜାଗାରେ ସାମାନ୍ୟ ଭାଙ୍ଗଟିଏ ବି ପଡ଼େନି ।

ଆସିଲାବେଳେ ଆମେ ଆମ ବ୍ୟାୟାମପୋଷାକ, ପୁଟୁଳାବାନ୍ଧି ଆଣିଥିଲୁ । ଏବେ ସେ ପୋଷାକକୁ ପିନ୍ଧି ପକେଇଲୁ କାରଣ ସ୍କୁଲ ପୋଷାକ ପିନ୍ଧି ଗଲେ ଜଣାପଡ଼ିଯିବୁ ସ୍କୁଲପିଲାବୋଲି । ତା'ଛଡ଼ା ଆମର ଘର ଡ୍ରେସ୍‌ସବୁ ସ୍କୁଲରେ ପଢାମାସଯାକ ବକ୍ସରୁମ୍‌ରେ ସାଇତାହୋଇ ରହିଥାଏ । ପୋଷାକସହ ବ୍ୟାୟାମଯୋତା ମଧ୍ୟ ପିନ୍ଧିବାକୁ ହେଲା । ପିଠିରେ ପଡ଼ିଥିବା ବଡ଼ମୁଣାରେ ଆମର ଜିନିଷପତ୍ର, ଲୁଗାପଟା ଓ କେତେଖଣ୍ଡ ବହି ଭର୍ତ୍ତି ହୋଇଥିଲା । ଆଉ ବାକି ଯାହା ଜିନିଷ-ଲୁଗାପଟା, ଶେଯ ଓ ବାକ୍ସ, ଆମେ ସେସବୁ ଆନନ୍ଦରେ ଛାଡ଼ି ଆସିଥିଲୁ ।

ପାହାଡ଼ ତଳଦେଇ ଲମ୍ବିଯାଇଥାଏ ସରୁ ରାସ୍ତାଟି । ସମତଳ ରାସ୍ତାଯାଏଁ ଆମେ ସେଇ ବାଟେବାଟେ ଗଲୁ । କଡ଼ରେ ଝରଣାଟି ଧାଇଁଥାଏ କୁଳୁକୁଳୁ ଶବ୍ଦକରି । ପ୍ରାୟ ଏକମାଇଲ୍ ପର୍ଯ୍ୟନ୍ତ ସେ ଝରଣା କୂଳେ କୂଳେ ଚୁପ୍‌ଚାପ୍ ତରତର ପାଦରେ ଚାଲିଲୁ । ତା'ପରେ ପଡ଼ିଲା ଦଉଡ଼ିବନ୍ଧା ରାସ୍ତା । ଜଣେ କେବଳ ଗଲାଭଳି ବାଟ । ସେଇଟା ପୁଣି ଲମ୍ବିରହିଛି ତଳକୁ ଉପତ୍ୟକାର ଶେଷ ପାହାଡ଼ଯାଏଁ ।

ଗଲାବେଳେ କିଛି ଅସୁବିଧା ଲାଗୁନଥାଏ । ରାସ୍ତାଟି ଆମର ବେଶ୍ ପରିଚିତ । କିନ୍ତୁ ଶେଷ ପାହାଡ଼ର ତଳି ଅଞ୍ଚଳରେ ପହଞ୍ଚିଲା ବେଳକୁ ଆରମ୍ଭ ହୋଇଗଲା ଝିପିଝିପି ବର୍ଷା ।

ଗୋଟିଏ ଗାଆଁ ବାହାରେ ଥିବା ଛୋଟ ଢାବାରେ ଆମେ ଆଶ୍ରୟ ନେଲୁ । ଢାବାବାଲା ତଥାପି ଶୋଇଥାଏ । ଗୋଟାଏ କାନଥିବା, ତା'ର ଦେଶୀ କୁକୁର ଆମକୁ ନ ଗୋଡ଼େଇ

ବନ୍ଧୁତାପୂର୍ଣ୍ଣ ଢଙ୍ଗରେ ଟିକେ ଶୁଙ୍ଘିଦେଇ ଚୁପ୍ ରହିଲା । ପୁରୁଣା ବେଞ୍ଚଟା ଉପରେ ଆମେ ବସିପଡ଼ି ଦୂର ପାହାଡ଼ ସେପଟୁ ଉଇଁ ଆସୁଥିବା ସୂର୍ଯ୍ୟଙ୍କୁ ଲକ୍ଷ୍ୟ କରୁଥାଉ ।

ଏ ଘଟଣାଟି ମୋର ସବୁଦିନ ପାଇଁ ମନେ ରହିଛି । ଯେକୌଣସି ଦିନର ସୂର୍ଯ୍ୟୋଦୟଠାରୁ ସେଦିନଟି ଅତ୍ୟନ୍ତ ରମଣୀୟ ଥିଲା ବୋଲି ନୁହେଁ; ପରନ୍ତୁ ସେଦିନର ଅଲଗାପଣ ଯୋଗୁଁ ମୁଁ ସବୁ ଜିନିଷକୁ ଗୋଟେ ନୂଆ ଢଙ୍ଗରେ ଆବିଷ୍କାର କରୁଥିଲି ମନେମନେ । ଆଜିଯାଏଁ ସେ ସ୍ମୃତି ମୋ ଭିତରେ ସେଇଭଳି ଜୀବନ୍ତ ହୋଇ ରହିଛି ।

ଆକାଶ ଧୀରେ ଧୀରେ ଆଲୋକିତ ହେଲା । ଡେ଼ଙ୍ଗା ଡେ଼ଙ୍ଗା ଦେବଦାରୁ ଓ ପାଇନ୍‌ଗଛ ଗୁଡ଼ିକ ଏଣିକି ସ୍ପଷ୍ଟ ଦେଖାଗଲେ । ଚଢ଼େଇମାନେ ଚଳ ଚଞ୍ଚଳ ହେଇ ଉଠିଲେ । ପହିଲେ, ଗୋଟିଏ କଳା ଚଢ଼େଇ ଧୀର ଅଥଚ ମଧୁର ଗଳାରେ ଆରମ୍ଭ କରିଦେଲା ଗୀତ, ତେଣିକି ବଣିମାନେ କଚର ମଚର ଆରମ୍ଭ କରିଦେଲେ ବୁଦାମାନଙ୍କରେ । ଗୋଟାଏ ଫିର୍‌ଗଛର ଅଗଟିପରେ ବସି ଏକା ସ୍ୱରରେ ରଡ଼ିଛାଡ଼ିଥାଏ ବସନ୍ତ ଚଢ଼େଇଟେ । ଦିନ

ଆଉଟିକେ ଫରଚା ହେଲାବେଳକୁ ପଲେ ଶୁଆ ଉଡ଼ିଗଲେ ଗଛମାନଙ୍କର ଠିକ୍ ଉପରଦେଇ ।

ଫୁରୁଫୁରିଆ ବର୍ଷା ପଡୁଥାଏ ଟିକେ ଟିକେ । ପୂର୍ବ ଦିଗରେ ଛାଇ ଯାଇଥାଏ ଉଜ୍ଜଳ ଗେରୁଆ ରଙ୍ଗର ଆଭା । ତା'ପରେ ହଠାତ୍ ମେଘ ଆଢୁଆଳରୁ ଯେମିତି ପଦାକୁ ଡ଼େଇଁ ପଡ଼ିଲେ ସୂର୍ଯ୍ୟ । ବର୍ଷାଦିନିଆ ଘାସର ଗାଲିଚାରେ ଜୀବନ ଫେରିଆସିଲା ପରି ଲାଗିଲା । ଦଲ୍‌ଜିତ ଓ ମୁଁ ବିହ୍ୱଳହୋଇ ଚାହୁଁଥାଉ ଚାରିଆଡ଼କୁ । ଏତେ ବଡ଼ିଭୋର୍‌ରୁ ଆମେ କେବେ ଉଠିନଥିଲୁ ଆଗରୁ । ଗଛ, ବୁଦା ଓ ଘାସମାନଙ୍କରେ ଶହ ଶହ ବୁଢିଆଣୀ ଜାଲ ଛନ୍ଦି ହୋଇଚନ୍ତି । ଏମିତିରେ ବୋଧେ ଖାଲି ଆଖିରେ ଧରା ପଡ଼ିନଥାନ୍ତେ ସେମାନେ । ଅଥଚ ସକାଳର କଅଁଳ ସୂର୍ଯ୍ୟକିରଣରେ ଏବେ ସେଗୁଡିକ ଦିଶୁଥିଲେ ପ୍ରାଞ୍ଜଳ ହୋଇ । ବୁଢିଆଣୀ ଜାଲମାନଙ୍କରେ ଅସଂଖ୍ୟ ସୁନାରୂପାର ପାଣିଟୋପା । ବୁଢିଆଣୀର ଟାଣ ରେଶମ ସୂତାରେ ଝୁଲିଚି ଜଳବିନ୍ଦୁ ଏବଂ ସୂର୍ଯ୍ୟ ତାଙ୍କର ଭେଳିକିରେ ପ୍ରତିଟି ଜଳବିନ୍ଦୁକୁ ପରିଣତ କରିଛନ୍ତି ଗୋଟିଏ ଗୋଟିଏ ରତ୍ନରେ ।

ପାଣିରେ ଭିଜି ଓଜନରେ ନଇଁପଡ଼ିଥିବା ଗୋଟିଏ ବିରାଟ ଜଙ୍ଗଲି ଲାଲ୍ ଡାଲିଆ ଫୁଲଗଛ ବିଛେଇ ଦେଇଛି ତା'ର ଫୁଲମାନଙ୍କୁ ପାହାଡ଼ ତଳେ ଏବଂ ଉଜ୍ଜଳ ସବୁଜରଙ୍ଗର ଝିଣ୍ଟିକାଟିଏ ଗୋଟିଏ ପାଖୁଡା ଉପରେ ବସି ସୂର୍ଯ୍ୟକିରଣରେ ତା'ର ଗୋଡ଼ ଲମ୍ବଉଛି ।

ଏତିକିବେଳେ ଢାବାବାଲା ଉଠିପଡ଼ିଲା । ତା'ର କୁକୁରଟି ମାଲିକର ଉପସ୍ଥିତିରେ ସାହସପାଇ ଆମ ଆଡ଼କୁ ଏଥର ଭୁକିବାକୁ ଆରମ୍ଭ କଲା । ଲୋକଟି ଉଠି, ଚୂଲିର ଅଙ୍ଗାରରେ ନିଆଁ ଧରେଇ ପାଣି ଗରମ କରିବାପାଇଁ କେଟ୍‌ଲୀଟିଏ ବସେଇଦେଲା ।

ଆମକୁ ଦେଖି କଥାବାର୍ତ୍ତା ଛଳରେ ହିନ୍ଦିରେ ପଚାରିଲା, "କ'ଣ କିଛି ଖାଇବ ?"

ମୁଁ କହିଲି-"ନା, କେବଳ ଚା' ଆମର ଦରକାର ।"

ସେ ଏଥର ଦୁଇଟା ପିତଳ ବଡ଼ ଗିଲାସ ଟେବୁଲ୍ ଉପରେ ଥୋଇଲା ଏବଂ କହିଲା, "ଏଯାଏଁ କ୍ଷୀର ଆସିନାହିଁ । ତୁମେମାନେ ବଡ଼ ସଅଳ ଚାଲି ଆସିଛ ।"

ଦଲ୍‌ଜିତ୍ କହିଲା, "ବିନା କ୍ଷୀରରେ ଆମେ ଚା' ପିଇବୁ । ହେଲେ ଆମର ଅଧିକ ଚିନିପଡ଼ିବା ଦରକାର ।"

"ଆଜିକାଲି ଚିନି ବଡ଼ ମହରଗ । ତଥାପି ତମେମାନେ ସ୍କୁଲପିଲା ହେଇଥିବାରୁ ଟିକେ ଅଧିକ ଚିନି ତମର ଦରକାର । ଯେତେ ଅଧିକ ଲୋଡ଼ା ସେତିକି ଦିଆଯିବ ତୁମକୁ ।"

ମୁଁ ତରତର ହେଇ କହିପକେଇଲି, "ଆମେ କିନ୍ତୁ ସ୍କୁଲ ପିଲା ନୁହଁ ।"

ଦଲଜିତ୍ କହିଲା, "ମୋଟେ ନୁହଁ", କଥା ମୋଡି ମୁଁ କହିଲି, "ଆମେ ଦୁଇଜଣ ଯାତ୍ରୀ ।"

ଦଲଜିତ୍ ମୋ କଥାକୁ ବଢେଇ କହିଲା, "ଆମକୁ ଶୀଘ୍ର ଯାଇ ପରା ଡେରାଡୁନ୍‌ରେ ଟ୍ରେନ୍ ଧରିବକୁ ପଡ଼ିବ ।"

ଢାବାବାଲା କହିଲା-"ହେଲେ ଦିନ ଦଶଟା ପୂର୍ବରୁ ତ କୌଣସି ଟ୍ରେନ୍ ଛାଡେନି ଡ଼େରାଡୁନ୍‌ରୁ ?"

ଏଥର ଦଲ୍‌ଜିତ୍ ଷ୍ଫୁର୍ତ୍ତି ଦେଖେଇ କହିଲା, "ଆମେପରା ସେଇ ଦଶଟା ବେଳ ଟ୍ରେନ୍

ଧରିବୁ । ଠିକ୍ ସମୟରେ ଏଠୁ ଯାଇ ପହଞ୍ଚିପାରିବୁ ତ ?"

"ହଁ, ହଁ, ବହୁତ ବେଳ ଅଛି ସେଥିପାଇଁ ।"

ଢାବାବାଲା ଗିଲାସ ଦୁଇଟାରେ ଗରମ ଚା' ଢାଳିଲା ଏବଂ ଚିନିଡବାଟାକୁ ଥୋଇଦେଲା ଆଗରେ ।

ହସି ହସି ସେ କହିଲା, "ପ୍ରଥମେ ମୁଁ ଭାବିଥିଲି ତୁମେ ଦୁଇଜଣ ସ୍କୁଲ୍‌ପିଲା ବୋଲି । ସ୍କୁଲରୁ ଖସି ପଳାଇଚ ନା' କ'ଣ ।" ମତେ ଲାଗୁଥିଲା ଦଲ୍‌ଜିତ୍ କେମିତି ଗୋଟେ ଆମ୍ବିଳିଆ ମୁହଁକରି ହସୁଛି । ସେ ପଚାରିଲା, "ଆମକୁ ଦେଖି ତୁମେ ସେମିତି ଭାବିଲ କାହିଁକି ?"

ଲୋକଟି ଉତ୍ତର କଲା, "କଥା କ'ଣକି, ମୁଁ ଅନେକ ବର୍ଷ ହେଲା ଏଠି ରହିଲିଣି ।" ଏତିକି କହି ସେ ତା ନିଜର ଢାବାଟିକୁ ଆଙ୍ଗୁଠି ଦେଖେଇଲା ।

"ସ୍କୁଲ ଛାଡ଼ି ଖସି ପଳେଇଲାବେଳେ ପିଲାମାନେ ପ୍ରାୟ ଏଇବାଟ ଦେଇଯାଆନ୍ତି ।"

ମୁଁ ପଚାରିଲି, "କ'ଣ ବହୁତ ପିଲା ଏମିତି ପଳାନ୍ତି ?"

"ନାଇଁ ବେଶି ନୁହେଁ । ତେବେ ବର୍ଷକେ ଦୁଇତିନିଜଣ ଖସି ପଳାନ୍ତି ନିଶ୍ଚୟ । ସେମାନେ ସେଇ ଡେରାଡୁନ୍ ରେଳଷ୍ଟେସନ୍‌ଯାଏଁ ଯାଆନ୍ତି ଆଉ ସେଇଠି ଧରାପଡନ୍ତି", ଦଲ୍‌ଜିତ୍ କହିଲା "ବୋକାଗୁଡ଼ାକ ହେଇଥିବେ, ନ ହେଲେ ଧରାପଡ଼ନ୍ତି କାହିଁକି ?"

"ସେମାନେ କ'ଣ ସବୁବେଳେ ଧରାପଡ଼ି ଯାଆନ୍ତି ?" ମୁଁ ପଚାରିଲି । "ପ୍ରାୟ ସବୁବେଳେ ଏଇବାଟ ଦେଇ ସେମାନେ ଯେତେବେଳେ ପଳାନ୍ତି, ମୁଁ ତାଙ୍କୁ ଚା'ଦିଏ, ପୁଣି ଧରାପଡ଼ି ତାଙ୍କ ଶିକ୍ଷକମାନଙ୍କ ସହ ଫେରିଲାବେଳେ ଆଉ ଗିଲାସେ ଲେଖାଏଁ ଚା' ସେମାନେ ପିଅନ୍ତି ।"

ଦଲଜିତ୍‌କୁ ମୁଁ ଆଖିଠାରି ମନାକରିବା ସତ୍ତ୍ୱେ ବି ସେ କହିପକେଇଲା, "ତୁମେ ଆମକୁ ଆଉ ଦ୍ୱିତୀୟଥର ଦେଖିବନି ।"

"ଆଚ୍ଛା ଆଚ୍ଛା, କିନ୍ତୁ ତମେମାନେ ତ ସ୍କୁଲ୍‌ପିଲା ନୁହଁ, ନା ତୁମେ ସ୍କୁଲରୁ ଖସି ପଳାଉଥିବା ପିଲା", ହସି ହସି କହିଲା ଦୋକାନୀଟି ।

ଆମେ ଏକଥା ଶୁଣି ଚା'ର ପଇସା ଦେଇଦେଲୁ ଏବଂ ତରତର ହେଇ ଓହ୍ଲେଇ ଗଲୁ ତଳଆଡ଼କୁ । ପଲେ ଶୁଆ କୋଉଠିଥିଲେ କେଜାଣି, ମୁଣ୍ଡ ଉପର ଦେଇ ପାଟିକରି ଉଡ଼ିଗଲେ ଏବଂ ଉଡ଼ିଯାଇ ବସିଲେ ଗୋଟେ ଲିଚୁ ଗଛରେ । ଖରା ବଢ଼ିବାକୁ ଆରମ୍ଭ କରିଥିଲା ଏବଂ ଆମେ ଯେତିକି ତଳକୁ ଓହ୍ଲାଉଥିଲୁ ଆର୍ଦ୍ରତା ସହ ଉତ୍ତାପ ବି ବଢୁଥିଲା ସେତିକି । ସମତଳ ଅଞ୍ଚଳରୁ ଉଠୁଥିବା ଗରମକୁ ଆମେ ଠିକ୍ ବାରିପାରୁଥିଲୁ ।

ପାହାଡ଼ମାଳା କ୍ରମେ କ୍ରମେ ବିଛେଇ ରହିଥିବା ଗାଆଁଗଣ୍ଡାରେ ମିଳେଇ ଯାଇ ବିଲମାଳକୁ ବ୍ୟାପିଯାଇଥିଲା ଯେମିତି । ଚାରିଆଡ଼େ ଭରା ଧାନଗଛର ଚାରା । ଆଖୁଗଛଗୁଡ଼ିକ ପ୍ରାୟ ଅଣ୍ଟେ ଉଚ୍ଚର ଦେଖାଯାଉଥିଲେ ଆମକୁ ।

ରାସ୍ତା ସବୁଆଡ଼େ ସନ୍ତସନ୍ତିଆ । ଅଗତ୍ୟା ଯୋତା ବାହାର କରି ଖବରକାଗଜରେ ଗୁଡ଼େଇ ଖାଲିପାଦରେ ଆମକୁ ଚାଲିବାକୁ ହେଲା ଓଦାମାଟିରେ ।

"ଆଉ ଡ଼େରାଡୁନ୍ ବୋଧେ ତିନିମାଇଲ୍"–ମୁଁ କହିଲି । "ଆମେ ସହର ଭିତରେ ନ ପଶି

ବାହାରପଟେ ବୁଲିବୁଲି ଯିବା ଉଚିତ୍ । ଏତେବେଳକୁ ସ୍କୁଲରେ ସମସ୍ତେ ଉଠିସାରିବେଣି । ଏକଥା ବି ଜଣା ପଡ଼ିଯିବଣି ଯେ, ଆମେ ସ୍କୁଲରୁ ଖସି ପଳେଇ ଆସିଛେ ।"

ଦଲ୍‌ଜିତ୍ କହିଲା, "ଆମେ କିନ୍ତୁ ଆଉ ରେଳଷ୍ଟେସନ୍‌କୁ ଯିବାନି ।"

ସେଇଠୁ ମୁଁ ଉତ୍ତର କଲି, "ଆଉ ଷ୍ଟେସନ୍-'ରାଇୱାଲା' ଯାଏଁ ଚାଲ୍ ଚାଲି ଚାଲି ପଳେଇବା । ତା'ପରେ ଯୋଉ ଟ୍ରେନ ପ୍ରଥମେ ଆସିବ ସେଥିରେ ଉଠିଯିବା ଆମେ ।"

"କେତେବାଟ ପୁଣି ଚାଲିବାକୁ ପଡ଼ିବ ?"

"ପ୍ରାୟ ଦଶମାଇଲ୍ ଖଣ୍ଡେ ।"

"ଦଶମାଇଲ୍ !" ତଳକ ଶୁଖିଗଲା ଦଲ୍‌ଜିତ୍‌ର । ସେମିତି ହେଲେ ତ ସାରାଦିନଟା ଚାଲିଯିବ !"

"ସେ ଯାହାହେଲେ ବି ଆମେ ତ ଆଉ ଏଠି ଅଟକି ପାରିବାନି କି, ଡେ଼ରାଡୁନ୍‌ରେ ବୁଲଚାଲ କରିପାରିବାନି ! ଷ୍ଟେସନ୍‌କୁ ଯିବା ବି ଅସମ୍ଭବ । ଆମକୁ ଚାଲିବାକୁ ପଡ଼ିବ ଯେମିତି ହେଲେ ।"

"ଠିକ୍ ଅଛି ରସ୍କି । ଆମେ ଚାଲିବା । ଯେ କୌଣସି ବାହାଦୁରି କାମ କଲାବେଳେ ପହିଲେ ପହିଲେ, ବୋଧହୁଏ ଏମିତି କଷ୍ଟ ପଡ଼େ !"

ବାଘ ଓ ବଳଦଗାଡ଼ି

କ୍ରମେ କ୍ରମେ ଚାଷଜମି ମିଶିଯାଇଛି ଜଙ୍ଗଲରେ । ତଥାପି ରେଳଲାଇନ୍ ଠାରୁ କିଛି ଦୂରରେ ଦେଖାଯାଉଛି କେତେଗୁଡିଏ ଆଖୁଜମି ।

"ପୁଣି କେତେବାଟ ଏମିତି ଚାଲିବାକୁ ପଡିବ ?" ପଚାରିଲା ଦଲ୍‌ଜିତ୍ । "ରାଇୱାଲା ଷ୍ଟେସନ୍ କ'ଣ ଜଙ୍ଗଲ ମଝିରେ କି ?"

"ହଁ ବୋଧହୁଏ । ମୁଁ ଭାବୁଚି ଆମେ ପ୍ରାୟ ଚାରିମାଇଲ୍ ଖଣ୍ଡେ ଚାଲି ଆସିଲେଣି । ପୁଣି ଛଅମାଇଲ୍ ଯିବାକୁ ହବ । ବଡ଼ ଆଶ୍ଚର୍ଯ୍ୟର କଥା । ସମୟ ସମୟରେ ଗୋଟେ ଗୋଟେ ମାଇଲ୍ ଏମିତି ଏତେ ଲମ୍ବା କେମିତି ହେଇଯାଏ କେଜାଣି । ମୋର ଧାରଣା ଆମକୁ ସେମିତି ଲାଗୁଛି ନା କ'ଣ ! ମନ ଯଦି ଖୁସି ଅଛି ତା'ହେଲେ ମାଇଲ୍‌ଗୁଡାକ ବି ଅଳପ ରାସ୍ତାଭଳି ଲାଗିବ ।"

"ତେବେ ଚାଲ୍ ଆମେ ଖୁସିକଥାସବୁ ଭାବିବା । ଏଠି କୋଉଠି ଛୋଟ ସହଜ ରାସ୍ତା ଆଉ ନାହିଁ ରସ୍କି ? ତୁ' ପରା ଏ ଜଙ୍ଗଲରେ ଆଗରୁ ଆସି ବୁଲିଥିଲୁ ନା' କ'ଣ ?"

"ଆମେ ଜଙ୍ଗଲରେ ସିଧା ସିଧା ଯିବା । ସେମିତି ହେଲେ ତିନି ଚାରି ମାଇଲ୍ ଖଣ୍ଡେ ଚଲା କମିଯିବ । କିନ୍ତୁ ମଝିରେ ଗୋଟେ ନଈକୁ ପହଁରି କିମ୍ବା ପାଣିରେ ପଶି ଚାଲି ଚାଲି ଯିବାକୁ ପଡ଼ିବ । ଏବେ ତ ବର୍ଷାଦିନ ଆରମ୍ଭ ହେଇଛି ମାତ୍ର, ତେଣୁ ନଈପାଣି ଗଭୀର ହେଇନଥିବ କି ସେଥିରେ ସୁଅ ବି ନଥିବ ।"

ଗହଳ ଜଙ୍ଗଲରେ, ମଝିରେ ମଝିରେ ଖଣ୍ଡେ ଲେଖାଏଁ ସଫା କରାଯାଇ ରାସ୍ତା କରାହୋଇଥାଏ । ନିଆଁ ଲାଗିଲେ ସାରା ଜଙ୍ଗଲକୁ ସେ ନିଆଁ ଯେମିତି ନ ମାଡ଼ିବ ସେଇଥିପାଇଁ । ଖୋଲାବାଟଗୁଡ଼ିକ ପ୍ରକୃତରେ ଚଲାରାସ୍ତା ନୁହେଁ । କୋଉରାସ୍ତାରେ ଯାଇ ସେମାନେ ମିଶିନଥାନ୍ତି, ତେଣୁ ପ୍ରାୟ କେହି ଲୋକବାକ ସେବାଟେ ଯିବା ଆସିବା କରନ୍ତିନି । କେବଳ ବଡ଼ ବଡ଼ ଜଙ୍ଗଲୀ ଜନ୍ତୁ ଜୁନ୍ତା ସେଇବାଟକୁ କେବେ କେମିତି ବ୍ୟବହାର କରନ୍ତି ।

ମାଇଲିଏ ଖଣ୍ଡେ ଗଲାପରେ ଆମେ ପାଣି ସୁଅର ଶବ୍ଦ ଶୁଣିବାକୁ ପାଇଲୁ । ବାଟଟି ଶାଳବଣ ଭିତରୁ ବାହାରି ଗୋଟିଏ ଛୋଟ କୂଳରେ ଯାଇ ସରିଛି । ନଈ ଉପରେ ତିଆରି ହୋଇଥାଏ ପୋଲଟି ସେ ଜାଗାରୁ ପ୍ରାୟ ତିନିମାଇଲ୍ ତଳକୁ ।

ମୁଁ କହିଲି, "ଏ ନଈରେ କୋଉଠି ଅଣ୍ଟାକରୁ ବି ଅଧିକ ପାଣି ନଥିବ । କିନ୍ତୁ ପାଣିରେ ସୁଅ ଅଛି । ତା'ଛଡ଼ା ପଥରଗୁଡାକ ବି ଶିଉଳି ଲାଗି ଖସଡ଼ା ହେଇଯାଇଛି ।

ଦେହରୁ ଲୁଗାପଟା ଆଡ଼େଇ ସବୁଯାକକୁ ଦୁଇଟି ଗଣ୍ଠିଲି କରି ଆମେ ମୁଣ୍ଡରେ ଧରି ପାଣିରେ ପଶିଲୁ । ଦଲଜିତ୍ ଦେଖିବାକୁ ଡାଗଡ଼ା । ତାର ହାତଗୋଡ଼ ମୋଟା ମୋଟା, ଆଉ ଟାଣ । ମୁଁ ପତଳା ଏବଂ ମୋ ଓଜନ କମ୍ । ହେଲେ ମୁଁ ଥିଲି ବେଶ୍ ଚଞ୍ଚଳ ପ୍ରକୃତିର ।

ପାଣି ଭିତରେ ପଥରଗୁଡିକ ଖୁବ୍ ଖସଡ଼ା । ଆମେ ପରସ୍ପରକୁ ସାହାଯ୍ୟ କରିବୁ କ'ଣ ଥରକୁଥର ହାବୁଡୁଥିଲୁ ସେ ଖସଡ଼ା ପଥର ସବୁ । ଅଣ୍ଟେ ଗଭୀର ମଝିନଈରେ ଆମେ ଛିଡ଼ାହେଇ ରହିଲୁ । ପାଣିତଳର ସ୍ରୋତ ଟାଣିନେଉଥାଏ ଗୋଡ଼କୁ । ଆଗକୁ ଯିବୁ ନା ପଛକୁ ଫେରିବୁ, ବଡ଼ ଦ୍ୱନ୍ଦ୍ୱରେ ପଡ଼ିଥାଉ ।

ଏତିକିବେଳେ ଦଲଜିତ୍ କହିଲା, "ମୁଁ ଆଉ ଠିଆହେଇ ରହିପାରୁନି ।"

ମୁଁ ସାହସ ଦେଇ କହିଲି, "ଥୟଧର, ଏତିକି ଯାହା ସ୍ରୋତ, ଆଉ ଅଧିକ ନାହିଁ ଆଗକୁ ।" ସ୍ରୋତ କିନ୍ତୁ ବଡ଼ ପ୍ରଖର ଥିଲା । ମୋ ଆଣ୍ଠୁପାଖରୁ ଟଳଟଳ ହେଉଥାଏ ।

ଆମେ ଧରାଧରି ହେଇ ଚାଲୁଥାଉ । ଦଲଜିତ୍ ଆଗକୁ ଯାଉଯାଉ ଖସେଇଦେଲା ଗୋଡ଼ ଏବଂ ପଛମାଡ଼ି ପଡ଼ିଲା ପାଣିରେ । ତା' ସହିତ ମୁଁ ବି ପଡ଼ିଲି । ପାଣିରେ ପଡ଼ି ସେ ଗୋଡ଼ହାତ ବାଡ଼େଇ ଉବୁଟୁବୁ ହେଲା ଓ ଶେଷରେ ମତେ ଭରାଦେଇ ଉଠି ଠିଆହେଲା । ପାଟିରେ ପଶିଯାଇଥିବା ପାଣିକୁ ତିମି ମାଛପରି ପିଚ୍‌କାରିମାରି ବାହାର କରୁଥାଏ ସେ ।

ତେଣିକି ଯେତେବେଳେ ଦେଖିଲୁ ଯେ ଆଉ ଆଗକୁ ସୁଅ ନାହିଁ । ଭିଡ଼ାଭିଡ଼ି ନହେଇ ସାବଧାନ ଭାବରେ ଆମେ ଆରପଟ କୂଳକୁ ଉଠିଗଲୁ । କିନ୍ତୁ ଏ ଭିତରେ ନଈର ସୁଅ ଆମକୁ କୋଡିଏ ଗଜଖଣ୍ଡେ ତଳଆଡ଼କୁ ଠେଲି ନେଇଥିଲା ।

ବାଲି ଉପରେ ବସିପଡ଼ି ବିଶ୍ରାମ ନେଲୁ । ସୂର୍ଯ୍ୟଙ୍କର ପ୍ରଖର କିରଣ ଅଜାଡ଼ିହୋଇ ପଡୁଥାଏ ଉପରେ । ହାତର ଗୋଟେ ସଦ୍ୟଖଣ୍ଡିଆ ଜାଗାକୁ ଚୁଚୁମୁଥାଏ ଦଲ୍‌ଜିତ୍ । ଅଳ୍ପ ସମୟ ପରେ ଆମେ ଉଠି ଠିଆହେଲୁ ଏବଂ ଚାଲିବାକୁ ଆରମ୍ଭ କଲୁ । ଭୋକ ଲାଗିଲାରୁ ଖଣ୍ଡେ ଖଣ୍ଡେ ବିସ୍କୁଟ ବାହାର କରି ଚୋବାଉଥାଉ ।

ମୁଁ କହିଲି, "ଆଉ ସେ ବିଷୟରେ ମୋଟେ ଆଉ ଭାବିବିନି ।"

ଜଙ୍ଗଲି ବାଟରେ ଆମେ ଚାଲିଥାଉ । ହାଲିଆ ସିନା ଲାଗୁଥାଏ ହେଲେ ମନରେ ସାହସ ଥାଏ । ତା'ପରେ ଆମେ ଗୋଟେ ବୁଲାଣି ରାସ୍ତାରେ ବୁଲିଲୁ ।

ବାପ୍‌ରେ ବାପ୍, ଆଗରେ ଠିଆ ହୋଇଥାଏ ଗୋଟେ ବାଘ । ପ୍ରକୃତରେ କହିବାକୁ ଗଲେ ସାମ୍‌ନାସାମ୍‌ନି ନୁହେଁ । ବାଘଟା ଆମଠାରୁ ପ୍ରାୟ ପନ୍ଦରଗଜ ଦୂରରେ ମଝିରାସ୍ତାଟାରେ ଠିଆହେଇଥିଲା । ଆମେ ତା'କୁ ଦେଖି ଯେମିତି ହଡ଼ବଡ଼େଇ ଯାଇଥିଲୁ, ସେ ବି ଆମକୁ ଦେଖି ହଡ଼ବଡ଼େଇ ଯାଇଥିଲା । ତା'ର ଏଡ଼େବଡ଼ ମୁଣ୍ଡଟାକୁ ଉଠେଇଲା ସେ । ଲାଞ୍ଜଟା ଏକଡ଼ ସେକଡ଼ ହେଉଥାଏ । କିନ୍ତୁ ସେ ଆଉ ଆମ ଆଡ଼କୁ ଆଗେଇଲାନି । କାବାକାଠ ହେଇ ସେଇଭଳି ନିଶ୍ଚଳଭାବେ ଆମେ ଠିଆହୋଇଥାଉ ମଝିଟାରେ । ଆମେ ଏତେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲୁଯେ

କ'ଣ କରିବୁ ନ କରିବୁ ଭାବି ପାରୁନଥିଲୁ । ଦୁର୍ଭାଗ୍ୟକୁ ଯଦି ଦଉଡ଼ିଥାଆନ୍ତୁ ତେବେ ଭୟପାଇ ବାଘଟା ଆମକୁ ଆକ୍ରମଣ କରିଥାଆନ୍ତି କି କ'ଣ ? ଏ ବାଘଟା ମଣିଷକୁ ଦେଖି ଡରିଲାନି । ମଣିଷଖିଆ ବାଘ ମଧ୍ୟ ନୁହେଁ ସେ । ଗୋଟାଏ ବଡ଼ ହେଣ୍ଟାଳ ଛାଡ଼ି ଟିକିଏ ମାତ୍ର ଏପଟ ସେପଟ ହେଇ ଜଙ୍ଗଲ ଭିତରକୁ ପାହୁଲ ପକାଇ ସେ ଚାଲିଗଲା ।

ଆମେ ଯେତେବେଳେ ସମ୍ବିତ୍ ଫେରିପାଇଲୁ, କେମିତି ଏକ ଭାରି ଭାରି ଗଳାରେ ଦଲଜିତ୍ କହିଲା, "ଏଠି ବାଘ ଅଛନ୍ତି ବୋଲି ମତେ ଆଗରୁ କହିଲୁନି କାହିଁକି ?"

ମୁଁ କହିଲି, "ସେକଥା ମୁଁ ଭାବିନଥିଲି । ସତରେ ମୁଁ ଭାବିନଥିଲି । ଏଠି ବେଶି ବାଘ ନଥିବେ ଯେ.... ।"

"ଗୋଟାଏ ତ ଯଥେଷ୍ଟ", ଚିଡ଼ିଯାଇ କହିଲା ସେ । "ଏଇଠୁ ପଛକୁ ଫେରିବା ନା ଆଗକୁ ଯିବା ?"

"ଆଗକୁ ତ ନିଶ୍ଚୟ, ନଚେତ୍ ତତେ ପୁଣି ସେ ନଈରେ ପଶି ଛଟପଟ ହେବାକୁ ପଡ଼ିବ । ତା'ଛଡ଼ା ବାଘର ଆମ ଉପରେ ଆଗ୍ରହ ନାହିଁ ।"

"ତା'ହେଲେ ଚାଲ୍ ଆଗକୁ", କହିଲା ଦଲ୍‌ଜିତ୍ । ଜଙ୍ଗଲର ସେ ଖୋଲା ବାଟ ଦେଇ ଆମେ ପୂର୍ବଭଳି ଚାଲିବାକୁ ଲାଗିଲୁ । ବାଟରେ ଅନ୍ୟକୌଣସି ପଶୁ ଆଉ ଦେଖିନୁ । ଏତିକି ଯାହା କେତେ ଗୁଡ଼ିଏ ଅତି ସୁନ୍ଦର ମୟୂର ଆମକୁ ଆସୁଥିବାର ଦେଖି ଉଡିଯାଇଥିଲେ ଥରେ ।

ଅଳ୍ପ ସମୟପରେ ଆମେ ମୁଖ୍ୟରାସ୍ତାକୁ ଉଠି ଆସିଲୁ । ଦୁଇପଟେ ପୁଣି ବିଲଜମି ଓ ଗାଆଁଗଣ୍ଡା ପଡ଼ିଲେ ଆଖିରେ । ପାହାଡ଼ ତଳୁ ସମତଳ ଅଞ୍ଚଳ ଦେଇ ଭାସି ଆସୁଥାଏ ଫୁଲୁଫୁଲୁ ଥଣ୍ଡାପବନ । ବିଲମାନଙ୍କରେ ପବନ ଆଘାତ ବାଜି ଦୋଳି ଖେଳୁଥାଏ ଆଖୁକ୍ଷେତ । ଏଇ ସମୟରେ ଝଲକାଏ ପବନ ଆସି ରାସ୍ତାରେ ଧୂଳି ଉଡ଼େଇ ଭଉଁରୀ ଖେଳିବାକୁ ଆରମ୍ଭ କରିଦେଲା ଆମ ଚାରିପଟେ । ଧୂଳି ଆଢୁଆଳରୁ ଆମ ପଛପଟୁ କେଁକଟର ଶବ୍ଦକରି ଆସୁଥାଏ ଗୋଟାଏ ଶଗଡ଼ ।

"ହଅ ! ଟିଇ ! ଟିଇ !" ଡାକ ଛାଡ଼ିଥାଏ ଶଗଡ଼ିଆ ଭାଇ । ବଳଦ ଦୁଇଟା ନାକ ଫୁଲେଇ ମାଡ଼ି ଆସୁଥାଆନ୍ତି ଧୂଳି ଭିତରୁ । ଆମେ ଘୁଞ୍ଚିଗଲୁ ରାସ୍ତା କଡ଼କୁ ।

ଦଲଜିତ୍ ପାଟିକରି ଶଗଡ଼ିଆକୁ କହିଲା, "ତୁମେ ରାଇୱାଲାକୁ ଯାଉଛ କି ? ଆମକୁ ଟିକେ ସାଙ୍ଗରେ ନେଇଯିବ ?"

ଶଗଡ଼ିଆ ଭାଇଟି ତତ୍‌କ୍ଷଣାତ୍ କହିଲା, "ହଁ, ଉଠିଆସ ।" ଆମେ ସେଇ ଧୂଳି ଭିତରେ ଚାଲୁଥିବା ଶଗଡ଼ର ପଛପଟୁ ଉଠିଗଲୁ ଉପରକୁ ।

କେଁ କଟର ଶଗଡ଼ଟା ଖାଲି ଉଠୁଥାଏ ପଡୁଥାଏ । ତେଣୁ କାଳେ ପଡ଼ିଯିବୁ ବୋଲି ବାଡ଼କୁ ଆମେ ଜାବୁଡ଼ି ଧରିଥାଉ । ଶଗଡ଼ରୁ ଘାସ ଆଉ ଘସି ଗୋବର ଗନ୍ଧ ବାହାରୁଥାଏ । ଶଗଡ଼ିଆ ଭାଇର ମୁଣ୍ଡରେ ଗୋଟେ ନାଲି ଗାମୁଛାର ଠେକା ଏବଂ ଦେହରେ ଥାଏ ଧୋତି ଓ ଦେହଚିପା ଗଞ୍ଜି ଖଣ୍ଡେ । ବିଡ଼ି ଟାଣୁଟାଣୁ ସେ ପାଟିକରି ଉଠୁଥାଏ ବଳଦଙ୍କ ଉପରେ । ଆମେ ଶଗଡ଼ରେ ବସିଛୁ ବୋଲି ସେ ଭୁଲିଯାଇଥିଲା ବୋଧହୁଏ । ଶଗଡ଼ର ବାଡାକୁ ଧରିବାରେ ଆମେ ଏମିତି ବ୍ୟସ୍ତ

ଥିଲୁ ଯେ, ଆଉ କିଛି କଥାବାର୍ତ୍ତା କରିବାର ସୁଯୋଗ ନଥିଲା । ଅଳ୍ପ ସମୟ ଭିତରେ ଆମେ ରାଇୱାଲାର ଜନଗହଳି ଭିତରକୁ ଆସିଗଲୁ । ଛୋଟ ଯାଗାଟିଏ ହେଲେ ବି ଦୋକାନ ବଜାରରେ ଭରିଭିଡ଼ । ଆମେ ସାଙ୍ଗେ ସାଙ୍ଗେ ଶଗଡ଼ରୁ ତଳକୁ ଡ଼େଇଁପଡ଼ି ତା' କଡ଼େ କଡ଼େ ଚାଲିବାକୁ ଲାଗିଲୁ ।

ମୁଁ ପଚାରିଲି, "ଶଗଡ଼ିଆଭାଇକୁ ଆମେ କିଛି ପଇସା ଯାଚିବା କି ?"

"ନାଁ । ସେ ହୁଏତ ଖରାପ ଭାବିପାରେ । ସେ କ'ଣ ଟାକ୍ସି ଡ୍ରାଇଭର ହୋଇଛି ଯେ ଭଡ଼ା ନବ ?"

"ଠିକ୍ ଅଛି । ତା'ହେଲେ ତା'କୁ ଆମେ ଧନ୍ୟବାଦ ଜଣେଇବା ଉଚିତ୍ ହେବ ।"

ଆମେ ଦୁଇଜଣ ବଡ଼ପାଟିରେ ହାତ ହଲେଇ ଶଗଡ଼ିଆଭାଇ ଉଦ୍ଦେଶ୍ୟରେ ଧନ୍ୟବାଦ ଜଣେଇଲୁ । ହେଲେ ସେ ପଛକୁ ମୁହଁକରି ଆମକୁ ଚାହିଁଲା ନାହିଁ । ଜଣାପଡୁଥିଲା ସେ ଯେମିତି ତା' ବଳଦମାନଙ୍କ ସହ କ'ଣ କଥାଭାଷାରେ ମାତିଛି ।

ଏତିକିବେଳେ ଦଲଜିତ୍ କହିଲା, "ମତେ ଭାରି ଭୋକ ଲାଗିଲାଣି । ଗତକାଲି ରାତିରୁ ଠିକ୍ ସେ ଗଣ୍ଡେ ପେଟରେ ପଡ଼ିନି ।"

ମୁଁ କହିଲି, "ତା'ହେଲେ ଚାଲ୍ ଖାଇବା । ଚାଲିଆ ଦଲ୍‌ଜିତ୍ ।"

ରାଇୱାଲାର ଛୋଟ ବଜାରଟିରେ ଆମେ ଚାଲିଥାଉ । ଦୁଇକଡ଼ର ଚା' ଜଳଖିଆ ଦୋକାନସବୁକୁ ଆମେ ନଜର କରୁଥାଉ । ଶେଷକୁ ସବୁଠାରୁ ଶସ୍ତା ମନେହେଉଥିବା ଗୋଟେ ଢାବା ଆମେ ପାଇଲୁ । ହୋଟେଲ୍‌ପିଲା ଜଣେ ଆମକୁ ଭାତ ଡାଲି ବାଢ଼ିଦେଲା । ଦଲ୍‌ଜିତ୍ ସେତିକିବେଳେ ଅଧଛଟାଙ୍କିଏ ଘିଅ ମଗେଇ ଡାଲିରେ ଅଜାଡ଼ି ଦେଲା । ଖାଇବାରେ ଆମର ମୋଟେ ଦି'ଟଙ୍କା ଖର୍ଚ୍ଚ ହେଲା । ମନଇଚ୍ଛା ଡାଲି ଖାଇବାକୁ ମିଳିଲା ଆମକୁ । ଦୁଇଜଣଯାକ ମିଶି ଆମେ ବୋଧେ ଚାରି ବେଲା ଡାଲି ଖାଇଦେଲୁ ।

ଢାବାରୁ ବାହାରିଲାବେଳେ ମୁଁ କହିଲି, "ଚାଲ୍ ଆମେ ରେଳଷ୍ଟେସନରେ ଯାଇ ଟିକେ ଥକ୍କା ମାରିବା । ଦ୍ୱିତୀୟ ଶ୍ରେଣୀ ଟିକେଟ କିଣିନେଇ, ପ୍ରଥମଶ୍ରେଣୀ ୱେଟିଂରୁମ୍‌ରେ ବିଶ୍ରାମ ନେଲେ, ଆମକୁ କେହି ସନ୍ଦେହ କରିବେନି । ଆମେ କ'ଣ ପ୍ରଥମଶ୍ରେଣୀ ଲୋକ ପରି ଦେଖାଯାଉନେ କି ?"

ଦଲଜିତ୍ କହିଲା, "ଜଙ୍ଗଲ ଭିତରେ ଚାଲି ଚାଲି ଆଉ ଅବସ୍ଥା ଅଛି ଯେ, ପ୍ରଥମଶ୍ରେଣୀ ଲୋକପରି ଦିଶିବୁ !"

ଆମେ କିନ୍ତୁ ଷ୍ଟେସନରେ ସବୁଠୁ ଭଲ ୱେଟିଂ ରୁମଟିକୁ ମାଡ଼ିବସିଲୁ । ଦଲଜିତ୍ ଗୋଟେ ବଡ଼ ହାତଥିବା ଚଉକିରେ ଗୋଡ଼ମେଲେଇ ଶୋଇଲା ।

ନିଦରେ ଢୁଳୁଢୁଳୁ ହେଇ କହିଲା, "ଟ୍ରେନ୍ ଆସିଲେ ମତେ ଉଠେଇଦବୁ ।"

ଆମକୁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲାନି । କବାଟକୁ ଆଉଜି ରେଳଧାରଣାକୁ ଅନିଶାକରି ମୁଁ ଠିଆହୋଇଥାଏ ଯେମିତି । ଏତିକିବେଳେ ଆସୁଥିବା ଟ୍ରେନ୍‌ର ହୁଇସିଲ୍ ମୋ କାନରେ ପଡ଼ିଲା । ଟ୍ରେନ୍‌ଟା ଧୀରେ ଧୀରେ ଆସୁଥାଏ । ଇଞ୍ଜିନ୍‌ରୁ ଭକ୍ ଭକ୍ ହେଇ ଧୂଆଁ ବାହାରୁଥାଏ କାହିଁରେ କ'ଣ ! ପ୍ଲାଟଫର୍ମରେ ଦଳଦଳ ଅପେକ୍ଷାରତ ଲୋକ । ଟ୍ରେନ ଷ୍ଟେସନ

ଭିତରକୁ ଆସିଯିବା ମାତ୍ରେ ସେମାନେ ମାଡ଼ି ଚାଲିଲେ ସେଆଡ଼କୁ । ରେଳଡବାଗୁଡିକର ଦୁଆର ଖୋଲି ମେଞ୍ଚା ମେଞ୍ଚା ଯାତ୍ରୀ ବାହାରି ଆସୁଥାନ୍ତି ପଦାକୁ ।

ମତେ ହଲାହଲି କରି ଦଲ୍‌ଜିତ୍‌କୁ ଉଠେଇବାକୁ ପଡ଼ିଲା ଏବଂ ଆମେ ଉଭୟେ ପ୍ଲାଟଫର୍ମକୁ ଆସି ସେ ଗହଳି ଭିତରେ ମିଶିଗଲୁ । ପୁରୁଷ, ସ୍ତ୍ରୀ, ପିଲାପିଚିକା ସମସ୍ତେ ଠେଲାପେଲାରେ ମାତିଥାଆନ୍ତି । କିଛି ସମୟପାଇଁ ରେଳଡବା ଭିତରକୁ ପଶିବା କିମ୍ବା ବାହାରିବା ଏକପ୍ରକାର ଅସମ୍ଭବ ହେଇପଡ଼ିଲା । ଝରକାବାଟେ ଲୋକମାନଙ୍କ ମୁଣ୍ଡଉପର ଦେଇ ଜିନିଷପତ୍ର ଗଣ୍ଠିଲି ଆଦି ନିଆଅଣା ଚାଲିଥାଏ । କେତେକ ଯୁବକ ଲୋକ ଝରକାବାଟେ ଚଢ଼ି ପହିଲେ ମୁଣ୍ଡଗଳେଇ, ପଛରୁ ଠେଲାଖାଇ ପଶିଯାଉଛନ୍ତି ରେଳଡ଼ବା ଭିତରକୁ । ଦଲ୍‌ଜିତ୍ ଆଉ ମୁଁ ଆମ ବ୍ୟାଗ୍ ବୁଜୁଳା ଧରି ସେଇ ଭିଡ଼ଭିତରେ ଠେଲାପେଲା ଯୋଗୁଁ ଅବଲୀଳା କ୍ରମେ ରେଳଡ଼ବା ଭିତରକୁ ପଶିଗଲୁ ।

ଜାଗା ଖୋଜି ଆମେ ଗୋଟେ କଣିକିଆ ଥାନରେ ବସୁ ବସୁ ଗାଡ଼ିଟା ଚାଲିବାକୁ ଆରମ୍ଭ କଲା । ଜଣେ ଦି'ଜଣ ତଥାପି ଝରକା କବାଟ ପାଖରେ ଝୁଲି ରହି ମଉକାଦେଖି ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥାଆନ୍ତି ।

ମୁଁ ଝରକା ପାଖରେ ବସିଥିଲି । ରେଳଗାଡ଼ିର ଗତି ବଢିବା ସଙ୍ଗେ ସଙ୍ଗେ କେତେ ଆମ୍ବ ତୋଟା, ଗାଆଁ ଗଣ୍ଡା, ଟେଲିଫୋନ୍ ଖୁଣ୍ଟି ଆଦି ଆମେ ପାର୍‌ହୋଇ ଯାଉଥାଉ । ମତେ ଏଣିକି ଆମର ଯାତ୍ରା ବଡ଼ ବାସ୍ତବ ଭଳି ମନେହେଉଥିଲା । ଏକ ରହସ୍ୟମୟ ଅଜଣା ଦିଗରେ ଆମେ ଚାଲିଥାଉ ଯେମିତି । ଏକ ପ୍ରକାର କୁରୁଳି ଉଠି ମୁଁ ଜାବୁଡ଼ି ଧରିଲି ଦଲ୍‌ଜିତ୍‌ର ହାତକୁ ।

ମୁଁ କହିଲି, "ବର୍ତ୍ତମାନ ଆମେ ଠିକଣା ବାଟରେ ଚାଲିଛେ ।"

"ଏଥିରେ ଆଉ ସନ୍ଦେହ କ'ଣ ଅଛି," କହିଲା ଦଲ୍‌ଜିତ୍ । ଏମିତି କହୁ କହୁ, ଏ ହଇଚଇ ଭିତରେ ବି ଶୋଇପଡ଼ି ମାଡ଼ିବସିଥିବା ଗୋଟେ ମୋଟା ଯାତ୍ରୀ କବଳରୁ ସେ ଟାଣି ଓଟାରି ଉଦ୍ଧାର କରୁଥାଏ ତା'ର ବଡ଼ ବ୍ୟାଗ୍‌ଟାକୁ ।

କିନ୍ତୁ ଦଲ୍‌ଜିତ୍ ମୋ କଥାର ମର୍ମ ଠିକ୍ ଅନୁଭବ କରିପାରୁଥାଏ । ବ୍ୟାଗ୍‌ଟାକୁ ମୋଟା ଲୋକ ହାବୁଡ଼ରୁ ଉଦ୍ଧାର କରିସାରିଲାପରେ ସେ ମତେ ଚାହିଁ ଟିକେ ଦାନ୍ତ ଲେଫଡ଼ି ହସିଲା । ଅତି ଉଲ୍ଲାସରେ ତା'ର ଆଖି ଦିଇଟା ଖୁବ୍ ଜୀବନ୍ତ ଦେଖାଯାଉଥାଆନ୍ତି ।

ଅନ୍ତକେ ରକ୍ଷା ମିଳିଲା

ପୁରୁଣା ଦିଲ୍ଲୀ ଷ୍ଟେସନ୍‌ରେ ଟ୍ରେନ୍‌ରୁ ଓହ୍ଲାଇ, ଖୁବ୍ ମର୍ଯ୍ୟାଦାବନ୍ତ ଲୋକଙ୍କ ପରି ନିର୍ଭୟରେ ଆମେ ଯାତ୍ରୀମାନେ ବାହାରୁଥିବା ବାଟ ଆଡ଼କୁ ଚାଲିଲୁ । ଟିକେଟ କଲେକ୍‌ଟରଙ୍କୁ ଟିକେଟମାନ ବଢ଼େଇ ଦେଇ ଆମେ ଆନନ୍ଦରେ ବାହାରିଯିବୁ । ହାଉଯାଉ ଲୋକ ଏବଂ ସମସ୍ତେ ଧୀରେ ଧୀରେ ଆଗକୁ ବଢ଼ୁଥାନ୍ତି । ଭଲ ହେଲା । କାରଣ, ବାହାରିବା ଫାଟକର ପ୍ରାୟ ତିରିଶଫୁଟ ଖଣ୍ଡେ ଦୂରରେ ଥାଇ ମୁଁ ଆମର ଗଣିତ ଶିକ୍ଷକ ମିଷ୍ଟର ଜୈନ୍‌ଙ୍କୁ ଦେଖି ପକେଇଲି । ସେ ଟିକେଟ କଲେକ୍‌ଟରଙ୍କ ସାଙ୍ଗରେ କ'ଣ କଥାବାର୍ତ୍ତା କରୁଥାଆନ୍ତି ।

ଅରୁଣ୍ଡେଲଠାରେ ପଢ଼ାଇଥିବା ଶିକ୍ଷକମାନଙ୍କ ଭିତରେ ମିଷ୍ଟର ଜୈନ୍‌ଥିଲେ ସବୁଠାରୁ ଭଲ ଶିକ୍ଷକ । ଅତଏବ ତାଙ୍କୁହିଁ ଆମକୁ ଖୋଜି ଆଣିବାପାଇଁ ପଠାଯାଇଛି । ସେ ଦେଖିବାକୁ ଗେଡ଼ା ଏବଂ ଚଷମା ପିନ୍ଧନ୍ତି । ମାତ୍ର ଖୁବ୍ ଚତୁର ଲୋକ । ସେ ଠିକ୍ ଜାଣିଥାନ୍ତି ଆମକୁ କୋଉ ଜାଗାରେ ଧରିପାରିବେ । ଆମେ ଠିକ୍ କଲୁ ସେ ଫାଟକ ଆଡ଼କୁ ନଯାଇ ଆମେ ଫେରିଆସିବୁ ।

ଦଲ୍‌ଜିତ୍‌କୁ ଯୋର୍‌ରେ ଜାବୁଡ଼ି ଧରି ମୁଁ ଫିସ୍ ଫିସ୍ କରି ତରବରରେ କହିଲି, "ଚାଲ୍, ଆମେ ଏଠୁ ପଳେଇଯିବା ।"

ଏଯାଏଁ ମିଷ୍ଟର ଜୈନ୍‌ଙ୍କୁ ଦେଖି ପାରିନଥିବାରୁ ଦଲ୍‌ଜିତ୍ ପଚାରିଲା, "କାହିଁକି ?"

ମୁଁ କହିଲି, "ଦେଖିପାରୁନୁ କି ? ହେଇଟି ସେ ଟିକେଟ କଲେକ୍‌ଟର ପାଖରେ ।"

ସେଠୁ ତରବର ହେଇ ଖସିପଳେଇବାକୁ ଆତୁରତାରେ ଝୁଣ୍ଟିପଡ଼ିଲା ସେ । ଲୋକ ଗହଳି ମାଡ଼ିଚାଲିଥାଏ ଷ୍ଟେସନର ବାହାରକୁ ଏବଂ ଆମେ ଏଇଭଳି ଏକ ପରିସ୍ଥିତିରେ ଏକ ଜନସମୁଦ୍ରକୁ ପ୍ରତିହତ କରି ଓଲଟା ଦିଗରେ ଫେରିବା ପାଇଁ ଚେଷ୍ଟା କରୁଥିଲୁ । ଠିକ୍ ଏଇ ସମୟରେ ମିଷ୍ଟର ଜୈନ୍ ଆମକୁ ଦେଖି ପକେଇଲେ । ସେ ଆମକୁ ପାଟିକରି ଡାକୁଥିବାର ଆମେ ଶୁଣିପାରିଲୁ ।

"ହେ ପିଲେ, ଏଆଡ଼େ ଆସ ! ରଷ୍ଟି ! ଦଲ୍‌ଜିତ୍ !"

ମୁହୂର୍ତ୍ତକ ପକାଶେ ଶିକ୍ଷକଙ୍କର ପରିଚିତ ସ୍ୱରକୁ ମାନି ଫେରିଯିବା ପାଇଁ ମୁଁ ଟିକେ ଅଟକି

ଗଲି । ଏତିକିବେଳେ ସହସା ମୋ ଆଖି ଆଗରେ ସ୍କୁଲର ଶ୍ରେଣୀଗୃହ, ଆମେ ଶୋଉଥିବା ହଲ୍‌ଘର, ପ୍ରିନ୍‌ସିପାଲଙ୍କର ଲମ୍ବାକଲିଆ ଅଥାରହାଣ୍ଡି ଭଳିଆ ମୁହଁ, ଗୋଟିଏ ପରେ ଗୋଟିଏ ନାଚିଗଲା । ମତେ ଏସବୁ ବଡ଼ ଘୃଣା ଲାଗୁଥିଲା । ମୁଁ ଚାହୁଁଥିଲି ପ୍ରାଣମୂର୍ଚ୍ଛା ଦଉଡ଼ି ଦଉଡ଼ି ଯାଇ ସମୁଦ୍ର କୂଳରେ ମୋ କକାଙ୍କ ଜାହାଜ ପାଖରେ ପହଞ୍ଚିଯିବି ।

ଦଲ୍‌ଜିତ୍ କିନ୍ତୁ ଟିକିଏ ବି ଇତସ୍ତତଃ ହେଇନି । ଧଡ଼୍‌କିନା ବସିପଡ଼ି ଜଣେ ମଫସଲିଆ ଯାତ୍ରୀର ଗୋଡ଼ ସନ୍ଧିରେ ପଶି ସେ ବାହାରିଗଲା । ଆଉଟିକିଏ ହେଇଥିଲେ ତା' ମୁଣ୍ଡର ପଗଡ଼ିଟା ସେଇଠି ଖସିପଡ଼ିଥାନ୍ତା । ଏତିକିବେଳେ ଓର ଦେଖି ଦୁଇଜଣ ପଞ୍ଜାବୀ ସ୍ତ୍ରୀଲୋକଙ୍କ ମଝିରେ ଥିବା ଫାଙ୍କ ଦେଇ ମୁଁ ପଳେଇଯିବାକୁ ଚେଷ୍ଟା କଲି । କିନ୍ତୁ ମୁଁ ପୂରା ପଶିଯିବାଆଗରୁ ସେମାନେ ପରସ୍ପର ପାଖକୁ ଲାଗି ଆସିଲେ । ଫଳରେ ସେମାନଙ୍କ ଚାପରେ ମୋ ଗୋଡ଼ହାଡ଼ ଛନ୍ଦି ହେଇଗଲା । ମିଷ୍ଟର ଜୈନ୍ ମୋ ଆଡ଼କୁ ପାଖେଇ ଆସୁଥାନ୍ତି । ଠିକ୍ ଏଇବେଳକୁ କୋଉଠୁ ଜଣେ କୁଲି ଦଉଡ଼ିଆସିଲା ପ୍ଲାଟ୍‌ଫର୍ମ ଭିତରକୁ ଗୋଟେ ରେଳଡବା ଆଡ଼କୁ ଯିବାପାଇଁ । ଢାଇକରି ସେ ମାଡ଼ହେଇଗଲା ମିଷ୍ଟର ଜୈନ୍‌ଙ୍କ ଦିହରେ ।

ମିଷ୍ଟର ଜୈନ୍ ଦୁଇଚାରି ଘେରା ଗଡ଼ିଗଲେ ଭୂଇଁରେ ପଡ଼ି । ତାଙ୍କ ଚଷମା କୁଆଡ଼େଯାଇ ଫୋପାଡ଼ିହୋଇ ପଡ଼ିଲା । ଏଇ ମଉକାରେ ସେ ପଞ୍ଜାବୀ ସ୍ତ୍ରୀଲୋକଙ୍କ କବଳରୁ ଖସି ମୁଁ ଦଲ୍‌ଜିତ୍ ପଛରେ ଦଉଡ଼ିବାକୁ ଲାଗିଲି । ଲେଡ଼ି ଓ କହୁଣି ଲଗେଇ ଭିଡ଼ ଭିତରେ ଠେଲିପେଲି ସେ ବହୁତ ଆଗକୁ ପଳେଇଯାଇ ସାରିଥାଏ ।

ଟିକିଏ ଅଟକିଯାଇ ସେ ଦେଖିଲା, ଭିଡ଼ ଭିତରୁ ମୁଁ ମୁକୁଳିଲିଣି କି ନାଇଁ । ତା'ପରେ ସେ ପାଟିକରି କହିଲା, "ରଞ୍ଜି, ଜଲ୍‌ଦି ରେଳଧାରଣା ଆରପଟକୁ ।"

ପ୍ଲାଟ୍‌ଫର୍ମରୁ ଡିଆଁମାରି ଥୁଆହୋଇଥିବା ଗୋଟେ ଟ୍ରେନ୍‌ର ଦୁଇ କମ୍ପାର୍ଟମେଣ୍ଟ ମଝିରେ ପଶି ସେ ବାହାରିଗଲା ଆରପଟକୁ । ଅନିଚ୍ଛାସତ୍ତ୍ୱେ ମୁଁ ତା'ପଛରେ ଦଉଡ଼ିଲି । ରେଳଧାରଣା ପାରହେବାରେ ମୋର ସବୁବେଳେ ଏକ ଅହେତୁକ ଭୟ । ମୁଁ ବେଳେବେଳେ ସ୍ୱପ୍ନ ଦେଖେ ଯେ କୋଉଠି ଗୋଟେ ରେଳଗାଡ଼ି ଧୂଆଁଛାଡ଼ି ମାଡ଼ି ଆସୁଛି ମୋରି ଆଡ଼କୁ । ଏମିତି ପରିସ୍ଥିତିରେ ଇଞ୍ଜିନ୍‌ଟା ଠିକ୍ ତିନି ଚାରିଫୁଟ ଦୂରରେ ଥିବାବେଳେ ହଠାତ୍ ମୋର ନିଦ ଭାଙ୍ଗିଯାଏ । ମୁଁ ଭାବେ, ଆଉ ଟିକିଏ ଡେରିରେ ନିଦ ଭାଙ୍ଗିଥିଲେ ମୋ ଅବସ୍ଥା କ'ଣ ହୋଇଥାଆନ୍ତା ।

ଇତି ମଧ୍ୟରେ ଦଲ୍‌ଜିତ୍ ଦୁଇ ଦୁଇଟା ରେଳଲାଇନ୍ ପାରହେଇ ଆଉଗୋଟେ ଲାଇନ୍ ପାରହବାକୁ ଯାଉଥାଏ । ମୁଁ ବାଆଁ ଡାହାଣକୁ ଚାଲିଲି । ପୁଣି ଥରେ ବାଆଁକୁ ଚାଲିଲି । ଏଇ ସମୟରେ ମୁଁ ଦେଖିଲି ଗୋଟାଏ ଇଞ୍ଜିନ୍ ଆମକୁ ପଛକରି ମାଡ଼ି ଆସୁଛି । ଅବଶ୍ୟ ସେଟା ଅନେକ ଦୂରରେ ଥିଲା । ମୋ ହାତରେ ଯଥେଷ୍ଟ ସମୟ ଥିଲା ରେଳଲାଇନ୍‌କୁ ପାରହୋଇ ଦଲ୍‌ଜିତ୍ ସାଙ୍ଗରେ ମିଶିଯିବାପାଇଁ । କିନ୍ତୁ କେମିତି କେଜାଣି ଏକ ଅହେତୁକ ଭୟ କାବୁ କରିନେଲା ସେତେବେଳେ । ମୋ କପାଳରେ ଝାଳବୁନ୍ଦାମାନ ଜମିଗଲା ଆଉ ମୋ ହାତମଧ୍ୟ ଝାଳରେ ଓଦା ହେଇଗଲା ।

"ଆରେ, ଶୀଘ୍ର ଚାଲିଆ" । ତାକ ଛାଡ଼ିଲା ଦଲ୍‌ଜିତ୍ ।

ମୁଁ ଜୋର୍‌ରେ ନିଃଶ୍ୱାସ ନେଇ ମୁହଁ ସଳଖା ମାଡ଼ିଗଲି ରେଳଲାଇନ୍ ଡେଇଁ ପାର୍ ହେଇଯିବା ପାଇଁ । ମୁଁ ଏତେ ଡରିଯାଇଥିଲି ଯେ ସେଇଠି ଝୁଣ୍ଟି ପଡ଼ିଗଲି ରେଳଧାରଣା ମଝିରେ । ସାରାଦେହରୁ ମୋର ଖଟା ଉକୁଟି ଆସି ମତେ ବାନ୍ତି ବାନ୍ତି ଲାଗିଲା । ମନେହେଲା ଭୂଇଁଟା ସାରା ଯେମିତି ଭୂମିକମ୍ପରେ ଥରୁଚି । ମୋର ମନକଥା କ'ଣ ଆଉ ସତରେ ପୂରଣ ହେବ ? ଦଲ୍‌ଜିତ୍‌ର ଚିତ୍କାର ମୋ କାନରେ ପଡ଼ୁଥାଏ । ଇଞ୍ଜିନ୍‌ର ଚାପାଗର୍ଜନ ମୋ ଆଡ଼କୁ ନିକଟତର ହେଉଥିବାର ମୁଁ ଶୁଣିପାରୁଥାଏ ।

"ଏ ରଷ୍ଟି! ଉଠ୍ !" ଦଲ୍‌ଜିତ୍‌ର ସ୍ୱର ଏଥର ମୋ କାନପାଖରେ ଶୁଭିଲା । ତାକୁ ମୋ ପାଖରେ, ମୋ ହାତକୁ ଭିଡ଼ୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଗଲି ।

ତା'ର ଉପସ୍ଥିତି ହିଁ ମୋ ମନରେ ସାହସ ଆଣିଦେଲା । ଅଣ୍ଡାଳି ଅଣ୍ଡାଳି ମୁଁ ଠିଆହେଲି । ତା'ପରେ ମୋ ବଡ଼ବ୍ୟାଗ୍‌ଟାକୁ ଉଠେଇ ତା' ସାଙ୍ଗରେ ଦଉଡ଼ି ମୁଁ ଉଠିଗଲି ବନ୍ଧ ଉପରକୁ । ଆଗରେ ଦସ୍ତାଟିଣର କମକମିଆ ଉଞ୍ଚା ବାଡ଼ ଆମର ପଥରୋଧ କରି ଠିଆହେଇଥିଲା । ବାଡ଼ର ଉଚ୍ଚତା ଦଶଫୁଟ ଖଣ୍ଡେ ହେବ । ସେଥିରେ ଏମିତି ବି କୋଉଠି ଟିକିଏ ଥାନ ନଥିଲା ଯୋଉଠି ଗୋଡ଼ ରଖି ଆରପଟକୁ ଡେଇଁକରି ଯାଇହବ । ତେଣୁ ଆମେ ବାଡ଼ କଡ଼େ କଡ଼େ ଧାଇଁଲୁ । ଆଗରେ ମାଲ୍‌ପତ୍ର ରହୁଥିବା ଅଞ୍ଚଳଆଡ଼କୁ ଖଣ୍ଡେ ଖୋଲା ଜାଗା ଥିଲା ।

ସେଠାରେ ଥିବା ଦୂରନ୍ତ ଫାଟକ ଡେଇଁ ଆମେ ରାସ୍ତାକୁ ବାହାରି ପଡ଼ିଲୁ । ଆମେ ସେଇମିତି ଦଉଡ଼ୁଥାଉ । ସରୁ ଗଳି କନ୍ଦି ଭିତରେ ମସ୍‌ଜିଦ୍, ମନ୍ଦିର, ସ୍କୁଲ୍, ଦୋକାନଘର ଆଦିର ଭିଡ଼ ପାର୍‌ହେଇ ଆମେ ଚାଲିଥାଉ ଆଗକୁ । ହଠାତ୍ ଆଗରେ ଗୋଟେ ଚଉଡ଼ାରାସ୍ତା ଦେଖାଗଲା । ରାସ୍ତାଟା ସାରା କୋଳାହଳ ଓ ଲୋକଗହଳିରେ ଭରା ।

ଆମେ ଚାନ୍ଦିନୀଚୌକରେ ପହଞ୍ଚି ଯାଇଥିଲୁ । ଦିଲ୍ଲୀର ସେଇ ପ୍ରଖ୍ୟାତ ରୂପା କାରିଗରମାନଙ୍କର ଐତିହାସିକ ସରଣୀ ।

ଚାନ୍ଦିନୀଚୌକରେ ବିରତି

ସେଠାରେ ଦୋକାନୀ, ବୁଲାବିକାଳି, କିରାଣି, ଲଫଙ୍ଗାଙ୍କ ଭଳି ବୁଲୁଥିବା ପିଲା, ସାଧୁ, ବଣିଆ, ଭଣ୍ଡାରି ଓ ପକେଟମାରୁଙ୍କ ଗହଣରେ ଆମକୁ ଟିକେ ନିରାପଦ ଲାଗିଲା । ଯେକୌଣସି ସହରର ମଝିଜାଗାରେ ନିଜକୁ ହଜେଇଦେବା ବଡ଼ ସହଜ । ଘରଛାଡ଼ି ଲୁଚି ପଳାଉଥିବା ପିଲେ ସବୁବେଳେ ଗାଆଁ ଅଞ୍ଚଳକୁ ପଳେଇଯାଇ ବଡ଼ ଭୁଲ୍ କରନ୍ତି । ଗାଆଁ ପରିସରରେ ଅଜଣା ମଣିଷଟିଏ ସହଜରେ ଧରାପଡ଼ିଯାଏ । ତେଣୁ ସେପରି ଜାଗାକୁ ଆତ୍ମଗୋପନ କରିବାକୁ ଗଲେ ଧରାପଡ଼ିବା ସୁନିଶ୍ଚିତ । କିନ୍ତୁ ଏଠି ଆମେ ନିଜ ଅଜାଣତରେ ବି ଦିଲ୍ଲୀର ସବୁଠାରୁ ସୁରକ୍ଷିତ ଇଲାକାରେ ପହଞ୍ଚି ଯାଇଥିଲୁ । ଆମକୁ କିଏ ଚିହ୍ନିବ ଏ ଜାଗାରେ ?

ଘୋଡ଼ାଗାଡ଼ି, ବଳଦଗାଡ଼ି, ସାଇକେଲ, ରିକ୍ସା ଏବଂ ନୂଆ ପୁରୁଣା ନାନା କିସମର ମଟରଗାଡ଼ି ଯେମିତି ନିଜ ନିଜ ଭିତରେ ବାଜି ଲଗାଇଛନ୍ତି ଆଗକୁ ପଳେଇଯିବାପାଇଁ । ଯାହାର ହର୍ଣ୍ଣ ଅଛି, ସେ ତା'କୁ ପଁଅ ପଁଅ କରୁଚି ଯାହାର ଘଣ୍ଟି ଅଛି, ସେ ତା'କୁ ଠନ୍ ଠନ୍ କରୁଚି । ଯାହାର ସେସବୁ କିଛି ନାହିଁ, ସେ ପାଟିକରି ଡାକ ଛାଡୁଚି ।

ଏତିକିବେଳେ ଗୋଟେ ମିଠେଇ ଦୋକାନ ଆମ ନଜରରେ ପଡ଼ିଲା । ସେଠି ପହଞ୍ଚିବା ପରେ ଦଲଜିତ୍ ଗପାଗପ୍ କେତୁଟା ସିରାଟୁଳୁଟୁଳୁ ଗୋଲାପଜାମୁ ଗିଳିଦେଇଗଲା । ମୁଁ ବି ସେମିତି ମନଲୋଭାଣିଆ ଜିଲାପି ନେଇ ଖାଇବାକୁ ଲାଗିଲି ।

ବର୍ଷା ହେଲାରୁ ବାଧ୍ୟହୋଇ ଗୋଟେ ବାରଣ୍ଡା ଉପରକୁ ଉଠି ଆମେ ଆଶ୍ରୟ ନେଲୁ । ବେଳକୁ ବେଳ ବର୍ଷା ପ୍ରବଳ ହେଲାରୁ ଲୋକେ ପଳେଇବାକୁ ଲାଗିଲେ । ଅଳ୍ପ ସମୟପରେ ରାସ୍ତାରେ ଟିକିଏ ଆଗରୁ ଲାଗିଥିବା ଗହଳିଚଉଳି କୁଆଡ଼େ ମିଳେଇଗଲା କୁହୁକ ପରି । ଦୁଇଚାରିଟା ମଟରଗାଡ଼ି ବରଷାପାଣିର ସୁଅକୁ ମଛି ମାଡ଼ି ଚାଲିଥାଆନ୍ତି ଆଗକୁ । ବୁଲାଗାଈଗୋରୁ କେତୁଟା ଅଳିଆ ଗଦା ଉପରେ ଚଢ଼ି କ'ଣ ପାକୁଳି କରୁଥାନ୍ତି ସେତେବେଳେ ।

ନଈପରି ସୁଅପାଣି ଛୁଟିଥାଏ । ଏଇବେଳକୁ ଦଳେ ଛୋଟ ପିଲା ପାଣି ଚବର ଚବର କରି କୁଆଡ଼େ ମାଡ଼ି ଆସିଲେ । ଗୋଟେ ଜାଗାରେ ପାଣି ଜମା ହୋଇଥାଏ ଖୁବ୍ ବେଶି । ବଡ଼ ନଳଟାଏ ହବ ବୋଧେ । ପାଟିତୁଣ୍ଡ ହୋ' ହଲ୍ଲାକରି ସେମାନେ ସେ ପାଣିରେ ପଶି

ଫୋପଡ଼ାଫୋପଡ଼ି ହେଇ ଖେଳିବାକୁ ଲାଗିଲେ । ଠିକ୍ ଏଇ ସମୟରେ ଦଲ୍‌ଜିତ୍‌ର ମୋର ଦେଖିଲୁ ଗୋଟେ ଗେଣ୍ଡୁଫୁଲର ବଡ଼ମାଳ ରାସ୍ତାଉପର ପାଣିରେ ଭାସିଭାସିକା ଯାଉଛି ।

ହଠାତ୍ ବର୍ଷା ଛାଡ଼ିଗଲା । ସୂର୍ଯ୍ୟକିରଣ ପଡ଼ିଲା ଚାରିଆଡ଼େ । ଆମେ ବାରଣ୍ଡାରୁ ଓହ୍ଲାଇ କୁଆଡ଼କୁ ଯିବୁବୋଲି ପାଣିରେ ଠିଆହୋଇ ଭାବୁଛୁ । ଏତିକିବେଳେ ଗୋଟେ କାଗଜଡ଼ଙ୍ଗା କୁଆଡ଼ୁ ଭାସି ଆସି ମୋ ଦୁଇଗୋଡ଼ ସନ୍ଧି ଦେଇ ଚାଲିଗଲା ।

ଦଲଜିତ୍ ପଚାରିଲା, "ତା'ହେଲେ କୁଆଡ଼େ ଯିବା ଏବେ ? ରେଳ ଷ୍ଟେସନ୍ ତ ଆଉ ସୁବିଧା ଜାଗା ନୁହଁ ।"

ମୁଁ କହିଲି, "ଯେମିତି ହେଉ ବାଟ କରି ଆମକୁ ଦିଲ୍ଲୀ ଛାଡ଼ିବାକୁ ପଡ଼ିବ । ଏ ଭିତରେ ଚାଲ୍ ଗୋଟେ କୋଉଠି ଶସ୍ତା ହୋଟେଲ ଦେଖି ଆଜି ରାତିକପାଇଁ ରହିଯିବା ।"

ଦଲ୍‌ଜିତ୍ ସେଇଠୁ ଉତ୍ତର ଦେଲା, "ଯା'ହଉ, ମୋ ପାଖରେ ଏବେ ଆଉ ତିରିଶଟଙ୍କା ଉପରେ ଅଛି ।"

ମୋ ପାଖରେ ଥିବା ଦଶଟଙ୍କା ଯାକ ସେଥିରେ ମିଶେଇଲେ ବି ଆମେ ଯଦି ଟିକେଟ କିଣୁ, ସେତକ ପାଇବନି ।"

ଦଲଜିତ୍ କହିଲା, "ସେମିତିହେଲେ ଆମେ ମୋଟେ ଟିକେଟ କିଣିବାନି । ଦେଖାଯାଉ କ'ଣ ହଉଛି ।"

ହୋଟେଲଟିଏ ଖୋଜିବାପାଇଁ ଆମକୁ ଅଧିକ ସମୟ ଲାଗିଲାନି । ତା'ର ନାଆଁ ଥିଲା "ଗ୍ରେଟ୍ ଓରିଏଣ୍ଟାଲ୍ ହୋଟେଲ", ପୋଲିସ ଷ୍ଟେସନ୍‌ର ଠିକ୍ ପଛଆଡ଼େ । ସାଧାରଣ କିସମର ହୋଟେଲ । ମାତ୍ର ପାଞ୍ଚଟଙ୍କାରେ ଆମକୁ ଗୋଟେ ପଛୁଆ କୋଠରୀ ମିଳିଗଲା । କୋଠରୀର ଏକମାତ୍ର ଝରକାଟି ଜଣେ ଆଫଗାନ୍ ବ୍ୟବସାୟୀର ମସଲାଗୋଦାମ ଆଡ଼କୁ ଖୋଲିଥାଏ । ସେଇଆଡ଼ୁ ଭିତରକୁ ଭାସି ଆସୁଥାଏ ହେଙ୍ଗୁର ନାକଟୁଣ ଗନ୍ଧ ।

ଦେହମୁଣ୍ଡ ଆମର ଗରମ ହୋଇଯାଇଥାଏ । ସାରା ଶରୀର ଅବଶ ଲାଗୁଥାଏ । ରୁମ୍ ଭିତରେ ପଶିବାମାତ୍ରେ ଜିନିଷପତ୍ର ଗୁଡାକ ଗୋଟେ କ'ଣକୁ ତଳେ ରଖିଦେଇ ଆମେ ଜଣକ ପରେ ଆଉଜଣେ ବାଥ୍‌ରୁମ୍‌ରେ ପଶିଲୁ । ତା'ପରେ ସେଇ ଗୋଟିଏ ମାତ୍ର ଖଟରେ ଦୁଇ ଜଣଯାକ ପଡ଼ିଗଲୁ ଲମ୍ବ ହୋଇ । ଖରାବେଳଟା ସାରା ନିଘୋଡ଼ ନିଦରେ ଆମେ ଶୋଇ ପଡ଼ିଲୁ । ରାସ୍ତାର ହୋହା ଘୋଘା କିଛି ବି ଜାଣିପାରିଲୁନି । ହୋଟେଲ ବିଛଣାର ଓଡ଼ଶ ଓ ମୁଣ୍ଡ ଉପରେ ଫ୍ୟାନ୍‌ର କଟର କଟର ଶବ୍ଦ, କିଛି ବି ଜଣାପଡ଼ିଲାନି ।

ଆମେ ଉଠିଲାବେଳକୁ ମୁହଁ ସଂଜ । ଭୋକରେ ଜଳୁଥାଏ ପେଟ । ରୁମ୍‌ର କବାଟ ଖୋଲି ଡାକ ଛାଡ଼ିଲା ଦଲ୍‌ଜିତ୍ । ସାଙ୍ଗେସାଙ୍ଗେ ଗୋଟେ ଚାକରପିଲା ହାଜର ହେଲା ସେଠି ।

ତାକୁ ଦେଖୁ ଦେଖୁ ଦଲ୍‌ଜିତ୍ ଆଦେଶ କଲା, "ଆମ ପାଇଁ ଚା, ସେକା ପାଉଁରୁଟି, ଦି'ଟା ବଡ଼ ଆମ୍‌ଲେଟ୍ ଏବଂ ଗୋଟେ ବୋତଲ ବିଲାତିବାଇଗଣ ସୋରୁଆ ଜଲ୍‌ଦି ଆଣ୍ ।"

କୋଡ଼ିଏ ମିନିଟ୍‌ପରେ ଯୋଉ ଆମ୍‌ଲେଟ ଆସିଲା ସେଇଟା ଦେଖିବାକୁ ବେଶ୍ ଛୋଟ । ଗୋଟିଏ ଅଣ୍ଡାକୁ ଦୁଇଭାଗ କରି ବୋଧେ ଦୁଇଟି ଆମ୍‌ଲେଟ୍ ତିଆରି ହୋଇଛି । ବିଲାତି

ବାଇଗଣ ସୋରୁଆଟା, ପୂରା ପାଣିଆ । ପାଉଁରୁଟିଗୁଡାକ ପୋଡ଼ି ଯାଇଚି ଅଧା ଅଧା । ଲୁଣଦାନିରେ ଲୁଣତକ ଓଦା । ବାହାର କରିବା ପାଇଁ ଦାନିଟିକୁ ବଡ଼କଷ୍ଟରେ ଫିଟେଇବାକୁ ପଡ଼ିଲା । ଲଙ୍କାଗୁଣ୍ଡ କିନ୍ତୁ ଯଥେଷ୍ଟ ଥିଲା । ଅଜାଡ଼ୁ ଅଜାଡ଼ୁ ସବୁଥିରେ ମେଞ୍ଚେ ଲେଖାଏଁ ଅଜାଡ଼ି ହେଇଗଲା । ତଥାପି ଆମର ଭୋକ ମଲାନି । ପୁଣିଥରେ ଅଣ୍ଡା ବରାଦ କଲୁ । ସିଝା ଅଣ୍ଡା । ଏଥରକ ଆଉ କେମିତି ଛୋଟ କରିବ ଦେଖିବା !

ଦଲ୍‌ଜିତ୍ କହିଲା, "ଚାଲ୍ ବାହାରକୁ ଯିବା । ଭିତରଟା କେମିତି ଉଝୁଟୁରି ଲାଗୁଛି ।"

ମୁଁ କହିଲି, "ନାଇଁ ନାଇଁ ମତେ ନିଦ ମାଡ଼ିଲାଣି ।"

"ତା'ହେଲେ ମୁଁ ଯାଉଚି ବାହାରେ ଟିକେ ବୁଲାବୁଲି କରିବି । ଇଚ୍ଛା ହେଲେ ଗୁରୁଦ୍ୱାର ଆଡ଼େ ଟିକେ ବୁଲି ଆସିବି ।"

"ଠିକ୍ ଅଛି । ମାତ୍ର, ହୁସିଆର ଥିବୁ । ତୁ' ଯେମିତି ହଜିନଯାଉ ।"

ମତେ ଛାଡ଼ି ଦଲ୍‌ଜିତ୍ ଚାଲିଗଲା । ଖଟରେ ପଡ଼ି ପଡ଼ି ରବୀନ୍ଦ୍ର ନାଥ ଟାଗୋରଙ୍କର 'ଦି ଗାର୍ଡନର' ବହିଟିର ପୃଷ୍ଠା ଓଲଟେଇବାକୁ ଲାଗିଲି ମୁଁ । ହେଲେ ସେ ପରିସ୍ଥିତିରେ ଅଧିକ ସମୟ ଆଉ ପଢ଼ି ହେଲାନି । ସଞ୍ଜ ହେବା ସହ ଘର ଭିତରଟା ଉଡ଼ାପୋକରେ ପୂର୍ଣ୍ଣ ହେଇଗଲା । ଆଲୁଅ ଦେଖି ସେମାନେ କୁଆଡ଼େ ଉଡ଼ି ଆସିଥିଲେ ସେଠିକୁ ।

ଝଡ଼ିପୋକ, ଡେଣାଲଗା ପିମ୍ପୁଡ଼ି ଯେତେସବୁ ଖରାଦିନଯାକ ମାଟି ଭିତରେ ଛପି ରହିଥିଲେ, ଏବେ ଥଣ୍ଡାପାଗ ଓ ଆଲୁଅ ଦେଖି ବାହାରି ପଡ଼ିଛନ୍ତି ଗାତରୁ । ଭୂଇଁରେ ଥିବା ଗାତ ଓ ଫାଟରୁ ବାହାରି ଡେଣାମେଲେଇ ସେମାନେ ଧାଇଁ ଆସୁଥିଲେ ଅଗଣିତ ସଂଖ୍ୟାରେ । ଆଲୁଅ ଆଡ଼କୁ ଧାଇଁବା ଏଇ ସେମାନଙ୍କ ଜୀବନର ଆରମ୍ଭ ଏବଂ ଶେଷ । ସେଇ ଗୋଟିଏ ଦିଗକୁ ହିଁ ସେମାନେ ଦଉଡ଼ନ୍ତି ଉଡ଼ିଉଡ଼ି । ଯୋଉଠି ଆଲୁଅ ସେଇଠିକୁ । ବିଜୁଳୀ ବତୀ, ରାସ୍ତାର ଆଲୋକ, କିରାସିନୀ ଲଣ୍ଠନ ଆଦି ସହରସାରା ଯେତେ ଯୋଉଠି ଆଲୁଅ ଅଛି, ସେଇଆଡକୁ ତାଙ୍କର ଗତି । ଆମ ହୋଟେଲ ରୁମ୍ ବାହାରେ ଥିବା ସଡ଼କକଡ଼ ଆଲୁଅ ଖୁଣ୍ଟ ପାଖରେ ମୁଁ ପୋକମାନଙ୍କର ଅସମ୍ଭବ ଭିଡ଼ ଦେଖିପାରୁଥିଲି । ମତେ ଲାଗୁଥିଲା, ଆଲୁଅ ଚାରିପଟେ କ'ଣ ଗୋଟେ ବଳୟ ଯେମିତି ଘୁରିବୁଲୁଛି ।

ଏତିକିବେଳେ ଝିଟିପିଟିମାନଙ୍କର ମଉଜ । ଦିନ ଦିନ ଧରି ଅପେକ୍ଷା କରିବାର ପୁରସ୍କାର ସେମାନେ ପାଆନ୍ତି ଏତିକି ବେଳେ । ନିଜର ନାଲିଆ ନାଲିଆ ଜିଭମାନ ଲମ୍ବେଇ ଟକ୍ ଟାକ୍ ଗିଳି ପକାନ୍ତି ପୋକଗୁଡ଼ାଙ୍କୁ । ଗିଳି ଗିଳି ପେଟ ଟୁମ୍‌କା କରିପକାନ୍ତି । ସେମାନେ ଜାଣନ୍ତି ପୁଣି ଆସନ୍ତା ବର୍ଷ ଏ ସମୟ ଆସିଲେଯାଇ ଏମିତିକା ସୁଯୋଗଟେ ମିଳିବ । ନହେଲେ ତା' ପୂର୍ବରୁ ଆଉ ନୁହେଁ ।

ଖରାଦିନ ସାରା ପୋକଯୋକମାନେ ଅପେକ୍ଷା କରିଥାନ୍ତି ବର୍ଷର ଏଇ ସମୟକୁ ଏଇ ସମୟରେ ଅନ୍ଧାରରୁ ଆଲୁଅକୁ ହୁଏ ସେମାନଙ୍କର ମହାଯାତ୍ରା । ଆଲୋକ ସନ୍ଧାନର ଏଇ ସ୍ୱାଧୀନଯାତ୍ରାରେ କିନ୍ତୁ କେହି ଜଣେ ବି ଆଉ ଜୀବିତ ରହିପାରେନା ।

ମୋ ଆଖିପତା ନିଦରେ ମାଡ଼ିମାଡ଼ି ପଡୁଥାଏ । ହେଲେ ଶୋଇ ହେଉଛି କୋଉଠୁ !

ସହରର ଘୋ' ଘୋ', ରାସ୍ତାଘାଟର ପାଟିଗୋଳ ପଶି ଆସୁଥାଏ ଝରକାବାଟେ ଭିତରକୁ । ଜାହାଜ ଆଉ ବନ୍ଦର ଜଣାପଡୁଥାନ୍ତି ବହୁ ଦୂରରେ ଥିବାଭଳି । ପାହାଡ଼, ପର୍ବତ, ଝରଣା ବି ଲାଗୁଥାଏ ବେଶ୍ ଦୂର ଦୂର ।

ଏମିତି ଭାବୁ ଭାବୁ ମୋର ଆକ୍ଷିପତା ମୁଦି ହୋଇଗଲା କେତେବେଳେ । ଦଲ୍‌ଜିତ ଆସିବାରୁ ଯାଇ ମୋର ନିଦ ଭାଙ୍ଗିଲା ।

ମତେ ଦେଖୁ ଦେଖୁ ଖୁସିଟାଏ ହୋଇ ସେ ଘୋଷଣା କଲା, "ମୁଁ ଆମର ସବୁ ସମସ୍ୟା ଦୂର କରିଦେଇ ଆସିଚି । ଆମର ଆଉ ରେଳଗାଡ଼ି ବିଷୟରେ ଚିନ୍ତା କରିବା ଦରକାର ନାଇଁ । ମୋର ଜଣେ ଟ୍ରକ୍ ଡ୍ରାଇଭରଙ୍କ ସାଙ୍ଗରେ ଭାବଦୋସ୍ତି ହୋଇଯାଇଛି । ସିଏ ତାଙ୍କ ଆଡୁ କହିଛନ୍ତି ଆମକୁ ଜୟପୁରଯାଏଁ ଟ୍ରକ୍‌ରେ ନେଇଯିବେ । ଏଠୁ ପ୍ରାୟ 300 ମାଇଲ୍ ଖଣ୍ଡେ ହବ । ଜୟପୁରରୁ ରେଳଗାଡ଼ି ଧରିଲେ ଆଉ ତେଣିକି ଆମର ଆଉକିଛି ଅସୁବିଧା ନାଇଁ ।"

"କେତେବେଳେ ସିଏ ଆମକୁ ନେଇଯିବେ ?"

"ଟ୍ରକ୍‌ଟା ଭୋର୍ ଚାରିଟାରେ ଏଠୁ ଛାଡ଼ିବ ।"

ମୁଁ ମନେ ମନେ କହିଲି, "କଥାରେ ଅଛି ଦୁଷ୍ଟ ଲୋକକୁ ଡର ନଥାଏ । ସେଇକଥା ହିଁ ଆମପାଖରେ ଘଟୁଛି । ସେ ଯାହାହଉ ଆଉ ଅଯଥା ସମୟ ବରବାଦ୍ କରିବା ବୋକାମୀ । ଆଜି ଆସି ବୁଧବାର ହେଲାଣି । ମୋ କକାଙ୍କ ଜାହାଜ ବୋଧେ ଶନିବାର ଛାଡ଼ିବ । ଆଚ୍ଛା, ଆମକୁ ଟ୍ରକ୍‌ରେ ଯିବାପାଇଁ କେତେ ଦବାକୁ ପଡ଼ିବ ?"

"ନୂଆ ପଇସାଟିଏ ବି ନୁହେଁ । ମାହାଳିଆ ସେ ଆମକୁ ନେଇଯିବେ । ଡ୍ରାଇଭର ଜଣକ ଜଣେ ଶିଖ୍ ଲୋକ । ମୁଁ ତାଙ୍କୁ ବୁଲେଇ ବାଲେଇ ସେ ଯେମିତି କି ଆମର କ'ଣ ବନ୍ଧୁ ବାନ୍ଧବ ହେବେ, ମୋ ଭିଣେଇ ପରା ତାର ଶାଳୀର ଝିଆରୀ ସାଙ୍ଗରେ ବାହା ହୋଇଛନ୍ତି ବୋଲି କହି ଦେଇଛି ।

ମମତା ସହିତ ସଡ଼କ ଯାତ୍ରା

ଭୋର୍ ଚାରିଟାରେ ଆମେ ଲାଲ୍‌କିଲ୍ଲା ଆଡ଼େ ଚାଲିଲୁ । ଚାରିଆଡ଼ କିଟି କିଟି ଅନ୍ଧାର । ଆକାଶରେ ତାରାମାନେ ମିଟିମିଟି କରୁଥାନ୍ତି । ଦିନବେଳେ ଲୋକଗହଳି ହାଉଜାଉରେ ଭରପୂର ରାସ୍ତାଘାଟ ସବୁ ଏବେ ଶୁନ୍‌ଶାନ୍ । କେହି ଦିଶୁନାହାନ୍ତି କୋଉଠି । ରାସ୍ତାକଡ଼ର ବତୀଖୁଣ୍ଟଗୁଡ଼ିକରୁ ଆଲୁଅ ଅଜାଡ଼ି ହେଇପଡ଼ୁଛି ନିର୍ଜନ ସଡ଼କ ଉପରେ । କାଁ ଭାଁ ମଟର ଗାଡ଼ିଟାଏ ଧୀର ସନ୍ତର୍ପଣ ଗତିରେ ଚାଲିଯାଉଛି କୋଉଠି । ମନେହଉଚି, ଏ ଯେମିତି ଗୋଟେ ପୂରାପୂରି ଅଲଗା ପୃଥିବୀ ।

ଆମେ ଦେଖିଲୁ ଲାଲ୍‌କିଲ୍ଲା ପାଖରେ ଗୋଟେ ଦୁଇଟି "ଢାବା" ଏଯାଏଁ ବି ଖୋଲା ଅଛି । ଟ୍ରକ୍ ଡ୍ରାଇଭରମାନଙ୍କ ସହିତ ଏଗୁଡ଼ିକ କାରବାର କରନ୍ତି । ଦିନଯାକ ଶୋଇ ରାତି ସାରା ଗାଡ଼ି ଚଳେଇବାକୁ ପଡ଼େ ଟ୍ରକ ଡ୍ରାଇଭରମାନଙ୍କୁ । ତେଣୁ "ଢାବା" ଭଳି ଦୋକାନମାନ ରାତିଟା ସାରା ପ୍ରାୟ ଖୋଲାଥାଏ ।

ଦଲ୍‌ଜିତ୍ ଠିକଣା କରିଥିବା ଡ୍ରାଇଭର ଜଣକ, ଜଣେ ଡେଙ୍ଗା ଦାଢ଼ିଆ ଶିଖ୍ । ଅନ୍ଧାର ଭିତରୁ ବାହାରି ସେ ଆମ ଆଗରେ ଆସି ଠିଆ ହେଇଗଲେ । ପାଖରେ ଥିବା ତାଙ୍କ ହେଲ୍‌ପର ଜଣକ ସେଯାଏଁ ଅଣ୍ଡରଓୟାର ଖଣ୍ଡିଏ କେବଳ ପିନ୍ଧିଥାଆନ୍ତି ।

ସେ ନିଦା ପଞ୍ଜାବୀ ଭାଷାରେ କହିଲେ, "ତୁମେ ଦୁଇଜଣ ଟ୍ରକ୍‌ରେ ଯାଇ ବସ । ଅଳ୍ପ ସମୟ ଭିତରେ ଆମେ ଗାଡ଼ି ଛାଡ଼ିବା ।" ମୁଁ ବୁଝିପାରୁଥାଏ ତାଙ୍କ କଥା ।

ଟ୍ରକ୍‌ଟି ଗୋଟିଏ ଅଶ୍ୱତ୍ଥ ଗଛ ମୂଳେ ଥୁଆ ହେଇଥାଏ । ଦଲ୍‌ଜିତ୍ ଆଉ ମୁଁ ଧଡ଼ପଡ଼ହେଇ ଟ୍ରକ୍‌ର ଡଲା ଉପରକୁ ଚଢ଼ିଗଲୁ । ଉପରେ ଖୋଲା ଆକାଶ । ମାତ୍ର ଟ୍ରକ୍‌ର ଡଲାରେ ଗୋଡ଼ ଦଉଦଉ ସାମ୍ନାରେ ନଜର ପଡ଼ିଲା, କ'ଣ ଗୋଟାଏ ବିରାଟ ଜନ୍ତୁ ଠିଆ ହେଇଚି ସେଠି । ଭୟରେ ଥରିଗଲା ଆମ ଦେହ । ଗୋଡ଼ ବାଡ଼େଇ ଫଁ ଫଁ ହେଇ ଆମକୁ ଡରେଇ ଦେଲା ସେ । ବିକଳ ହେଇ ଦଲ୍‌ଜିତ୍ ସେଇଠୁ ଡ୍ରାଇଭର ଜଣକୁ ଡ଼ାକ ଛାଡ଼ିଲା, "ଭାଇ··· ଏଠି କ'ଣ ଗୋଟେ ବଡ଼ ଜନ୍ତୁ ଟ୍ରକ୍‌ର ଡଲା ଉପରେ ଅଛି ।"

ଉତ୍ତର ମିଳିଲା, "ତୁମେ ବ୍ୟସ୍ତ ହୁଅନି । ସିଏ 'ମମତା' କିଛି କରିବନି ସିଏ ।"

"ହେଲେ, ସିଏ ଏଠି କ'ଣ କରୁଛି ?" ପଚାରିଲା ଦଲ୍‌ଜିତ୍ ।

"ସେ ଆମ ସହିତ ଯିବ । ମୁଁ ତାକୁ ଜୟପୁରର ଗୋଟେ ହାଟକୁ ନେଇଯିବା ପାଇଁ ପଡ଼ିବ । ତେଣୁ ତୁମେ ଦୁଇଜଣ ତା' ସହିତ ସେଇ ଡାଲାରେ ଥାଅ । କିଛି ଅସୁବିଧା ହବନି ।"

କିଛି ସମୟପରେ ଚାରିଆଡ଼ଟିକେ ଫରଚା ଦିଶିଲା । ସେଇ ଆଲୁଅରେ ଆମେ ମମତାକୁ ଭଲକରି ଦେଖିଲୁ । ସେ ପଞ୍ଜାବ ଅଞ୍ଚଳର ଗୋଟିଏ ବଡ଼ ମଇଁଷି ।

ତା'କୁ ଦେଖୁ ଦେଖୁ ଦଲ୍‌ଜିତ୍ ପ୍ରଶଂସା କଲାଭଳି କହିଲ, "ବାଃ ମଇଁଷିଟା ବେଶ୍ ହୃଷ୍ଟପୁଷ୍ଟ ତ ଦେଖିବାକୁ ! ଯାହା କହ, ଖୁବ୍ ଜାତିଆ ମଇଁଷିଟେ । ଦେଖ୍ ରଞ୍ଜି, ତା'ର ଆଖି ଦୁଇଟା କେମିତି ନେଳିଆ ।"

ମୁଁ କହିଲି, "ମଇଁଷିମାନଙ୍କର ନେଳି ଆଖି ବୋଲି ମୁଁ ଜାଣିନଥିଲି ଆଗରୁ ।"

ବୁଝେଇଲାଭଳି ଦଲ୍‌ଜିତ୍ କହିଲା, "ନାଇଁ ନାଇଁ, କେବଳ ଜାତିଆ କିସମର ମଇଁଷି ମାନଙ୍କର ଆଖି ନେଳିଆ । ଯାହିତାହି ମଇଁଷି ପାଖରେ ସେକଥା ଆସିବ କୋଉଠୁ ? ନୀଳ ଆଖି ମଇଁଷିମାନେ ଧୂସର ଆଖିଥିବା ମଇଁଷିଙ୍କଠାରୁ ଅଧିକ ଦୁଧ ଦିଅନ୍ତି । ବୁଝିଲୁ ?"

ଏତିକିବେଳେ ଡ୍ରାଇଭରବାବୁ ଟ୍ରକ୍ ଷ୍ଟାର୍ଟ କରିଦେଲେ । ଚକ ଗଡ଼ିଲା । ସକାଳର ସୁଲୁସୁଲୁ ଥଣ୍ଡାପବନ ଯୋଗୁଁ ମଇଁଷିର ଗନ୍ଧ ଆଉ ଆମକୁ ଜଣାପଡ଼ିଲାନି ।

ଅଳ୍ପ ସମୟ ଭିତରେ ଦିଲ୍ଲୀ ଅଞ୍ଚଳ ପାରହେଇ ଆମ ଟ୍ରକ୍‌ଟି ବେଶ୍ ଜୋର୍‌ରେ ଜୟପୁର ଅଭିମୁଖେ ମାଡ଼ି ଚାଲିଲା । ଅଳ୍ପ ଦିନତଳେ ବର୍ଷା ହେଇଥିବା ଯୋଗୁଁ ରାସ୍ତାକଡ଼ର ଖାଲୁଆ ଅଞ୍ଚଳମାନଙ୍କରେ ଠାଏ ଠାଏ ଜମି ରହିଥାଏ ପାଣି । ସେଇସବୁ ପାଣି ଜାଗାମାନଙ୍କରେ ବଗ, ଟେଣ୍ଟାଳିଆ ଏବଂ ଆଉ କେତେ ପ୍ରକାରର ଚଢ଼େଇ ଚଲାବୁଲା କରୁଥାଆନ୍ତି । ପଡ଼ିଆ ଏବଂ ଗଛମାନଙ୍କରେ କେତେଜାତିର ଚଢ଼େଇ ଦେଖାଯାଉଥାନ୍ତି ଏଠି ସେଠି । ଡାମରାକାଉ, ଭଦଭଦଳିଆ, ବାଇ ଚଢ଼େଇ ଆଉ କେବେ କେମିତି ଶଙ୍ଖଚିଲଟାଏ ଆସିଯାଉଥାଏ ଆମ ନଜରରେ । ଶଙ୍ଖଚିଲକୁ କେହିକେହି ବିଷ୍ଣୁଙ୍କର ବାହନ ଗରୁଡ଼ ବୋଲି ମଧ୍ୟ କହନ୍ତି ।

ଗାଡ଼ି ଯେତେଯେତେ ରାଜସ୍ଥାନ ଆଡ଼କୁ ମାଡ଼ି ଚାଲିଲା, ସେତେ ଅଧିକ ମୟୂରମାନେ ଆମ ନଜରକୁ ଆସିଲେ । ଧାଡ଼ି ଧାଡ଼ି ଓଟମାନଙ୍କର ଯିବା ଆସିବା ଲାଗିଥାଏ ସଡ଼କ କଡ଼ରେ । ଏଣିକି ସବୁଜ ଗଛପତ୍ରଙ୍କର ସଂଖ୍ୟା କମି କମି ଆସୁଥାଏ । ମରୁଭୂମିର ବାଲି ଦେଖିବାକୁ ମିଳୁଥାଏ ଅଧିକରୁ ଅଧିକ । ତା' ସହିତ ଲୋକମାନଙ୍କର ବେଶପୋଷାକ, ରଙ୍ଗବେରଙ୍ଗ ମଧ୍ୟ ଜଣାପଡୁଥାଏ । ସତେ ଯେମିତି ବାହାର ପୃଥିବୀର ରଙ୍ଗହୀନତାକୁ ସେମାନେ ନିଜ ପୋଷାକର ରଙ୍ଗରେ ସଜେଇବାକୁ ବାହାରିଛନ୍ତି । ସ୍ତ୍ରୀଲୋକମାନଙ୍କ ଦେହରେ ବଡ଼ ବଡ଼ ନାଲି ଘାଗ୍‌ରା । ଦେହରେ ସୁନାରୂପା ଅଳଙ୍କାର । ଦେଖିବାକୁ ସେମାନେ ଡେଙ୍ଗା, ଗୋରାତକ୍‌ତକ୍, ବଳୁଆ ଏବଂ ସୁନ୍ଦର । ପୁରୁଷମାନେ ବି ବେଶ୍ ଡେ଼ଙ୍ଗା । ହେଲେ ବୟସ୍କ ଲୋକମାନେ ପ୍ରାୟ ସମସ୍ତେ ଦାଢ଼ି ରଖିଥାନ୍ତି ମୁହଁରେ ।

ସମୟ ଗଡ଼ିବା ସହିତ ଖରାର ତେଜ ମଧ୍ୟ ବଢ଼ିଲା । ରାସ୍ତାରେ ଲୋକବାକ ଗାଡ଼ିମୋଟରଙ୍କ ଭିଡ଼ ବି ବଢୁଥାଏ ବେଳୁବେଳ । କିନ୍ତୁ ଆମ ଟ୍ରକ୍‌ର ଗତି କମିବ କ'ଣ, ଆଗ ଅପେକ୍ଷା ଆହୁରି ଅଧିକ ଜଣାପଡୁଥାଏ । ମଇଁଷିଟିକୁ ଶୀଘ୍ର ପହଞ୍ଚେଇବା ପାଇଁ ଡ୍ରାଇଭର

ବୋଧେ ତରବର ହେଉଥାଆନ୍ତି ।

ଏତିକିବେଳେ ଆମ ଟ୍ରକ୍‌ଟି ରାସ୍ତାରେ ଯାଉଥିବା ଆଉ ଗୋଟେ ଟ୍ରକ୍‌କୁ ପାର୍ ହେବା ପାଇଁ ଚେଷ୍ଟା କଲା । ଦୁଇଟିଯାକ ଟ୍ରକ୍ ବେଶ୍ ଜୋର୍‌ରେ ମାଡ଼ି ଚାଲିଥାଆନ୍ତି ରାସ୍ତାରେ । କେହି କାହାକୁ ବାଟ ଛାଡ଼ିବାକୁ ନାହାଁନ୍ତି । ଆଉ ଟ୍ରକ୍‌ଟିରେ ଆଖୁ ଲଦା ହୋଇଥାଏ ।

ଦଲ୍‌ଜିତ୍ ଟ୍ରକ୍‌ର ଗୋଟେ କଡ଼କୁ ଚାଲିଯାଇ ମନ୍ତବ୍ୟ ଦେଲା, "ଆରେ ଏଠିତ ଗୋଟେ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି ।"

ରାସ୍ତାଟି ସେତେ ଚଉଡା ନୁହେଁ । ତେଣୁ ଦୁଇଟି ଟ୍ରକ୍ ଏକ ସମୟରେ ପାର୍ ହେବା ସହଜ ନୁହେଁ ମୋଟେ । ଆଗରେ ଥିବା ଟ୍ରକ୍ ବି ମଝି ରାସ୍ତାରୁ ହଟିବାକୁ ନାରାଜ୍ । ତେଣୁ ବାଧ୍ୟହୋଇ ପିଚୁ ସଡ଼କ ତଳକୁ ଓହ୍ଲେଇ ଖାଲଢିପ ମାଟି ଧାରରେ ଆମ ଟ୍ରକ୍ ଚେଷ୍ଟାକଲା ଆର ଟ୍ରକ୍‌ଟିକୁ ଟପିଯିବାପାଇଁ ।

ପିଚୁ ସଡ଼କ ଛାଡ଼ି ଧୂଳି ଉପରକୁ ଆସିଯିବା ଫଳରେ ଟ୍ରକ୍‌ର ପଛଟା ସାରା ଧୂଳି ପଟଳରେ ବୁଡ଼ିଗଲା କହିଲେ ଚଳେ । ନାକସବୁ ଚୁଙ୍କି ହେଇଯାଉଥାଏ । ଖାଲ ଢିପ ରାସ୍ତାଯୋଗୁଁ ଆମେ ଅସ୍ତବ୍ୟସ୍ତ ହେଇ ପଡ଼ିଯାଉଥାଉ ଡାଲା ଦେହରେ । ମମତା ତରିମରି ଆମକୁ ମାଡ଼ିପକେଇବା ଉପରେ । ଏତିକିବେଳେ ଟ୍ରକ୍‌ଟା ଦୁଇଫୁଟ୍ ଉପରକୁ ଉଠିଯାଇ ଧଡ୍‌କିନା ଗୋଟେ ଜାଗାରେ ରହିଗଲା ବ୍ରେକ୍ ଦେଇ ।

ଧୀରେ ଧୀରେ ଧୂଳି କମିଯିବାରୁ ଆମେ ଡ୍ରାଇଭରବାବୁଙ୍କ ଦାଢ଼ିଆ ମୁହଁକୁ ଦେଖିଲୁ । ଟ୍ରକ୍‌ରୁ ଓହ୍ଲେଇ ସେ ଚାହିଁଥାଆନ୍ତି ଆମଆଡ଼େ ।

ଉତ୍ସୁକ ହେଇ ସେ ପଚାରିଲେ, "ସବୁ ଠିକ୍ ଅଛି ତ ?"

ମୁଁ କହିଲି, "ହଁ ବୋଧେ ।"

ଦଲ୍‌ଜିତ୍ କିନ୍ତୁ ସମ୍ଭାଳି ନପାରି ପଚାରିଲା-"ଆଉ ଟ୍ରକ୍‌ଟାକୁ ଆମେ ପାର୍ ହେଇଗଲେ ତ !"

"ନାଁ" ବଡ଼ ଗମ୍ଭୀର ହେଇ କହିଲେ ଡ୍ରାଇଭର । "ନାଇଁ ସେ ବାଟ ଛାଡ଼ିଲାନି । ସେ ବି ଜଣେ ଶିଖ୍ । ତୁମେ ଦୁଇଜଣ ଏଥର ଆଗରେ ଆସି ବସ ।"

ବିନାଦ୍ୱିଧାରେ ଆମେଯାଇ ଆଗରେ ତାଙ୍କ ପାଖରେ ବସିଲୁ । ହେଲପର୍ ଜଣକ ବିଚରା ପଛରେ ମଇଁଷି ସହ ଡାଲାରେ ରହିଲା ।

ପୁଣି କେତେ ମାଇଲ୍ ଭିତରେ ଗପସପ ଯୋଗୁଁ ଡ୍ରାଇଭର ବାବୁଙ୍କ ସହ ଆମର ଭଲ ପରିଚୟ ହେଇଗଲା । ତାଙ୍କ ନାଁ ଗୁରୁନାମ୍ ସିଂହ ।

ପଞ୍ଜାବୀରେ ସେ ମତେ ପଚାରିଲେ, "ମୋ ଗାଡ଼ିର ନୂଆ ହର୍ଣ୍ଣଟା କେମିତି ବାଜୁଚି ଶୁଣିବ ?"

ମୁଁ ହିନ୍ଦିରେ କହିଲି, "ଆମେ କ'ଣ ଏଯାଏଁ ତା'ର ଶବ୍ଦ ଶୁଣିନୁ ? ବାଟଯାକ ପରା ବାଜୁଚି !"

ପଛରେ ବସିଲେ ସେଇଟା ଭଲ ଶୁଭେନି ବୋଲି ସେ କହିଲେ । "ସେଇଥିପାଇଁ ପରା

ତୁମମାନଙ୍କୁ ଆଗରେ ଆସି ବସିବାପାଇଁ ମୁଁ କହିଲି ।" ଏ କଥା ସହିତ କାନଫଟା ଏକସ୍ୱରରେ ଟ୍ରକ୍‌ର କ୍ୟାବିନ୍‌ଟା ଥରିଗଲା କିଛି ସମୟପାଇଁ ।

ମୁଁ କାନରେ ଚିପ ଦେଇ କହିଲି, "ବେଶ୍ ବଢ଼ିଆ ହର୍ଣ୍ଣଟେ । ୟା'ଠୁ ଜୋର୍‌ରେ ବାଜୁଥିବା ହର୍ଣ୍ଣ ଆଉ କୋଉଠି ନଥିବ ବୋଧେ ।"

ଗୁରୁନାମ୍ ସିଂ ଛାତି ଫୁଲେଇ କହିଲେ, "ଜାଣିଚ, ଏଇଟା ଅଧମାଇଲ ଦୂରଯାଏଁ ଶୁଭିବ ।" ଏତିକି କହି ସେ ପୁଣିଥରେ ବଜେଇ ଦେଲେ ହର୍ଣ୍ଣ । ଆଗରେ ସାଇକେଲ୍‌ରେ ଯାଉଥିବା ଦୁଇଜଣଲୋକ ତରବରହେଇ ହଟିଗଲେ ରାସ୍ତାରୁ ।

ମୁଁ କହିଲି, "ହେଲେ ଏଠି ବହୁତ ଶବ୍ଦ ଯୋଗୁଁ କାନ ଅତଡ଼ା ପଡ଼ିଯାଉଛି ।" କାଳେ ସେ ଖରାପ ଭାବିବେ ବୋଲି ମୁଁ ସଙ୍ଗେ ସଙ୍ଗେ ଯୋଡ଼ି କହିଲି, "ଅବଶ୍ୟ ସେଥିରେ କିଛି ଯାଏ ଆସେ ନାହିଁ ।"

ଏତେବେଳକେ ଦଲ୍‌ଜିତ୍ ପଚାରିଲା, "ଆଚ୍ଛା ଏ ହର୍ଣ୍ଣର କ'ଣ ମାତ୍ର ଗୋଟିଏ ପ୍ରକାର ସ୍ୱର ?"

ମୁଁ ଭାବିଲି ଏଇଟା ଗୋଟେ ଅଯଥା ପ୍ରଶ୍ନ । ମାତ୍ର ଆଶ୍ଚର୍ଯ୍ୟ କଥା, ଗୁରୁନାମ ସିଂହ ଖୁସି ହେଲେ ଏ ପ୍ରଶ୍ନ ଶୁଣି । ସେ କହିଲେ, "ନାଇଁ ନାଇଁ ଦୁଇଟା ସ୍ୱର । ଗୋଟାଏ ମରଦ ସ୍ୱର ଆଉ ଗୋଟେ ମାଇପି ସ୍ୱର । ଏଇ ଶୁଣନ୍ତୁ !" ଏତିକି କହି ଥରେ ଅତି ଜୋର୍‌ରେ ଏବଂ ଆଉଥରେ ତା'ଠାରୁ ଆଉ ଟିକେ କମ୍ ସ୍ୱରରେ ସେ ବଜେଇ ଦେଲେ ହର୍ଣ୍ଣଟାକୁ । କାନ ଅତଡ଼ା ପଡ଼ିଗଲା ସେ ଶବ୍ଦରେ । ହର୍ଣ୍ଣର ରଡ଼ି ଯୋଗୁଁ ରାସ୍ତାକଡ଼ରେ ଯାଉଥିବା ଓଟଟିଏ ହଡ଼ବଡ଼େଇ ଯାଇ ଧାଇଁଗଲା ଦୂରକୁ ।

ଗୁରୁନାମ୍ ସିଂ କହିଲେ, "ଏଇଟା ଗୋଟେ ବିଶେଷ ଧରଣର ହର୍ଣ୍ଣ । ଖାସ୍ ମୋରି ଟ୍ରକ୍ ପାଇଁ ମୁଁ ଏଟା ବରାଦକରି ତିଆରି କରେଇଛି । ବିଦେଶୀ ହର୍ଣ୍ଣ ମୋର ଦରକାର ନାଇଁ । ସେଗୁଡ଼ାକ ଭଲ ଶବ୍ଦ କରେନି । ଯାହା କୁହ, ଆମ ଭାରତ ତିଆରି ହର୍ଣ୍ଣଗୁଡ଼ାକ ସବୁଠୁ ବଢ଼ିଆ ।" ତା'ପରେ ଟ୍ରକ୍‌ର କ୍ୟାବିନ୍ ଭିତରେ ଆଉ କିଛି କଥାବାର୍ତ୍ତା ଚାଲିଲାନି । ସେତିକି ବିଭିନ୍ନ ପ୍ରକାରର ଶବ୍ଦମାନଙ୍କ ବିଷୟରେ ମୁଁ ଭାବିବାକୁ ଲାଗିଲି । ଖରାପ ଶବ୍ଦ, ମଧୁର ଶବ୍ଦ । ଗୁଡ଼େ ପ୍ରକାରର ଶବ୍ଦ କାନକୁ କାହିଁକି ଏମିତି ତାବ୍‌ଦା କରିପକାଏ ? ଆଉ କିଛି କାହିଁକି ଏତେ ମିଠା ଶୁଭେ ?

ଗୁରୁନାମ ସିଂହ ପୁଣି ନୀରବତା ଭାଙ୍ଗି କହିଲେ- "ଜାଣିଛ, ଏଇଟା ଦିଲ୍ଲୀରେ ହିଁ ତିଆରି ହୋଇଛି । ଦାମ୍ ମାତ୍ର ପଞ୍ଚସ୍ତରୀ ଟଙ୍କା । ମୁଁ ଯେମିତି କହିଥିଲି ସେଇ ଅନୁସାରେ, ତିଆରି ହୋଇଛି ହାତରେ । କିନ୍ତୁ ଗୋଟେ ଅସୁବିଧା ଅଛି । ଓଦା ହେଇଗଲେ ସେଇଟା ଆଉ ବାଜିବନି ।"

ଏତକ କହିସାରି ପୁଣି ଯେତେବେଳେ ସେ ହର୍ଣ୍ଣର ସୁଇଚ୍ ଆଡ଼କୁ ହାତ ନେଲେ, ମୁଁ ମନେମନେ ପ୍ରାର୍ଥନା କରୁଥାଏ ଏତିକିବେଳେ ବର୍ଷା ହେଇଯାଆନ୍ତା କି ହେଲେ । ମାତ୍ର ଆକାଶରେ କୋଉଠି ଟିକେ ବି ମେଘ ନଥାଏ । ବର୍ଷା ଆଉ ହବ କେମିତି ?

"ଜାଣିଛ, ଏମିତିକା ହର୍ଣ୍ଣ କେତେ ଦରକାରୀ ? ବଜାଅ, ନିଜେ ବଜେଇ ଦେଖୁନ ? ଡରନି, ବଜାଅ ।"

ମୁଁ ଡ୍ରାଇଭର ବାବୁଙ୍କ ପାଖରେ ବସିଥାଏ । ମୋ ସେପଟେ ଦଲ୍‌ଜିତ୍ ବସିଥାଏ କବାଟ ପାଖକୁ ଲାଗି । ତେଣୁ ହର୍ଣ୍ଣ ବଜେଇବାକୁ ଗୁରୁନାମ ସିଂହ ମତେ ହିଁ କହୁଥିଲେ ବାରମ୍ବାର ।

ମୁଁ କହିଲି, "ଠିକ୍ ଅଛି । ଏଇ ଟିକିଏ ତଳେ ତ ତମେ ବଜେଇଥିଲ । ମୁଁ ବଜେଇଲେ ଆଉ ଅଧିକ କ'ଣ ହବ ।"

ଗୁରୁନାମ୍ ସିଂହ କିନ୍ତୁ ନଛୋଡ଼ବନ୍ଧା । "ନାଇଁ ତୁମେ ନିଜେ ବଜାଅ । ଆରେ, ଥରେ ବଜାଇ ଦେଖନା ।" କେହି ଜଣେ ବଡ଼ପିଲା, ସାନପିଲାଟିଏ ପ୍ରତି ସଦୟହୋଇ ତା'ର ଖେଳଣା ତାକୁ ଯାଚିବା ପରି ବଡ଼ ଉଦାର ଚିତ୍ତରେ ହର୍ଣ୍ଣ ବଜାଇବାକୁ କହୁଥାନ୍ତି ସେ ।

ଶେଷକୁ ମୋ ହାତକୁ ଜବରଦସ୍ତ ନେଇ ସେ ମାଡ଼ିଦେଲେ ସୁଇଚ୍ ଦେହରେ । ହର୍ଣ୍ଣଟା ବାଜିବା ସହିତ ହାତରେ ଯେମିତି ଗୋଟାଏ ନୂଆ ଅନୁଭବ ମୁଁ ବାରି ପାରିଲି । ଏଥର ଭଲକରି ସୁଇଚ୍‌ଟାକୁ ମାଡ଼ି ଧରିଲି । ଟ୍ରକ୍‌ସାରା ଶବ୍ଦମୟ ହେଇ ଉଠିଲା । ମୁଁ ସେଇମିତି ବଜାଉଥାଏ । ଖୁସିରେ ଚକ୍‌ଚକ୍ ଦେଖାଯାଉଥାଏ ଗୁରୁନାମ ସିଂହଙ୍କ ଆଖି । ଏମିତିକା ହର୍ଣ୍ଣ ପାଖରେ ଥିଲେ, ଜଣେ ଡ୍ରାଇଭର ନିଜକୁ ସଡ଼କର ରାଜାବୋଲି ଭାବିବା କିଛି ଅସ୍ବାଭାବିକ ନୁହେଁ ।



ଜୟପୁର ସେପଟେ ଡକାୟତ ଦଳ

ଜୟପୁରରେ ଆମେ ପହଞ୍ଚିଲା ବେଳକୁ ଅନ୍ଧାର ହେଇ ଆସିଲାଣି । ତେଣୁ ସହରର ବାଟଘାଟ, ବଜାର କିଛି ଭଲକରି ଦେଖିହେଲାନି । ଗୁରୁନାମ ସିଂହଙ୍କ ସହିତ ଆମକୁ ସାରାରାତି ଟ୍ରକ୍‌ର ଡାଲା ଉପରେ ଶୋଇବାକୁ ପଡ଼ିଲା । ଖରାଦିନରେ ବି ଜୟପୁରରେ ରାତିବେଳଟା ଶୀତଲାଗେ । ଗୁରୁନାମ ସିଂ ତାଙ୍କ ଶେଯରେ ଆମପାଇଁ ଜାଗା ଛାଡ଼ିଦେଲେ । ସେ ଟ୍ରକ୍ ଡାଲାରେ ଶୋଇବାରେ ଅଭ୍ୟସ୍ତ । ତେଣୁ ଖୁବ୍ ଚଞ୍ଚଳ ତାଙ୍କ ଆଖିକୁ ନିଦ ଆସିଗଲା ଏବଂ ସେ ଘୁଙ୍ଗୁଡ଼ି ଛାଡ଼ିବାକୁ ଲାଗିଲେ । ଦଲଜିତ୍ ଆଉ ମୁଁ ଶେଯରେ ପଡ଼ିପଡ଼ି ଖାଲି ଏକଡ଼ ସେକଡ଼ ହେଉଥାଉ । ତା'ର ଆଣ୍ଠୁଟା ମୋ ଦେହରେ ବାରମ୍ବାର ବାଜୁଥାଏ । ଟ୍ରକ୍ ଡାଲାଟା ପଥର ପରି ଟାଣ । ତା' ସାଙ୍ଗକୁ ମଇଁଷି ଗନ୍ଧ ଭରି ରହିଥାଏ ସେଠି ।

ଆମେମାନେ ଟିକିଏ ଶୋଇଛୁ କି ନାହିଁ (ମତେ ଲାଗୁଥିଲା ନିଦ ହୋଇଯାଇଥିଲା ପରି) ଏତିକିବେଳେ ଗୁରୁନାମ୍ ସିଂ ଧଡ଼ପଡ଼ ହେଇ ଉଠିପଡ଼ି ଘୋଷଣା କଲେ ଯେ ଚାରିଟା ବାଜିଲାଣି । ତା'ଙ୍କୁ ପୁଣି ରାତିଥାଉଥାଉ ଫେରିବାକୁ ପଡ଼ିବ । ଏଥରକ ସେ ଜୟପୁରରୁ ଦିଲ୍ଲୀକୁ ନାଲି ବଉଳମାଳିଆ ପଥର ବୋହିନବାପାଇଁ ବରାଦ ପାଇଥାନ୍ତି । ଦଲ୍‌ଜିତ୍ ନିଦ ଆଖି ମଳୁମଳୁ କହିଲା, "ଧେତ୍‌ତେରିକା । ଇଏ ଗୋଟେ କ'ଣ ଜୀବନ ! ମୁଁ ମରିଗଲେ ସୁଦ୍ଧା ଜୀବନରେ ଡ୍ରାଇଭର କେବେ ହେବିନି ।"

ଗୁରୁନାମ ସିଂ ଦାର୍ଶନିକ ଭଳି କହିଲେ, "କ'ଣ କରାଯିବ, ଯେମିତି ହେଲେ କିଛି କାମ କରି ପେଟ ପୋଷିବାକୁ ତ ପଡ଼ିବ ! ମୁଁ ଗାଡ଼ି ଚଳେଇବାକୁ ଭଲପାଏ । ଛଅ ସାତ ବରଷ ବେଳୁ ମତେ ଗାଡ଼ି ଚଳେଇବା ଆସେ । ତା'ଛଡ଼ା ଡ୍ରାଇଭର କାମରେ ଭଲ ପଇସା ମିଳେ । ଏବେ ମୁଁ ଦିଲ୍ଲୀ ଫେରିଗଲେ ମତେ ଦୁଇଦିନ ଛୁଟି ମିଳିବ । ସେ ସମୟରେ ମୁଁ ଘରେ ପିଲାଛୁଆଙ୍କ ସହିତ ରହିବି । ଆଚ୍ଛା ସାନଭାଇମାନେ, ବିଦାୟ ! ଯଦି କେବେ ଆଉ ଦିଲ୍ଲୀ ଆସ, ତେବେ ଲାଲ୍‌କିଲ୍ଲା ପାଖ ସେଇ ପାଚେରୀ ପାଖକୁ ଆସିଲେ ଦେଖା ହବ ।"

ଟ୍ରକ୍ ଚଳେଇ ସେ ଗଲାବେଳେ ଆମେ ତାଙ୍କୁ ହାତହଲେଇ ବିଦାୟ ଜଣେଇଲୁ । ଗାଡ଼ିଟା ଗଲାବେଳେ ଏମିତି ରଡ଼ିକଲାଯେ ସେ ଶବ୍ଦରେ ସେ ପାଖଆଖରେ ଶୋଇଥିବା କିଛି ଲୋକଙ୍କର ନିଦ ଭାଙ୍ଗିଗଲା । କୁକୁରଗୁଡ଼ାକ ଭୁକିବାକୁ ଆରମ୍ଭ କଲେ । କୁକୁଡାମାନେ ବି

ଗୋଟେ ପାଖଘରୁ ବୋବେଇବା ଆରମ୍ଭ କରିଦେଲେ ।

ଆମେ ଯୋଉଠି ପହଞ୍ଚିଥିଲୁ, ସେଇଟା ଜୟପୁରର ବାହାରିଆ ଇଲାକା । ସାମ୍ନାରେ ଗୋଟାଏ ବିରାଟ ହ୍ରଦ । ଆରପଟେ ଖୋଲାମେଲା ଜାଗା । ସାନସାନ ଢିପ ଆଉ ମରୁଭୂମି । କିନ୍ତୁ ସେଇଭିତରେ ଗୋଟେ ଭଙ୍ଗା କୋଠା ଆମେ ଦେଖିବାକୁ ପାଇଲୁ । କଣ୍ଟାବୁଦା ଆଉ ବାବୁଲ୍‌ଗଛ ଉହାଡ଼ରେ ଠିଆହୋଇଥାଏ ପୁରୁଣା ରାଜପ୍ରାସାଦ ଭଳି ପ୍ରକାଣ୍ଡ କୋଠାଟି ।

ଦଲ୍‌ଜିତ୍ କହିଲା, "ଚାଲ ସେଠିକି ଯିବା । ହ୍ରଦପାଣିରେ ଗାଧୋଇପଡ଼ି ଆମେ ସେଇଠି କିଛି ସମୟ ଅଟକିଯିବା । ତା'ପରେ ସମୟ ଦେଖି ସହର ଭିତରକୁ ଯାଇ ରେଳଗାଡ଼ି କଥା ବୁଝିବା ।"

ହ୍ରଦ କୂଳେ କୂଳେ ଆମେ ଚାଲିଲୁ । ଆରପଟକୁ ବୁଲିବୁଲି ଯାଇ ପହଞ୍ଚିଲା ବେଳକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗିଲା ।

ପଡ଼ିଆ ପ୍ରାନ୍ତର, କେହି କୁଆଡ଼େ ନାହିଁ । ଦୂରରେ ଗୋଟେ କୂଅ ଚାରିପଟେ ଘୂରିଘୂରି ଏକଲା ଓଟଟିଏ ପାଣି ବାହାର କରୁଥାଏ ଟେଣ୍ଡାରେ । ସେପଟ ଗାଆଁରୁ ଧୂଆଁ ମୋଡ଼ିମୋଡ଼ି ହେଇ ଉଠୁଥାଏ ଉପରକୁ । ସକାଳର ଶାନ୍ତ ବାତାବରଣକୁ ଭେଦକରି କୋଉଠୁ ଭାସିଆସୁଥାଏ ବଂଶୀର ସ୍ୱର ।

ସେଠୁ ଯାଇ ଭଙ୍ଗା କୋଠା ପାଖରେ ପହଞ୍ଚିଲାବେଳକୁ ଆଉ କୋଡ଼ିଏ ମିନିଟ୍ ବିତିଗଲା । ଯେତେବେଳେ ପୂର୍ବେ ଏଠି ଜଙ୍ଗଲ ଥିଲା, ଶିକାର କରିବାପାଇଁ ଆସି କେହି ରାଜପୁତ୍ ରାଜା ବୋଧେ ଗଢ଼େଇଥିଲେ ଏ ପ୍ରାସାଦଟିକୁ ।

ପ୍ରାସାଦଟି ବଡ଼ ବଡ଼ ଢିମା ପଥରରେ ବନ୍ଦ କରାହେଇଥାଏ । ମାତ୍ର ପାଚେରୀର ଗୋଟେ ଜାଗା ଭୁଷୁଡ଼ିଯାଇ ବାଟ ଫିଟିଥାଏ ଭିତରକୁ । ଆମେ ସେଇବାଟେ ପଶିଲୁ । ପାଚେରୀ ଭିତରପଟେ ପଥରବସା ସରୁ ରାସ୍ତାଟିଏ ଲମ୍ବିଯାଇ ମିଶିଯାଇଛି ଗୋଟେ ଅଗଣାରେ । ଅଗଣା ମଝିରେ କୋଉକାଳର ପଥର ତିଆରି ଶୁଖିଯାଇଥିବା ଏକ ପାଣିଫୁଆରା । ପାଣିଫୁଆରାର ମୂଳ ଫଟେଇ ଉଠିଆସିଚି ଅଶ୍ୱତ୍‌ଥ ଗଛଟିଏ ।

ଅଗଣା ଡେଇଁ ଆମେ ଭିତରପଟ ଘର ଆଡ଼କୁ ଚାଲିଲୁ । ଏଇ ସମୟରେ ଦଲ୍‌ଜିତ୍ କହିଲା, "ରଷ୍ଟି, କ'ଣ ଗୋଟେ ବାସ୍ନା ଆସୁଛି କୋଉଠୁ । ବାରି ପାରୁଚୁ ତୁ ?"

"ହଁ, ତରକାରୀ-ବାସ୍ନା ।" ମୁଁ କହିଲି ।

ଏଠି ତରକାରୀ ବାସ୍ନା କୋଉଠୁ ଆସିଲା ବୋଲି ଆମେ ଆଶ୍ଚର୍ଯ୍ୟ ହେଇଗଲୁ । ତରକାରୀ କଥା ସ୍ୱପ୍ନରେ ସୁଦ୍ଧା ଭାବିନଥିଲୁ କେହି । ତା'ମାନେ ଏଠି କିଏ ରହୁଚି ନିଶ୍ଚେ । ମୁଁ ଭାବୁଥିଲି, ଏଇଠୁ ଆମେ ଫେରିଯିବା ଠିକ୍ ହବ । କିନ୍ତୁ ମନରେ କୌତୂହଳ ଜନ୍ମିଲା । ଏଣେ କୌତୂହଳ ତେଣେ ତରକାରୀ ବାସ୍ନା । ଧୀରେ ଧୀରେ ଦଲ୍‌ଜିତ୍ ଆଉ ମୁଁ ଆଗକୁ ଚାଲିଲୁ । ସାମ୍ନାରେ ଗୋଟେ ଅନ୍ଧାରିଆ ବାରଣ୍ଡା । ତା' ବାଁପଟେ ଗୋଟେ ଅନ୍ଧାରିଆ ବଖରା । ସେଇ ଆଡୁ ଆସୁଥାଏ ମସଲାଦିଆ ତରକାରୀର ବାସ୍ନା ।

ଦୁଇଜଣଯାକ ଥତମତ ହେଉଥାଉ । 'ଆଗକୁ ଯିବା ନା ନାହିଁ ?'

ଦଲ୍‌ଜିତ୍ କହିଲା, "ଡରୁଚୁ କ'ଣ । ଚାଲ୍ ଆଗକୁ ।"

ମୁଁ କହିଲି, "ତୁ ଆସୁନୁ ସାଙ୍ଗରେ ?"

ଦୁଇଜଣ ଯାଇ ଦେଖିଲାବେଳକୁ କୋଠରୀଟି ପୂରାପୂରି ଖାଲି । କେହି କୁଆଡ଼େ ନାହାନ୍ତି ।

ଘରର କ'ଣରେ ଗୋଟିଏ ଚୁଲି । ଚୁଲି ଉପରେ ଗୋଟେ ପାତ୍ରରେ କ'ଣ ରୋଷେଇ ହେଇ ଥୁଆ ହେଇଚି । କିନ୍ତୁ ରୋଷେଇ କରିଥିବା ଲୋକର କିଛି ସୋର୍ ଶବଦ ନାଇଁ ।

ଚୁଲି ଆଡ଼କୁ ସନ୍ତର୍ପଣରେ ଯାଇ ମୁଁ ରନ୍ଧା ଡାଗାଟିର ଢାଙ୍କୁଣୀ ଖୋଲିଲି । ଆରେ ଇଏତ କୁକୁଡ଼ା ମାଁସ ତରକାରୀ ! ଏମିତିକା ଅପନ୍ତରା ଥାନରେ ସବୁ ଖାଁ ଖାଁ ଗୋଡ଼ଉଥିବାବେଳେ ସେଠି ପୁଣି ମାଁସ ତରକାରୀ !! କେମିତି ସେ ଜିନିଷ ସେଠିକୁ ଆସିଲାବୋଲି ସେକଥା କିଛି ବିଚାର ନକରି ସେଇଥିରେ ମୁଁ ହାତବୁଡ଼େଇ ମାଁସ ଖଣ୍ଡେ ଦୁଇଖଣ୍ଡ ଆଣି ପାଟିରେ ପୂରେଇ ଦେଲି । ଦାନ୍ତରେ ଚୋବେଇ ମାଁସର ସ୍ୱାଦ ମୁଁ ଟିକିଏ ବାରିଚି କି ନାଇଁ, ଏତିକିବେଳେ ଦୁଇଟା ବଳୁଆ ହାତ ଆସି ମତେ ପଛଆଡୁ ଧରିଲା । ଭୂଇଁରେ ମୋ ପାଦ ଆଉ ଲାଗୁନଥାଏ ।

ଏତେ ଛାନିଆ ହେଇଯାଇଥିଲି ଯେ ମୋ ପାଟିରୁ ମାଁସତକ ତଳେ ଖସି ପଡ଼ିଲା । ନିଜକୁ ମୁକୁଳେଇବା ପାଇଁ ମୁଁ ଛାଟିପିଟି ହେଲି । କିନ୍ତୁ ହାତ ଦୁଇଟା ବେଶ୍ ବଳୁଆ । ମୁଁ ଜାଣିଥିଲି କିଏ ଗୋଟେ ମଣିଷ ମତେ ଧରିଚି ପଛପଟୁ । ତା' ହାତର କଳାକଳା ରୁମଗୁଡ଼ାକ ମୁଁ ଦେଖି ପାରୁଥିଲି । ଛାଟିପିଟି ହେଇ ଏଥର ଗୋଡ଼ହାତ ବାଡ଼େଇବା ଆରମ୍ଭ କଲି । ଏଇ ସମୟରେ ଆଉଜଣେ କିଏ ଆସି ସାମ୍ନାରୁ ମୋ ଗୋଡ଼ ଦୁଇଟାକୁ ଧରିପକେଇଲା । ମୋ ପଛପଟେ ଦଲ୍‌ଜିତ୍‌କୁ ଆଉଜଣେ କିଏ କାବୁ କରି ନେଇଥିବା ମୁଁ ଜାଣିପାରୁଥିଲି । ପାଟି କରିବାକୁ ଆରମ୍ଭ କରିବାମାତ୍ରେ ଗୋଟେ ତୃତୀୟ ଲୋକ ଆସି ତେଲ ଚିକିଟା କନାର ଏକ ବିଣ୍ଡା ମାଡ଼ିଦେଲା ମୋ ମୁହଁରେ । ତା'ପରେ ମୋ ହାତ ଗୋଡ଼କୁ ଖଣ୍ଡେ ବଡ଼ ଦଉଡ଼ି ଆଣି ବାନ୍ଧି ଦିଆହେଲା । ମୁହଁମାଡ଼ି ଭୂଇଁରେ ମୁଁ ସେଇଠି ପଡ଼ିରହିଲି । ସେଇ କୋଠରୀର ଆରପଟ କାଛକୁ ଲାଗି ଦଲ୍‌ଜିତ୍ ପଡ଼ିଥାଏ ଠିକ୍ ମୋରି ପରି ହାତଗୋଡ଼ ବନ୍ଧା ହେଇ । ଆମର ଆଉ କିଛି ଯୁ' ନଥାଏ । ଆମକୁ ଛାଡ଼ିଦେଲେ ସେମାନେ ଅନ୍ୟୁନ ସେଠି ପାଞ୍ଚଜଣ ଖଣ୍ଡେ ଥିଲେ ।

ପାଖକୁ ଆସି ସେଠିକାର ପ୍ରଚଳିତ ହିନ୍ଦୀରେ ଜଣେ କେହି ମୋ ମୁହଁକୁ ଅନିଶାକରି କହିବାର ଶୁଣାଗଲା "ଅଳ୍ପ ବୟସର ସାନ ପିଲାଟେ ।" (ମୁଁ ସେମାନଙ୍କ କଥା ବେଶ୍ ବୁଝିପାରୁଥିଲି ।) ଅନ୍ଧାର ଭିତରେ କାହାକୁ ଦେଖିପାରୁନଥିଲି ମୁହଁ ଉଠେଇ । କିନ୍ତୁ ମୋର ଅନୁମାନ ହେଉଥିଲା ଯେ, ସେ ଲୋକଟାର ଦାଢି ଅଛି । ତା' ଲମ୍ବାଦାଢି ମୁଁ ଅନୁଭବ କରିପାରୁଥିଲି ବେକ ପାଖରେ । ମୁହଁରୁ ତା'ର ତୀବ୍ର ରସୁଣ ଗନ୍ଧ ବାହାରୁଥାଏ ।

ଜଣେ କିଏ ପଛଆଡୁ କହିଲା, "ପିଲା ହଉ କି ବଡ଼ ହଉ କି ସ୍ତ୍ରୀ ଲୋକ ହଉ, ଯିଏ ଆମ ଖାଇବା ଜିନିଷ ଚୋରି କରିବ ସେ ଭଲକରି ପାନେ ପାଇବା ଦରକାର ।

ସେ ଦାଢିଆ ଲୋକଟା କହିଲା, "ଏ ପିଲାଟା ଦେଖିବାକୁ ବେଶ୍ ଗୋରା ।"

"ବିଦେଶୀ ପିଲାଟେ କି ?"

"ନାଇଁ ନାଇଁ ଅଧା ଅଧା ଭଳି ଜଣାପଡୁଛି । ଚାଲ୍, ଦିଇଟାଙ୍କୁ ଅଗଣାକୁ ଟେକିନବା । ସେଇଠି ଭଲକରି ସେମାନଙ୍କୁ ଦେଖିହବ ।"

"ନାଁ ସେକଥା ହବନି । ଆମେମାନେ ଆଲୁଅକୁ ବାହାରିବା ନିରାପଦ ନୁହେଁ । ଯଦି ଗାଁ ଲୋକେ ଆମକୁ ଦେଖିଦେଲେନା, ତେବେ ସଇଲା କଥା । ସାଙ୍ଗେ ସାଙ୍ଗେ ଆମକୁ ଘେରିଯିବେ । ଭବିଷ୍ୟତରେ ଏ ଜାଗାଟିକୁ ପୁଣିଥରେ ବ୍ୟବହାର କରିବାର ସୁଯୋଗ ହାତଛଡ଼ା ହେଇଯିବ ।"

"ତା'ହେଲେ ବତୀଟାକୁ ଜଳେଇ ଦିଅ ।"

ଯୋଉ ଲୋକଟି ଆଗଭର ହେଇ ଲଣ୍ଠନଟାକୁ ଜଳେଇବାକୁ ଗଲା ସେ ସମସ୍ତଙ୍କ ଭିତରେ ବେଶ୍ ଡେଙ୍ଗା । ଆଲୁଅ ଜଳିବାମାତ୍ରେ ତା'ର ଦୀର୍ଘ ଛାଇ ପଡ଼ିଲା ଘରର କାଛ ଉପରେ । ଅସୁର ପରିକା ମଣିଷଟେ । ଛଅଫୁଟ କେତେଇଞ୍ଚ ଖଣ୍ଡେ ହବ । ଛାତିଟା ମୁକୁଳା । ମୁଣ୍ଡର ବାଳଗୁଡ଼ାକ ଛୋଟ ଛୋଟ । ଦେହର ମାଁସପେଶୀ ଲୁହାଭଳି ଜଣାପଡୁଥାଏ ଆଲୁଅରେ । ଦାଢ଼ିଆ ଲୋକଟାର ପଛରେ ଥାଇ ଜଣେ କିଏ ସବୁକାମ ପାଇଁ ହୁକୁମ୍ ଦେଉଥାଏ । ସେଯାଏଁ ଦେଖି ପାରିନଥାଏ ମୁଁ ତାକୁ ।

ସେ କହିଲା, "ଟୋକାଟାକୁ ଓଲଟେଇ ଦିଅ । ତା'ହେଲେ ଭଲକରି ତା'କୁ ଦେଖିହବ ।"

ଅସୁରିଆ ଲୋକଟା କାଠଗଡ଼ପରି ଗଡ଼େଇ ମତେ ଓଲଟେଇ ଦେଲା । ଏବେ ମୁହଁ ସାମ୍ନାରେ ମୁଁ କଳା ପଡ଼ିଯାଇଥିବା ଛାତକୁ ଅସହାୟ ଭାବରେ ଦେଖିପାରୁଥିଲି । ମାତ୍ର କେତେ ସେକେଣ୍ଡ ଭିତରେ ତିନିଟା ମୁହଁ ଆସି ମତେ ଢେଗା ଢେଗା ଆଖି କରି ଚାହିଁଲେ । ସେମାନଙ୍କ ଦୟାରେ, ମୁଁ ଅନ୍ଧାରିଆ ଘରେ, ହାତଗୋଡ଼ ବନ୍ଧାହେଇ, ମୁହଁରେ କନାବିଣ୍ଡା ଦେଇ ପଡ଼ିପଡ଼ି ଥରୁଥାଏ ବିକଳରେ । ସେଗୁଡ଼ାକ ସମସ୍ତେ ଡାକୁ, ଖୁଣୀ ଆସାମୀ । ଏଇ ଜାଗାଟିକୁ ବୋଧେ ଲୁଚିଛପି ରହିବାପାଇଁ କାମରେ ଲଗଉଛନ୍ତି ସେମାନେ ।

ଦାଢ଼ିଆ ଲୋକଟାର ଗାଲର ହାଡ଼ଗୁଡାକ ବଡ଼ ବଡ଼ । ଆଖି ତେରଛା । ଅସୁରିଆ ମଣିଷଟାର ମୁହଁଟା ଏତେ ରୁକ୍ଷ ନୁହେଁ । ଅବଶ୍ୟ ତା'ର ନାକଟା ମୋଟା ଆଉ ଓସାରିଆ, ଓଠ ଦୁଇଟା ମୋଟା ମୋଟା । କିନ୍ତୁ ତୃତୀୟ ଲୋକଟା ହିଁ ମତେ ମନେ ହଉଥିଲା ସବୁଠାରୁ ବେଶି ଭୟଙ୍କର । ସେ ଦେଖିବାକୁ ବଡ଼ ନଥିଲା କି ଅସୁନ୍ଦର ନଥିଲା । ଗେଡ଼ା ମଣିଷଟା । ମତେ ଚାହିଁ ମୁଚୁମୁଚୁ ହସୁଥାଏ ସେ । କିନ୍ତୁ ସେ ହସରେ କ'ଣ ଥିଲା କେଜାଣି, ତାକୁ ଦେଖିବା ମାତ୍ରେ ମୋ ଦେହ ଶୀତେଇ ଉଠିଲା ।

ଧୀରଗଳାରେ ସେ କହିଲା, "ଆମ ମାଁସ ତୁ ଏମିତି ଖାଇବାଟା ଭଲ ହେଲାନି । 'ବାମ୍ବିରି' କୁକୁଡ଼ାଟାକୁ କେତେ କଷ୍ଟକରି ଚୋରି କରି ଆଣିଲା, ଆଉ ତୁ' ଖାଇଦବାକୁ ବସିଥିଲୁ ସବୁ ।"

"ହଁ, ପୁଣି ରାତି ଅଧରେ," କହିଲା ଅସୁରିଆ ଲୋକଟା । ତାରି ନାଆଁ ହେଉଛି "ବାମ୍ବିରି" । ବାମ୍ବିରି ଅର୍ଥ ହଉଚି ଘୂରୁଥିବା ନଟୁ । ବାମ୍ବିରି କହିଲା, "ତିନି ତିନିଟା କୁକୁର, ଗାଆଁଟା ଯାକର ଲୋକ ଗୋଡ଼େଇଥିଲେ ମୋ ପଛରେ । ମାତ୍ର ତାଙ୍କୁ ଗୋଡ଼ମାରି ମୁଁ ଖସି



ପକେଇ ଆସିଲି ।" ଏତିକି କହି, ସେ ହସିବାକୁ ଲାଗିଲା ଫେଁ ଫେଁ ହୋଇ ।

"ଏ କଥାକୁ ନେଇ ହସାହସି କରିବା ବେଳ ଏଇଟା ନୁହେଁ", ଦାଢିଆ ଲୋକଟା ଗମ୍ଭୀର ହୋଇ କହିଲା । "କୁକୁଡ଼ାଟା ବଡ଼କଥା ନୁହେଁ । ଆମେ ଜାଣିବା ଦରକାର ସେ ଦୁହେଁ ଏଠିକୁ ଆସିଲେ କାହିଁକି ? କ'ଣ ଜାଣିଛନ୍ତି ସେମାନେ ଆମ ବିଷୟରେ ।"

ଗେଡ଼ା ଭୟଙ୍କର ଲୋକଟା ମତେ ଆଙ୍ଗୁଠି ଦେଖେଇ କହିଲା, "ଏଇ ଟୋକାକୁ ତେବେ ପଚାର ।" ନଇଁପଡ଼ି ଏଡ଼େ ଏଡ଼େ ଆଖିରେ ଚାହିଁ ସେ ମୋ ମୁହଁରୁ କନାବିଣ୍ଡାଟାକୁ ବାହାର କରିଦେଲା । ମୁହଁରୁ ବିଣ୍ଡା ବାହାରିବା ମାତ୍ରେ ତଳଦାନ୍ତର ମାଢ଼ି ପାଖରେ ମୁଁ କ'ଣ ଗୋଟାଏ ଥଣ୍ଡା ଟାଣ ଜିନିଷ ଅନୁଭବ କଲି । ଦାନ୍ତଡାକ୍ତର ପାଟି ମେଲେଇ ଷ୍ଟିଲ୍ ରଡ୍ ପୂରେଇ ଦେଖିବାପରି ସେ ଗୋଟାଏ ଛୁରି ଧରିଥାଏ ମୋ ଦାନ୍ତ ପାଖରେ ।

"ଆମେ ନ ପଚାରିବାଯାଏଁ ତୁ ପାଟି ଫିଟେଇବୁନି କି କିଛି କହିବୁନି, ବୁଝିଲୁ ।" ଧମକେଇଲା ସେ । ତା'ପରେ ଛୁରିଟାକୁ ବାହାର କରି ସେ ହଟିଗଲା ଟିକେ ପଛକୁ । ତା'ପରେ କହିଲା, "ସିଏ ଟିକେ ବସିପଡୁ । ହଁ ବର୍ତ୍ତମାନ ମୋ କଥା ବୁଝିଗଲୁ ତ ?"

ମୁଁ ମୁଣ୍ଡ ହଲେଇଲି । ବାମ୍ବିରି ଏଥର ଉଠି ଆସି, ଅନାୟାସରେ ଟେକିନେଇ ମତେ କାନ୍ଥ ପାଖରେ ଠିଆ କରିଦେଲା ।

ମୁଁ କହିଲି, "ମୋ ହାତକୁ କଷ୍ଟ ହେଉଛି ।"

ହାତରୁ ଦଉଡ଼ିଟାକୁ ଫିଟେଇବା ପାଇଁ ଆଗେଇ ଆସୁଥିଲା ବାମ୍ବିରି । କିନ୍ତୁ ଦଳର ନେତା ସାଜିଥିବା ଗେଡ଼ାଲୋକଟା କହିଲା, "ବୋକାଟେ ନା କ'ଣ ? ତା' ହାତ ମୋଟେ ଫିଟାନା ।" ସେତିକିରେ ଫେରିଗଲା ଅସୁରିଆ ଲୋକଟା ।

"ଏବେ କହ, ତୁମେ ଦୁଇଜଣ ଆସି ଏଠି କ'ଣ କରୁଥିଲ ।"

ମୁଁ କହିଲି, "ଆମେ ବିଶ୍ରାମ ନବାପାଇଁ ଏଠି ଟିକେ ଜାଗା ଖୋଜୁଥିଲୁ ।"

"ବାମ୍ବିରି, ମୋଡ୍ ସେ ଟୋକାର ହାତକୁ ।"

ମୋ ହାତଟାକୁ ପୂରା ମୋଡ଼ିବା, ବାମ୍ବିରିର ଉଦ୍ଦେଶ୍ୟ ନଥିଲା । କିନ୍ତୁ ସେଇ ଟିକକ ମୋଡ଼ାରେ ମୁଁ ବିକଳରେ କାନ୍ଦି ପକେଇଲି । କୁସ୍ତି କସରତ କରି ବାମ୍ବିରି ବେଶ୍ ତାଗଡ଼ା ଦେଖାଯାଉଥିଲା ।

ଗେଡ଼ା ଲୋକଟା ଗର୍ଜି ଉଠି କହିଲା, "ମିଛ କହନା କହି ଦଉଛି । ନହେଲେ ତା' ଫଳ ପାଇବୁ । ମୁଁ ଜାଣେ ତୁମେ ଦୁଇଜଣ ଆମ ବିଷୟରେ ଗୋଇନ୍ଦାଗିରି କରୁଥିଲ ।"

ମୁଁ କାନ୍ଦି କାନ୍ଦି ଉତ୍ତର ଦେଲି, "ନାଁ, ଆମେ ତମ ବିଷୟରେ କିଛି ଜାଣିନୁ । ଗତ ରାତିରେ ହିଁ ଆମେ ଜୟପୁରକୁ ଆସିଛୁ ।"

"ସେମାନେ ଗୋଇନ୍ଦା ପରି ଦିଶୁ ନାହାନ୍ତି । ବାଳୁତ ପିଲା ଦିଇଟା ।" ଟିପ୍ପଣୀ କଲା ଦାଢିଆ ଲୋକଟି ।

ମୁଁ ପୁଣି କହିଲି, "ଆମେ ସମୁଦ୍ରକୂଳ ଆଡ଼କୁ ଯିବାକୁ ଆସିଛୁ । ହାତରେ ଆମର ବେଶି କିଛି ପଇସା ବି ନାହିଁ ।"

ସେଇଠୁ ବାମ୍ପିରି ଚଢ଼ାଗଳାରେ ପଚାରିଲା, "ତେବେ ତୁ କ'ଣ ଆମ ମାଂସ ଚୋରେଇ ଖାଇବାକୁ ଆସିଥିଲୁ ?" ଆମେ ପୋଲିସ୍ କି ଗୋଇନ୍ଦା ତା'ର ଜାଣିବା ଦରକାର ନାହିଁ । ଖାଇବାଟା ତାର ମୂଳ ଚିନ୍ତା ।

"ତା'ହେଲେ ଦେଖିବା କେତେ ପଇସା ଅଛି ସେମାନଙ୍କ ପାଖରେ ।" ଏତକ କହି ଗେଡ଼ା ଲୋକଟା ଆସି ଦରାଣ୍ଡିଲା ମୋ ପକେଟ୍ । ଯାହାକିଛି ଟଙ୍କା ଓ ଖୁଚୁରା ପଇସା ଥିଲା ସେତକ ସେ ବାହାର କରି ଆଣିଲା । ତା'ପରେ ସେ ଚାଲିଲା ଦଲ୍‌ଜିତ୍ ପାଖକୁ । ସେ ବିଚରା ସେଇଭଳି ହାତଗୋଡ଼ ବନ୍ଧା ଅବସ୍ଥାରେ ପଡ଼ିଥାଏ ମୁହଁରେ ବିଣ୍ଡା ଦେଇ । ଦଲ୍‌ଜିତ୍ ପକେଟ୍‌ରୁ ପର୍ସଟାକୁ କାଢ଼ିନେଇ ଗଣିଲା ସେ । ମନକୁ ମନ ପାଟିକରି କହିଲା, "ତିରିଶ କି ଚାଳିଶ ଖଣ୍ଡେ ଅଛି ।" ତା'ପରେ ସେ ସବୁଯାକ ପୂରେଇ ଦେଲା ନିଜ ପକେଟରେ ।

ବାମ୍ପିରି ପଚାରିଲା, "ଏବେ ସେମାନଙ୍କୁ ଫିଟେଇ ଦେବି ?"

"ବୋକାଟେ ନା କ'ଣ ବେ ! ଧରାପକେଇବୁ କି ସମସ୍ତଙ୍କୁ ? ଆଗେ ଖିଆପିଆ ସାରିଦିଅ, ତା'ପରେ ଆମେ ସମସ୍ତେ ବାହାରିଯିବା ଏଠୁ ।"

ଆମେ ସେଇଠି ସେଇଭଳି ବାନ୍ଧିହୋଇ ପଡ଼ିରହିଲୁ ପନ୍ଦର ମିନିଟ୍ କାଳ । ସେଇ ଭିତରେ ଡକାୟତମାନେ ସେମାନଙ୍କର ଖିଆପିଆ କାମ ସାରିଦେଲେ । ଟିକିଏ ବି କିଛି ରନ୍ଧା ଜିନିଷ ସେମାନେ ଛାଡ଼ିଲେନି । ଆଙ୍ଗୁଠି ଚାଟିଚୁଟି ଖାଇସାରି ଏଉଡ଼ି ମାରିଲେ । ବାମ୍ପିରି ସବୁଠାରୁ ଜୋର୍‌ରେ ଏଉଡ଼ି ମାରିଲା । ପେଟ ଭିତରୁ ଶବ୍ଦଟା ବାହାରି ସାରା ଘରଟା ଖେଳିଗଲା ଲହରେଇ ଲହରେଇ । ଗେଡ଼ା ଲୋକଟା ଥିରିକିନା ଏଉଡ଼ି ମାରିଲା । ତା' ପ୍ରକୃତି ଯେମିତି ଛୋଟ, ଠିକ୍ ସେଇମିତି ।

ସେ କହିଲା, "ଆମେ ଏ ଦିଇଟାଙ୍କୁ ଏଇଠି ସେଇଭଳି ଛାଡ଼ିଯିବା । ବିଶ୍ରାମ ନିଅନ୍ତୁ ଯେତେଇଚ୍ଛା ସେତେ । ଦିନେ ଦୁଇଦିନ ପର୍ଯ୍ୟନ୍ତ କେହି ଆସି ତାଙ୍କୁ ଉଦ୍ଧାର କରିବାର ସମ୍ଭାବନା ନାହିଁ । ବାମ୍ପିରି, ସେ ଗୋରାପିଲାଟାର ମୁହଁରେ ପୁଣିଥରେ ବିଣ୍ଡା ମାଡ଼ିଦେ ।"

ଅସୁରିଆ ବାମ୍ପିରି ଲଣ୍ଠନଟାକୁ ଲିଭେଇ ମୋ ଉପରକୁ ନଇଁ ପଡ଼ିଲା । ଅନ୍ଧାର ହେଇଥିଲେ ବି ତା' ଆଖିରେ ମୁଁ ସମବେଦନାର ଝଲକ ଦେଖିବାକୁ ପାଇଥିଲି । ତରତର ହେଇ ମୋ ମୁହଁରେ ହାଲୁକା କରି ଖଣ୍ଡେ ମଇଳାକନା ମାଡ଼ିଦେଲା ସେ । ତା'ପରେ ସେଇ ଅନ୍ଧାର ଭିତରେ ପଛପଟେ ହାତ ଗଳେଇ ମୋ ଦୁଇହାତର ଗଣ୍ଠିକୁ ଢ଼ୁଗୁଳା କରି ବାନ୍ଧିଦେଲା ।

"ଠିକ୍ ଅଛି । ଏଥର ଚାଲ ସମସ୍ତେ ।" ହୁକୁମ୍ ଦେଲା ଦଳର ନେତା । ଏତକ କହି ସେ ଚାଲିଲା ଆଗେ ଆଗେ । ତା' ପଛେ ପଛେ ସମସ୍ତେ ବାହାରିଗଲେ ସେ ଘରୁ । ସବା ପଛରେ ଥାଏ ବାମ୍ପିରି । କିନ୍ତୁ ଗଲାବେଳେ ସେ ଆମ ଆଡ଼କୁ ଚାହିଁଲାନି ମୋଟେ । ମୋ ଛାତି ପଡୁଥାଏ ଉଠୁଥାଏ । ସେମାନଙ୍କର ପାଦଶବ୍ଦ ପୂରା ଅପସରି ଯିବାଯାଏଁ ଅପେକ୍ଷା କରିଥାଏ ମୁଁ । ତା'ପରେ ବାମ୍ପିରି ଢ଼ୁଗୁଳେଇ ଦେଇଥିବା ଦଉଡ଼ିରୁ ଦୁଇ ହାତ ମୁକ୍ତକରି ମୁଁ ପାଟିରୁ କନାବିଣ୍ଡାଟାକୁ ବାହାରକରି ଆଣିଲି । ଏଥର ଗୋଡରୁ ବନ୍ଧନ ଖୋଲି ଗୁରୁଣ୍ଡି ଗୁରୁଣ୍ଡି ଚାଲିଗଲି ଦଲ୍‌ଜିତ୍ ପାଖକୁ । ତା'ପାଟିରୁ କନାବିଣ୍ଡା ବାହାରକରି ହାତର ଦଉଡ଼ିଟା

ଫିଟେଇଦେଲି ।

ପାଟିରୁ କନା ବାହାର କରି ଆଣିବା ମାତ୍ରେ ସେ ମତେ ପଚାରିଲା, "ତୋ' ହାତର ଗଣ୍ଠି ତୁ ଫିଟେଇଲୁ କିମିତି ?"

ମୁଁ କହିଲି ''ଏତେ ପାଟିରେ କଥା କହନା । ସେମାନେ ପୁଣି ଫେରି ପାରନ୍ତି । ଏ ବାସନକୁସନଗୁଡ଼ାକ ସେମାନଙ୍କର କି ଆଉ କାହାର କେଜାଣି । ତଥାପି ଥୁଆହୋଇଛି ଦେଖୁନୁ ?"

"ହେଲେ ତୁ' ନିଜେ ହାତର ଗଣ୍ଠି ଫିଟେଇଲୁ କେମିତି, ରଞ୍ଜି ?"

"ସେ ଅସୁରିଆ ଲୋକଟା ସମସ୍ତଙ୍କ ଅଜାଣତରେ ମୋ ହାତର ଗଣ୍ଠି ଢ଼ିଗୁଲା କରିଦେଇଥିଲା । ମୁଁ ଭାବୁଚି, ଆମଲାଗି ସେ ବଡ଼ ଦୁଃଖିତ ବି ଜଣା ପଡୁଥିଲା ।"

ଦଲ୍‌ଜିତ୍ ଉତ୍ସାହିତ ହୋଇ କହିଲା, "ଭଗବାନ ତା'ର ମଙ୍ଗଳ କରନ୍ତୁ । ସେ ସାହାଯ୍ୟ କରିନଥିଲେ ଆମେ ଦୁହେଁ ଏଇଠି ନଖାଇ ନପିଇ ପଡ଼ିପଡ଼ି ଏମିତି ଶୁଖି ଶୁଖି ମରିଥାଆନ୍ତେ ।"

ହାତଗୋଡ଼ ଖୋଲିଗଲା ପରେ ଦଲଜିତ୍ ଭିଡ଼ିମୋଡ଼ି ହେଇ ଅଳସ ଭାଙ୍ଗିଲା । ତା'ପରେ ଠୁଙ୍କା ହେଇ ବସିପଡ଼ି ମୋ ମୁହଁକୁ ଚାହିଁଲା ଜଳଜଳ କରି । ପଚାରିଲା, "ରଞ୍ଜି ! ଏବେ ଆମେ କ'ଣ କରିବା ? ସେମାନେ ତ ଆମର ସବୁଯାକ ପଇସା ନେଇଗଲେ । ନା ଏବେ ଆମେ ଆଗକୁ ଯାଇପାରିବା ନା ପଛକୁ । ଶେଷକୁ ପୋଲିସ୍ ଫାଣ୍ଡିରେ ଯାଇ ଆତ୍ମସମର୍ପଣ କରିବାକୁ ପଡ଼ିବ ନିଶ୍ଚେ ।"

"ସେମାନେ ଆମର ବ୍ୟାଗ୍‌ଆଦି ମଧ୍ୟ ନେଇ ପଳେଇଛନ୍ତି । ଡକାଏତଗୁଡ଼ାକ ସବୁ ଜିନିଷ ରୁଣ୍ଡେଇ ପୁଣ୍ଡେଇ ନନେଇ ଆଉ କ'ଣ ଛାଡ଼ନ୍ତେ ? ଭାଗ୍ୟ ଭଲ, ଆମକୁ ହତ୍ୟା ନକରି ଛାଡ଼ିଦେଇଛନ୍ତି ଯୋଗକୁ ।"

"ଆମ ଭଳିଆ ଏମିତି କେତେ କେତେ ଲୋକଙ୍କୁ କାବୁ କରିଥିବେ ସେମାନେ । ସେଇ ଯୋଉ ଗେଡ଼ା ମଣିଷଟା···· ।" ଏତିକି କହି ଚୁପ୍ ହେଇଗଲା ଦଲ୍‌ଜିତ୍ । ଏକ ନୃଶଂସ ସମ୍ଭାବନା କଥା ଭାବି ସ୍ତବ୍ଧ ହୋଇଗଲା ସେ । ମାତ୍ର ପରମୁହୂର୍ତ୍ତରେ ପକେଟ୍‌ରେ ହାତ ପୂରୋଉ ପୂରୋଉ ତା' ମୁହଁ ଉଜ୍ଜଳି ଉଠିଲା ଖୁସିରେ । ସେ କହି ପକେଇଲା, "ଆରେ ରଞ୍ଜି, ଆମେ ସେଗୁଡ଼ାଙ୍କୁ ଯେତେ ଚାଲାକ ବୋଲି ଭାବୁଥିଲେ ପ୍ରକୃତରେ ସେଗୁଡ଼ା ସେତେ ଚାଲାକ ନୁହନ୍ତି । ଏଇ ଦେଖ୍ ମୋ ହାତ ଘଡ଼ିଟାକୁ ସେମାନେ ଛାଡ଼ି ଯାଇଚନ୍ତି । ଆରେ ହଁ, ମୋର ଗୋଟେ ପକେଟ୍‌ରେ କିଛି ଖୁଚୁରା ପଇସା ବି ରହିଯାଇଛି ।"

ଏତେବେଳକେ ମୁଁ କହିଲି, "ଯାହାହେଉ କିଛି ରହିଯାଇଛି ତା'ହେଲେ । ଭୋକ ଦାଉରୁ ଏଇଲେ ରକ୍ଷା ପାଇଯିବ ମଣିଷ । ଘଡ଼ିଟାକୁ ଯେତେବେଳେ ହେଲେ ବି ବିକାଯାଇ ପାରିବ । କିନ୍ତୁ, କୌଣସି ଉପାୟରେ ଘଡ଼ି ନ ବିକି ଆମେ ଯଦି "ଜାମ୍‌ନଗର" ପହଞ୍ଚି ପାରନ୍ତେ, ତେବେ ସେଇଟା ଜରୁରୀ ସମୟରେ ଆମର ଖୁବ୍ ଦରକାରରେ ଆସନ୍ତା ।"

"ଆରେ କ'ଣ କହୁଚୁ ? ଏଇଟା କ'ଣ ଜରୁରୀ ସମୟ ନୁହଁ ।"

"ହଁ··· ସେ ତଥାପି ।"

“ତୁ’ କ’ଣ ଭାବୁଚୁ ଆମେ ପୁଣି ଆଗକୁ ଯାଇପାରିବା ? ତା’ମାନେ ତୁ ଆଶା ଛାଡ଼ିନୁ ତଥାପି ।”

“ତୁ କ’ଣ କହୁଚୁ ?”

“ତୁ’ ଭାବୁଚୁ ତୋ ପୂର୍ବରୁ ମୁଁ ଆଶା ଛାଡ଼ିଦେବି ? କେବେ ନୁହେଁ । ଛାଡ୍ ସେ କଥା ରକ୍ଷି । ଚାଲ୍ ଏଠୁ ପଳେଇଯିବା ଆଗେ । ଆସନ୍ତାକାଲି ଶନିବାର । ଆମକୁ ଯେମିତି ହେଲେ ଜାହାଜ ନିକଟରେ ପହଞ୍ଚିବାକୁ ପଡ଼ିବ ।”

ଏଥର ଲୁଗା ଚୋରି

ଦଲ୍‌ଜିତ୍ ଆଉ ମୁଁ ଗୋଟେ ମାଲ୍‌ଗାଡ଼ି ଡବାର ଚଟାଣରେ ଗୋଡ଼ହାତ ଲମ୍ବେଇ ପଡ଼ିଥାଉ । ଉପରଟା ଖୋଲା । ସାରା ଆକାଶ ଦେଖାଯାଉଥାଏ । ମରୁଭୂମି ଭିତର ଦେଇ ଧୀରେ ଧୀରେ ଚାଲିଥାଏ ରେଳଗାଡ଼ିଟି । ଝାଞ୍ଜି ପବନଯୋଗୁଁ ତାତିଲାବାଲି ଉଡ଼ିଆସି ପଡୁଥାଏ ଆମ ଉପରେ । ରଗଡ଼ବାଲି କଣିକାମାନ ମୁଣ୍ଡ, ଆଖି, ପାଟି ସବୁଠି ବାଜୁଥାଏ । ମୁହଁ ଯେତେ ଆଢୁଆଳ କଲେ ବି ନିସ୍ତାର ମିଳୁନଥାଏ ସେଥିରୁ । ଦଲଜିତ୍ ମୁହଁ ଭଳି ମୋ ମୁହଁ ମଧ୍ୟ ଧୂଳିକଣା ପଡ଼ିପଡ଼ି ଧୂସର ଦେଖାଯାଉଥିଲା । ପ୍ରବଳ ସୂର୍ଯ୍ୟକିରଣ ପଡୁଥାଏ ଉପରୁ । ମାଲଡବାର ଗୋଟିଏ କ'ଣରେ ଟିକିଏ ମାତ୍ର ଛାଇ, ନହେଲେ ଆଉ ସବୁଆଡ଼େ ମୁଣ୍ଡଫଟା ଖରା । ଯାହାକିଛି ଖୁଚୁରା ପଇସା ରହିଯାଇଥିଲା, ଆମେ ସେଥିରେ ପାଚିଲା କଦଳୀ କିଣି ପକେଇଥିଲୁ । ଏଇ ଅବସରରେ ସେଥିରୁ କିଛି କିଛି ଉଭୟେ ଉଦରସ୍ଥ କରୁଥାଉ ଥରକୁ ଥର ।

ମୁଁ କହିଲି, "ସକାଳେ ଆମକୁ ଉପବାସ ରହିବାପାଇଁ ପଡ଼ିବ ବୋଧେ । ତେଣୁ ଏତିକିବେଳୁ କିଛି କଦଳୀ ସାଇତି ରଖିବା ଉଚିତ୍ ।"

ଦଲ୍‌ଜିତ୍ ଚିଡ଼ି ଉଠି କହିଲା, "ସକାଳ ତ ଆସନ୍ତାକାଲି ଆସିବ । ବର୍ତ୍ତମାନ ମତେ ଭୀଷଣ ଭୋକ । ତା'ଛଡ଼ା ସକାଳେ ଆମେ 'ଜାମ୍‌ନଗର'ରେ ପହଞ୍ଚି ଯାଇଥିବା । ଆଉ ଡର କ'ଣ ?"

"ଯଦି ଜାହାଜଟା ପଳେଇ ଯାଇଥିବ, ତେବେ ?"

"ନାଇଁ ମ, ଜାହାଜ ଯାଇନଥିବ ।"

"ତୁ' କେମିତି ଜାଣିଲୁ ?" ମୁଁ ପଚାରିଲି ।

"ମୁଁ ଜାଣିନି । ମାତ୍ର ସେ ବିଷୟରେ ମୁଁ ଆଶାବାଦୀ ।"

"କକାଙ୍କର ଜାହାଜ ଯେ କୌଣସିଦିନ ଛାଡ଼ିଦବା କଥା । ମତେ ଲାଗୁଚି ପଳେଇଯିବଣି ଏ ଭିତରେ । ଦଲ୍‌ଜିତ୍, ପଇସାପତ୍ର ବିନା ଆମେ ପଡ଼ିରହିବା ଜାମ୍‌ନଗରରେ । ସେତେବେଳେ କ'ଣ କରିବା କହିଲୁ ?"

"ତୁ' ଚିନ୍ତା କରନା ରଞ୍ଜି । ମୋତେ ଭୟ କରନା । ଯଦି ବେଶି କିଛି ଅସୁବିଧା ହବ,

ତେବେ ଘଡ଼ିଟାକୁ ବିକି ସେଇ ପଇସାରେ ଆମେ ବାଟଖର୍ଚ୍ଚ କରି ସ୍କୁଲକୁ ଫେରିଯିବା । ସ୍କୁଲରୁ ସେମାନେ ଆମକୁ ତଡ଼ିଦେବେ ତ, ତଡ଼ନ୍ତୁ । ମାତ୍ର ମୁଁ ଜାଣେ, ସ୍କୁଲରୁ ଆମକୁ କେବେ ତଡ଼ା ହବନି । କାରଣ ସେମିତି କଲେ, ମୋ ବାପାଙ୍କଠାରୁ ଯୋଉ ପଇସା ସେମାନେ ପାଉଛନ୍ତି, ସେତକ ହରେଇବେ ଅକାରଣରେ । ହଁ, ତୁ ଯଦି ଚାହିଁବୁ ଆମେ ପୁଣିଥରେ ସ୍କୁଲରୁ ଡିଆଁମାରି ପଳେଇ ଆସିବା ।"

ମୁଁ କହିଲି, "ଭାଗ୍ୟକୁ ଜାହାଜଟା ବନ୍ଦରରେ ଥାଆନ୍ତା କି ହେଲେ ।"

"ମୁଁ କହୁଚି ଅଲବତ୍ ଥିବ । ଆସନ୍ତାକାଲି ସେଥିରେ ବସି ଆମେ ଚାଲିବା । ସେଠୁ ମୋମ୍ବାସାରେ ପହଞ୍ଚି ଆମେ ଉଭୟେ ଏକାଠି ରହିବା ଗୁଡ଼ାଏ ଦିନ ।" କହିଲା ଦଲ୍‌ଜିତ୍ ।

"କେଜାଣି ? ନାଇଁ ବୋଧେ । ମତେ କକାଙ୍କ ସହ ଘୂରାଘୂରିରେ ବ୍ୟସ୍ତ ରହିବାକୁ ପଡ଼ିପାରେ ।" ମୁଁ ଉତ୍ତର ଦେଲି ।

"ବଢ଼ିଆ ମଜା ହବ । ଆଉ ସ୍କୁଲ୍ ନା ଫୁଲ୍ । ମୁଁ ତୋ ସାଙ୍ଗରେ ଯାଇ ବୁଲିବି । ମୁଁ ଭାବୁଚି ରଞ୍ଜି, ବ୍ୟବସାୟ କାମଟା ମଧ୍ୟ ସେତେ ମଜାଦାର ନୁହେଁ ।"

ମୁଁ ତା' କାନ୍ଧ ଥାପୁଡ଼େଇ କହିଲି, "ଆମେ ସାଙ୍ଗହେଇ ସାରା ଦୁନିଆଁ ଦେଖିବା । କି ସ୍ୱପ୍ନ ଆମର ସତେ !"

"ଯାହାହଉ ଆମେ ଆମର ଯାତ୍ରାପଥରେ ମାଡ଼ିଚାଲିଛେ, ପଛକୁ ନଚାହିଁ । ମୋ ଜେଜେବାପା (ସେ ପଞ୍ଜାବ ତିଆରି ବସ୍ତ୍ର ସାରା ପୃଥିବୀ ବୁଲି ବୁଲି ବିକ୍ରୀ କରୁଥିଲେ) କହନ୍ତି, "ବିଭିନ୍ନ ସ୍ଥାନ ବୁଲି ଦେଖିଲେ ସବୁଠାରୁ ବଡ଼ ଉପକାର ହେଉଛି ଯେ, ତୁମେ ଜାଗା ଜାଗା ଭିତରେ ଥିବା କଥାମାନ ନିଜେ ବୁଝିପାରିବ ।"

ମୁଁ କହିଲି, "ତା'ଭିତରେ ସେ ଲୁଗାବ୍ୟବସାୟ କରୁଥିଲେ । ଆମଭଳି ଏମିତି କେବଳ ସ୍ୱପ୍ନ ଦେଖୁନଥିଲେ ସେ ।"

"ରଞ୍ଜି, ତୁ' ପଛଘୁଞ୍ଚା ଦଉଛୁ କି ?"

"ନା ମୋଟେ ନୁହେଁ ।"

ସେଦିନ ରାତ୍ରିର ଯାତ୍ରା ବେଶ୍ କଷ୍ଟକର ଥିଲା । ରେଳଗାଡ଼ିଟା ଅସମ୍ଭବ ଧୀରମନ୍ଥର ଗତିରେ ଚାଲୁଥିଲା ଏବଂ ବାରମ୍ବାର ଅଟକୁଥିଲା ଠାଆକୁ ଠାଆ । ଗୋଟେ ଷ୍ଟେସନ୍‌ରେ ଗୋଖାଦ୍ୟ ଭର୍ତ୍ତିହେଇଥିବା ଗୁଡ଼ାଏ ବସ୍ତା ଲଦାହେଲା ସେଇ ମାଲଡବାଟାରେ । ଆମେ ଉଭୟେ ଶୋଇପଡ଼ିଥିଲୁ ସେତିକିବେଳେ । ଆଉଟିକିଏ ହେଇଥିଲେ ବସ୍ତାମାନଙ୍କର ଲଦନ ଭିତରେ ସମାଧି ପାଇ ଯାଇଥାଆନ୍ତୁ । କିନ୍ତୁ ପରେ, ଆମେ ଉଠିଯାଇ ବସ୍ତାଗୁଡ଼ିକ ଉପରେ ଗୋଡ଼ହାତ ଲମ୍ବେଇ ବସିଲୁ । ବେଶ୍ ଆରାମ ଲାଗୁଥିଲା ଅଖାଗୁଡ଼ାକରେ ଆଉଜି ବସିବାକୁ । ସକାଳର ପ୍ରଥମ କିରଣ ପଡିବା ପର୍ଯ୍ୟନ୍ତ ଆମେ ଆନନ୍ଦରେ ଶୋଇଗଲୁ ବସ୍ତାଗଦା ଉପରେ ।

ଫରଚା ହେବା ସଙ୍ଗେସଙ୍ଗେ ଆମେ ଜାଣିଗଲୁ ଯେ, ଲକ୍ଷ୍ୟ ଆଉ ବେଶିଦୂର ନୁହେଁ । ବାହାରର ପରିବେଶ ଜଣାପଡୁଥାଏ ସମ୍ପୂର୍ଣ୍ଣ ଅଲଗା । ରାତିକ ଭିତରେ ମରୁଭୂମି ଡେଇଁ ଆମେ ସମୁଦ୍ରକୂଳ ଇଲାକାରେ ପହଞ୍ଚିଯାଇଥିଲୁ ଆସି ।

ତେଙ୍ଗା ତେଙ୍ଗା ତାଳ, ନଡ଼ିଆ ଗଛମାନ ଦୋଳି ଖେଳୁଥାନ୍ତି ପବନରେ । ଜୀବନରେ ପ୍ରଥମଥର ପାଇଁ ସମୁଦ୍ର ଦେଖିଲି ।

ସମୁଦ୍ରକୁ ଯେମିତି ଭାବୁଥିଲି, ଅବିକଳ ଠିକ୍ ସେମିତି । ଏକା ଏକା, ଦିଗନ୍ତ ବିସ୍ତାରୀ, ନୀଳ ନୀଳ । ଆକାଶ ପରି ନୀଳ । ସମୁଦ୍ରରେ ବି ଜାହାଜଟିଏ ଭାସୁଥିବାର ଏଇ ପ୍ରଥମକରି ମୁଁ ଦେଖିଲି । ସେଇଟା ଗୋଟେ ଆରବୀ ଡଙ୍ଗା । କୂଳରୁ ଭିତରକୁ ଭାସିଯାଉଥିବା ଧୀର ପବନରେ ସେ ଭାସୁଥାଏ ସମୁଦ୍ରର ଛାତି ଉପରେ । ବାଃ, କି ମଜା !

ରେଳଗାଡ଼ି ଯାଇ ଗୋଟିଏ ଛୋଟିଆ ପୋଲପାଖରେ ଅଟକି ଗଲା । ପୋଲତଳେ କୁଳୁକୁଳୁ ହୋଇ ଧାଇଁଥାଏ ଛୋଟ ଝରଣାଟିଏ, ସମତଳ ଭୂଇଁ ଉପରେ ସମୁଦ୍ର ଆଡ଼କୁ ।

ଆମେ ଉଭୟେ ସେଇଠି ଓହ୍ଲେଇ ପଡ଼ିଲୁ । ରେଳଗାଡ଼ିରେ ବସି ଆସିବାପାଇଁ ସୁଯୋଗ ଦେଇଥିବା ସହ—ଚାଳକଙ୍କୁ ହାତ ହଲେଇ କୃତଜ୍ଞତା ମଧ୍ୟ ଜଣେଇଲୁ । ତା'ପରେ କୂଳେ କୂଳେ ଖସି ଆସି ରେଳଗାଡ଼ି ଚାଲିଯିବାଯାଏଁ ପୋଲତଳେ ଅଟକି ରହିଲୁ । ଆମେ ଚାହୁଁନଥିଲୁ ଗାର୍ଡ ସାହେବଙ୍କ ନଜର ଆମ ଉପରେ ପଡୁ । ତା'ଛଡ଼ା ଗାର୍ଡବାବୁ ଜଣକ ସହ—ଚାଳକଙ୍କ ଭଳି ଉଦାର ଜଣା ପଡୁନଥିଲେ ମୋତେ ।

ରେଳଗାଡ଼ି ଚାଲିଗଲାପରେ ସବୁଆଡ଼ ଯେତେବେଳେ ଶୁନ୍‌ଶାନ୍ ଜଣାପଡ଼ିଲା, ଆମେ ଦେହରୁ ଧୂଳିଝାଡ଼ି ପୋଲତଳୁ ବାହାରି ପଡ଼ିଲୁ । ତା'ପରେ ଝରଣା ଭିତରେ ପଶି ପାରିହେବାକୁ ଚେଷ୍ଟା କଲୁ । ପାଣିରେ ମାଡ଼ିଥିବା କଇଁନାଡ଼ ଛନ୍ଦି ପକାଉଥାଏ ଆମର ଗୋଡ଼ହାତ । ଏଠି ପାଣିର ସୁଅ ବେଶ୍ ଧୀର । ପାହାଡ଼ି ଝରଣାପରି ଏତେ ବେଗବତୀ ନୁହେଁ । ପାଣି ମଧ୍ୟ ସେତେ ଉଷୁମ ନହେଲେ ବି ବେଶ୍ ଆରାମଦାୟକ ଜଣାପଡୁଥିଲା । ଏତେ କ୍ଳାନ୍ତିପରେ ପାଣି ସଂସ୍ପର୍ଶରେ ଆସି ଆମେ ଉଭୟେ ଯଥେଷ୍ଟ ତାଜା ଅନୁଭବ କଲୁ । ଏତେ ଖୁସି ଲାଗିଲା ଯେ ଆମେ ପାଣି ଫୋପଡ଼ା ଫୋପଡ଼ି ହେଇ ସେଠି ଖେଳିବାକୁ ଲାଗିଲୁ । ଦଲଜିତ୍ ପାଣି ଭିତରେ ବୁଡ଼ାପହଁରା ଦେଇ ଯାଉଯାଉ ତା' ଲମ୍ବାବାଳରେ କଇଁନାଡ଼ ଛନ୍ଦି ହେଇଗଲା । ବିଚରା ହଇରାଣରେ ପଡ଼ିଗଲା ସେଥିପାଇଁ ।

ଏଇମିତି ପାଣିରେ ଚବର ଚବର ହଉ ହଉ ପନ୍ଦର ମିନିଟ ଖଣ୍ଡେ ବିତିଗଲା । ପାଣିଛଡ଼ା ଅନ୍ୟସବୁ କଥା ଆମେ ଭୁଲିଗଲୁ ପୂରାପୂରି । କୂଳକୁ ଉଠି ଦେଖିଲାବେଳକୁ ଆମ ଲୁଗାପଟା ଆଉ କିଛି ନାଇଁ । ଏ ଭିତରେ କିଏ ସବୁଯାକ ଚୋରେଇ ନେଇଚି । ଅଛି ବୋଇଲେ କେବଳ ଦଲ୍‌ଜିତ୍ ପଗଡ଼ିଟି । ଦୂରରୁ ବନ୍ଧ ଉପରେ ତିନୋଟି ଲେଙ୍ଗୁଟି ପିନ୍ଧା ପିଲା ଚାହିଁଥାଆନ୍ତି ଆମକୁ । ସେମାନଙ୍କ ଭିତରୁ ସବୁଠୁ ବଡ଼ପିଲାଟି ଧରିଥାଏ ଆମ ଲୁଗାପଟାତକ ।

ଦଲ୍‌ଜିତ୍ ହିନ୍ଦୀଭାଷାରେ କଅଁଳେଇ କହିଲା, "ଦୟାକରି ଆମ ଲୁଗାପଟା ଫେରେଇଦିଅ । ମୁଁ ଜାଣେ ତୁମେ ସବୁ ଭଲପିଲା । ସେଥିପାଇଁ ମୋ ପଗଡ଼ିଟାକୁ ଛାଡ଼ିଦେଇଛ । ହେଲେ, ମୁଣ୍ଡ ଛଡ଼ା ଆଉ କୋଉଠି ସେଟାକୁ ମୁଁ ପିନ୍ଧି ପାରିବିନି ।"

ତା' କଥା ଶୁଣି ପିଲା ତିନିଟା, ଓଲଟି ହସିଲେ ଫେଁ ଫେଁ ହେଇ । ତା'ପରେ ବିଲମାଳ ଭିତରଦେଇ ଧାଇଁବାକୁ ଲାଗିଲେ ସେମାନେ ।

ଦଲ୍‌ଜିତ୍ ପଛରୁ ଡାକ ଛାଡ଼ିଲା । "ହେଁ ! ଇଆଡ଼େ ଆସ ।" ମୁଁ କହିଲି, "ଚାଲ୍ ତା'ଙ୍କ ପଛରେ ଗୋଡ଼େଇବା ।"

ସେଇଟା ଥିଲା ଜୀବନ ମରଣର ସମସ୍ୟା ଆମପାଇଁ । ଦଲ୍‌ଜିତ୍ ଦେହରେ ପୋଷାକ ବୋଇଲେ, ଥିଲା କେବଳ ପଗଡ଼ି ଏବଂ ହାତର ଘଡ଼ି । ମୋ ଦେହରେ ସେତକ ବି ନଥିଲା । ନାଳକୂଳ ଡେଇଁ ପ୍ରାଣମୂର୍ଚ୍ଛା ଆମେ ଦଉଡ଼ିବାକୁ ଲାଗିଲୁ ସେ ଗାଉଁଲୀ ପିଲାଙ୍କ ପଛରେ । ମାତ୍ର, ସେମାନେ ବେଶ୍ ଆଗରୁ ଦଉଡ଼ିବା ଆରମ୍ଭ କରିଦେଲେ । ତା'ଛଡ଼ା ବିଲରେ ହିଡ଼ରାସ୍ତା ସହ ସେମାନେ ବେଶ୍ ଅଭ୍ୟସ୍ତ । ଆମେ ବିଲମାଳ ନ ଡେଉଁଣୁ ସେମାନେ ଖାଲଢିପ ପାରହେଇ ପଶିଗଲେ ଗାଆଁ ଭିତରେ । ଗାଆଁ ପାଖ ହଉ ହଉ ଗୋଟାଏ ଭଙ୍ଗା କାନ୍ଥ ସେପଟୁ ଆମ ଉପରେ ଢେଲା ପଥରମାନ ବୃଷ୍ଟି ହେଲା । ବାଧ୍ୟ ହୋଇ ଆମେ ପଛକୁ ହଟି ଠିଆ ହେଲୁ କିଛି ସମୟ ।

ମୁଁ କହିଲି, "ଏମିତି ନ କରି ଚାଲ ତାଙ୍କୁ ସାକୁଲେଇ ଅନୁରୋଧ କରିବା ।" ପାଟି ଦୁଇକଡ଼େ ହାତକୁ ଚୁଙ୍ଗାପରି କରି ମୁଁ ବଡ଼ ପାଟିରେ କହିଲି, "ଭାଇ, ଆମର ଆଉ କିଛି ଲୁଗାପଟା ନାହିଁ ପିନ୍ଧିବାକୁ । ଦୟାକରି ଆମ ଲୁଗାତକ ଫେରେଇ ଦିଅ ।" ମୋର ହିନ୍ଦୀ ଭଲ ହୁଏନା । ମାତ୍ର ବହୁତ ଚେଷ୍ଟାକରି ଭଲ ହିନ୍ଦୀଭାଷାରେ ତାଙ୍କୁ ମୁଁ ଏତକ କହିଲି ।

ଜବାବରେ ଆମ ଉପରେ ପୁଣି ଟେକା ବୃଷ୍ଟିହେଲା । ଗୋଟାଏ ଟେକା ଭାଇଁକିନା ଚାଲିଗଲା ମୋ' କାନପାଖ ଦେଇ ।

"ସେମାନେ ଏଠି ବୋଧେ ହିନ୍ଦୀ ଭାଷା କହନ୍ତିନି", କହିଲି ମୁଁ । "ଇଂରାଜିରେ କହିବି କି ? ମତେ ତ ଆଉ କୋଉ ଭାଷା ଆସେନା ।"

"ଇଂରେଜି ନୁହଁ । ଅଯଥାରେ ଆହୁରି ଗୁଡ଼ିଏ ପଥର ନହେଲେ ପୁଣି ବର୍ଷା ହବ । ବୋଧେ ସେମାନେ ଗୁଜୁରାଟୀ ଭାଷା କହନ୍ତି । କିନ୍ତୁ ମତେ ତ ସେ ଭାଷା ଜଣାନାଇଁ କିଛି ।"

ଏତିକିବେଳେ ବିଲମାଳ ଭିତରୁ ଜଣେ ଲୋକ କ'ଣ ସବୁ କହି କହି ଆମ ଆଡ଼କୁ ବାଡ଼ି ଉଞ୍ଚେଇ ଧାଇଁଲା ।

ଦଲ୍‌ଜିତ୍ ମତେ ପଚାରିଲା "ସେ ଲୋକଟା କ'ଣ କହୁଛି ?"

"ମୁଁ କେମିତି ଜାଣିବି ? ସେ ବୋଧେ ଚାହୁଁଛି ଆମେ ତା' ବିଲରେ ଠିଆ ନହୋଇ ବାହାରକୁ ଚାଲିଯିବାପାଇଁ ।"

"ଯା' ହେଇଯାଉ ପଛେ, ଲୁଗାପଟା ନନେଇ ଆମେ ଏଠୁ ମୋଟେ ଯିବାନି ।"

ମୁଁ କହିଲି, "ଆମକୁ ଯିବାକୁ ପଡ଼ିବ । ହେଇଦେଖ କୁକୁର ବି ଭୁକିଲେଣି ।"

ହଠାତ୍ ଦଳେ ଗାଉଁଲୀ କୁକୁର ଯୁଦ୍ଧ ଘୋଷଣା କଲାଭଳି ଭୁକି ଭୁକି ମାଡ଼ି ଆସିଲେ ଆମ ଆଡ଼କୁ । ଆଉ କି ସେଠି ଆମେ ରହୁ ! ଦଲ୍‌ଜିତ୍ ଆଉ ମୁଁ କାଳ ବିଳମ୍ବ ନକରି ଧାଇଁଲୁ ବିଲମାଳ ଭିତରକୁ । ଗୋଡ଼ମାନ ଟଳମଟଳ ହେଇ ଆମର ପଡୁଥାଏ ଏଠି ସେଠି । ଦେହରେ ଟୋପେ ବଳ ନଥାଏ । ପ୍ରାଣ ବିକଳରେ ଦଉଡ଼ି ଦଉଡ଼ି ସେଇ ନାଳ ଡ଼େଇଁ ସାରିଲା ପରେ ଯାଇ ଆମେ ନିଃଶ୍ୱାସ ନେଲୁ । ଗାଆଁ ଲୋକେ ଆଉ ଦଉଡୁ ନଥିଲେ ପଛରେ । ଗାଆଁ ପିଲାଙ୍କ ପଛରେ

ଲଢ଼େଇ କରିବାକୁ ଆମେ ସିନା ଧାଇଁଥିଲୁ, ହେଲେ ଆମେ ଦୁଇଜଣ ଥିଲୁ ପୂରାପୂରି ଲଙ୍ଗଳା ।

ନାଳ ଛାଡ଼ି ଆମେ ଗୋଟେ ଆମ୍ବ ତୋଟାରେ ଯାଇ ଆଶ୍ରୟ ନେଲୁ । ପୂରା ନିକାଞ୍ଚନ ଜାଗାଟିଏ । ସେଠି ଆମେ ସମ୍ପୂର୍ଣ୍ଣ ଏକୁଟିଆ ।

ଦଲ୍‌ଜିତ୍ ପଚାରିଲା, "ତା'ହେଲେ କ'ଣ କରିବା ଏବେ ?"

"ଆମେ ଚାଲିଚାଲି 'ଜାମ୍‌ନଗର' ଚାଲିଯିବା । ଏଠୁ ବେଶିଦୂର ହବନି ବୋଧେ ।" ମୁଁ କହିଲି ।

"ମାନେ' କିଛି ନ ପିନ୍ଧି ଆମେ ଯିବା ବୋଲି ତୁ' କହୁଛୁ ?"

"ତା' ନୁହଁ ଆଉ କ'ଣ ? ସେଥିପାଇଁ ଅନ୍ଧାର ହେବାଯାଏଁ ଆମକୁ ଅପେକ୍ଷା କରିବାକୁ ପଡ଼ିବ ।"

"ଆଉ ଯେତେବେଳେ ସକାଳ ହବ ?"

"ସେତେବେଳକୁ କିଛି ନା କିଛି ବାଟ ମିଳିଯିବ । ଆମେ ତୋ' ଘଡ଼ି ବିକି ଲୁଗାପଟା କିଣି ପକେଇବା ।"

"କିଛି ନ ପିନ୍ଧି ଗୋଟେ ଦୋକାନରେ ପଶି ଘଡ଼ି ବିକିବା କଥା ମୁଁ ମୋଟେ ଚିନ୍ତା କରିପାରୁନି ।" ମୁଁ ସାନ୍ତ୍ୱନା ଦେଲାଭଳି କହିଲି, "ଆରେ' ଆମେ ନିଜକୁ ସାଧୁ ବୋଲି ଛଳନା କରିବା । କିଛି ନହେଲେ କହିବା, ଆମେ ସାଧୁଙ୍କର ଚେଲା । ସେଇଟା ଗୋଟେ ଆଜିକାଲିକା ଫେଶନ । ସବୁଠୁ ଭଲ ସାଧୁମାନେ ଆଜିକାଲି ଲଙ୍ଗଳା ହେଇ ବୁଲୁଛନ୍ତି । ଏମିତି ବି ହେଇପାରେ ଯେ, ଆମକୁ କେହି ସାଧୁଭାବି, ରାତିକପାଇଁ ମାଗଣାରେ ଖାଇବା, ରହିବାର ସୁବିଧା ଦେଇପାରେ ।"

"ଆଉ ସକାଳୁ ଦେଖିଲାବେଳକୁ କ'ଣ ନା ଜାହାଜଟା ବନ୍ଦରରୁ ପଳେଇ ଗଲାଣି ।"

"ଆରେ', ସେକଥା ତ ମୁଁ ଭୁଲିଯାଇଚି ପୂରାପୂରି ।"

ଏଇମିତି ବସି ବସି ଆଗକୁ ଥିବା ସମସ୍ୟା କଥା ଆଲୋଚନା କରୁଛୁ । ଏତିକିବେଳେ ଦୁଇଜଣ ଲୋକଙ୍କୁ ଆମେ ଦେଖିଲୁ । ବୋଧହୁଏ ରେଳବାଇ କର୍ମଚାରୀ । ସେମାନେ ଆମ କଡ଼ ଦେଇ ନାଳ ଆଡ଼କୁ ଯାଉଥିଲେ । ଗାଆଁ ଲୋକଙ୍କ ଧୋତି କୁର୍ତ୍ତା ବଦଳରେ ସେମାନେ ପ୍ୟାଣ୍ଟ୍, ସାର୍ଟ ଓ ଯୋତାମୋଜା ପିନ୍ଧିଥିଲେ । ପହିଲେ ମୁଁ ଭାବିଥିଲି, ସେମାନେ ନାଳଆଡ଼କୁ ପାଣି ପିଇବାକୁ ଯାଉଚନ୍ତି । କିନ୍ତୁ ନା' । ନାଳକୂଳରେ ପହଞ୍ଚି ସେ ଦୁଇଜଣ ନିଜର ପ୍ୟାଣ୍ଟ ସାର୍ଟ ଉତାରିବାକୁ ଆରମ୍ଭ କଲେ । ଏକ ଅଜଣା ଆଶାରେ ଉତ୍‌ଫୁଲ୍ଲିତ ହୋଇ ମୁଁ ବସିପଡ଼ିଲି ଠୁଙ୍କାହେଇ ।

ଡରଡର ହେଇ କହିଲି, "ଦଲ୍‌ଜିତ୍, ସେ ଦୁଇଜଣଙ୍କୁ ଦେଖୁଛୁଟି ?"

"ହଁ, ମୁଁ ସବୁ ଦେଖି ପାରୁଚି ।" ମୋ କହିବାର ଉଦ୍ଦେଶ୍ୟ ବୁଝିଯାଇଥିଲା ସେତେବେଳକୁ । ସେ କହିଲା, "ରଞ୍ଜି, ଏଇ ଏକମାତ୍ର ହିଁ ସୁଯୋଗ । ଏଠି ଆଉ ଦୟାମାୟା କଲେ ଚଳିବନି, ଜାଣିଥା । ଆମ ପରି ଭଦ୍ରପିଲାଙ୍କ ପାଇଁ ଏ ସଂସାର ନୁହେଁ । ଆମକୁ ବାଟ ବଦଳେଇ ଏଠିକା ଲୋକଙ୍କ ଢଙ୍ଗରେ କାମ କରିବାକୁ ପଡ଼ିବ । ସେମାନେ ବଳେ ଗାଆଁବାଲାକୁ ଦୋଷ ଦେବେ ।

ତୁ' କିନ୍ତୁ ଧୀରେ ଧୀରେ ଯା' । ଚାଲ୍ ଆଢୁଆଳରେ ଦୁହେଁ ଛପିଯିବା । ସେମାନେ ଯେମିତି ଆମକୁ ଦେଖି ନପାରନ୍ତି !"

ହାତଗୋଡ଼ ଦେଇ ଗୁରୁଣ୍ଡି ଗୁରୁଣ୍ଡି, କଣ୍ଟାଝଟା ନମାନି ଦେହମୁଣ୍ଡ ଖଣ୍ଡିଆ ଖାବରା କରି ଆମେ ଚାଲିଲୁ ଝରଣା ଆଡ଼କୁ, ଯୋଉଠି ସେ ଦୁଇଜଣ ପାଣିରେ ପଶି ଗାଧୋଉ ଥାଆନ୍ତି । ଛୋଟ ପିଲାଙ୍କ ପରି ପାଣିରେ ଗୋଡ଼ହାତ ବାଡ଼େଇ ଶବ୍ଦକରି ଗାଧୋଉଥାନ୍ତି ସେମାନେ । (ଖୋଲା ଜାଗାରେ ଗାଧୋଇଲେ ବୋଧେ ସେମିତି ହେବାକୁ ଇଚ୍ଛା ହୁଏ ସମସ୍ତଙ୍କର । କାରଣ, ମୁଁ ଭାବେ ଏଇ ସମୟରେ ମଣିଷର ଆଦିମ ପ୍ରକୃତି ଖୁବ୍ ସହଜ ଏବଂ ସରଳ ରୀତିରେ ଜାଗେ ।) ଦୁଇଜଣଯାକ ଆମକୁ ଦେଖିପାରୁନଥାନ୍ତି କି ଶୁଣିପାରୁ ନଥାନ୍ତି । କେତେଗଜ ଦୂରରେ ଲୁଗାପଟାତକ ଅସ୍ତବ୍ୟସ୍ତ ହୋଇ ପଡ଼ିଥାଏ ।

ଦଲ୍‌ଜିତ୍ ଏତିକିବେଳେ ଫୁସ୍ ଫୁସ୍ କରି କହିଲା, "ମୁଁ ଯାଉଛି ସେଗୁଡ଼ା ନେଇ ଆସିବି । ମତେ ଯଦି ସେମାନେ ଦେଖିପକାନ୍ତି ତେବେ ତାଙ୍କର ଧାରଣା ହେବ ଯେ ମୁଁ ଗାଁ'ର କୋଉ ଗୋଟେ ଟୋକା । ମାତ୍ର ତତେ ଯଦି ଦେଖିଦେଲେ, ତେବେ କଥା ସରିଲା ।"

ବୁଦା ଉହାଡ଼ରୁ ଝଡ଼ଭଳି ଦଉଡ଼ିଯାଇ ସେ (ସ୍କୁଲରେ ଦଲ୍‌ଜିତ୍ ଯଦି ଏମିତି ଦଉଡ଼ି ପାରିଥାନ୍ତା, ତେବେ ଗୋଟେ ଭଲ ଖେଳୁଆଡ଼ ହେଇ ବାହାରିଥାନ୍ତା) ସବୁଯାକ ଲୁଗା ଦୁଇ ହାତରେ ସାଉଁଟି ଧରି ମୋ ପାଖକୁ ଫେରି ଆସିଲା ।

ମୁଁ କହିଲି, "ଚମତ୍କାର । ଯା'ହଉ ସେମାନେ ମୋତେ କିଛି ଦେଖିପାରିଲେନି ।"

ନିଜର ଲୁଗାପଟା ହଜିଯାଇଚି ବୋଲି ସେମାନେ ଜାଣିବା ପର୍ଯ୍ୟନ୍ତ ଆଉ ସେଠି ଅପେକ୍ଷା ନକରି, (ଅବଶ୍ୟ ଆମର ଇଚ୍ଛା ହଉଥିଲା ଟିକେ ଅଟିକିଯାଇ ମଜା ଦେଖିବାକୁ) ଆମେ ଧାଇଁଲୁ ଆମ୍ବତୋଟା ଆଡ଼କୁ ।

ରେଳ ଲାଇନ୍ ଡେ଼ଇଁ, ଗାଁ ପଡ଼ିଆର ପାର୍ ହେଇ ଆମେ ଗୋଟେ ପୁରୁଣା କୂଅ ପାଖରେ ଆସି ପହଞ୍ଚିଲୁ । ସେଇଠି ଗୋଟେ ବିଶାଳ ଏବଂ ପ୍ରାଚୀନ ବରଗଛର ଛାଇରେ ପିନ୍ଧି ପକେଇଲୁ ନୂଆ ପାଇଥିବା ଲୁଗାପଟାତକ । ସେଗୁଡ଼ା ସବୁ ଆମ ଦେହକୁ ଚାହିଁ, ଥିଲା ଢେର୍ ବଡ଼ ବଡ଼ ।

ଜାମ୍‌ନଗର

ପ୍ରାୟ ଦୁଇଘଣ୍ଟା ପରେ ଆମେ ପହଞ୍ଚିଗଲୁ ଜାମ୍‌ନଗରରେ । ଗୋଟିଏ ଛୋଟ ଚା' ଜଳଖିଆ ଦୋକାନ ଆଗରେ ଯାଇ ଠିଆହେଲୁ । ଲୋକମାନେ ସେଠି ଲଡୁ ଆଉ ଭେଲପୁରି ଖାଉଥାଆନ୍ତି । ଆମପାଖରେ ନଡ଼ିଆଟିଏ କିଣିବାକୁ ବି ପଇସା ନଥାଏ ।

ଜଳଖିଆ ଦୋକାନୀକୁ ମୁଁ ପଚାରିଲି, "ଭାଇ, ଏଠି ବନ୍ଦରଟା କୋଉଠି ?"

ସେ ଉତ୍ତର ଦେଲା, "ଏଠୁ ଦୁଇ ମାଇଲ୍ ଦୂରରେ ।"

ଏଥର ଟିକେ ସହଜ ହୋଇଯାଇ ମୁଁ ପୁଣି ପଚାରିଲି, "ଆଚ୍ଛା ବନ୍ଦରରେ କିଛି ଜାହାଜ ଫାହାଜ ଅଛି କି ?"

"ତୁମକୁ ଜାହାଜରୁ କ'ଣ ମିଳିବ ?"

"ଜାହାଜରେ କ'ଣ କାମଥାଏ ଲୋକଙ୍କର, ଜାଣିନ ?"

"ଆଚ୍ଛା, ଆଚ୍ଛା, ସେଠି ମାତ୍ର ଗୋଟିଏ ଜାହାଜ ଅଛି । ସେଇଟା ଆଜି ହିଁ ବନ୍ଦର ଛାଡ଼ିବ । ଯଦି ତୁମର ସେଥିରେ ଯିବାର ଥାଏ, ତେବେ ଶୀଘ୍ର ଯାଅ ।"

ଦଲ୍‌ଜିତ୍ କହିଲା, "ଚାଲ୍ ବେଗି ।"

ସାମ୍‌ନାରେ କାଛକୁ ଆଉଜି ଠିଆହେଇଥିବା ଜଣେ ଯୁବକ ଆମକୁ ଦେଖେଇ କହିଲା, "ଟିକେ ଶୁଣ । ଏଠୁ ସେ ଜାଗାକୁ ଚାଲି ଚାଲି ଗଲେ ପ୍ରାୟ ଘଣ୍ଟାଏ ଖଣ୍ଡେ ଲାଗିଯିବ । ମତେ ଯଦି କହିବ, ତେବେ ମୁଁ ତୁମକୁ ମୋ ଗାଡ଼ିରେ ନେଇଯିବି ।" ଏତିକି କହି ସେ ଅଳ୍ପଦୂରରେ ଠିଆହେଇଥିବା ଦଦରା, ମଇଳା ଘୋଡ଼ାଗାଡ଼ି ଆଡ଼କୁ ଠାରିଲା । ଘୋଡ଼ାଟି କୁଆଡ଼କୁ ଯିବା ଅବସ୍ଥାରେ ନଥାଏ ମୋଟେ । ଆମ ମୁହଁକୁ ଚାହିଁସାରି, ଯୁବକଟି କହିଲା "ମୋ ଘୋଡ଼ୀ ଖୁବ୍ ବେଗରେ ଯାଇପାରେ । ଏମିତି ସିନା ଦେଖାଯାଉଚି, ହେଲେ ଦଉଡ଼ିଲା ବେଳେ ସେ ଗୋଟେ ଚମ୍ପିଅନ୍ ପରି ଦଉଡ଼େ । ଯାଅ, ଶୀଘ୍ର ଯାଇ ଗାଡ଼ିରେ ବସ । ମୁଁ ମାତ୍ର ଗୋଟିଏ ଟଙ୍କା ତୁମଠୁ ଭଡ଼ା ବାବଦକୁ ନେବି ।"

ମୁଁ କହିଲି, "ଆମ ପାଖରେ ପଇସାଟିଏ ବି ନାହିଁ । ଆମେ ଚାଲି ଚାଲି ଯିବୁ ।"

"ତା' ହେଲେ ଆଠଅଣା ଦିଅ ।" ସେ କହିଲା । "ଆଠଅଣା ପଇସା ଆଉ ଗୋଟେ କପ୍

ଚା’ । ଭାଇମାନେ, ଉଠିଆସ ଉପରକୁ ।”

ଦଲ୍‌ଜିତ୍ କହିଲା, “ଠିକ୍ ଅଛି । ଆଉ ବେଳନାହିଁ ଡେରି କରିବାକୁ । ତମେ ଆଠଅଣା ନବ ଆଉ ନିଜ ଚା’ ନିଜେ କିଣି ପିଇବ ।”

ଗାଡ଼ି ଭିତରକୁ ଡ଼େଇଁ ପଡ଼ିଲୁ ଆମେ । ଯୁବକଟି ଗାଡ଼ି ଆଗରେ ବସିପଡ଼ି ଚାବୁକ୍ ପାହାର ଦେଇ ଯାତ୍ରା ଆରମ୍ଭ କରିଦେଲା । ଘୋଡ଼ାଟି ଝୁଙ୍କିପଡ଼ିଲା ଆଗକୁ । ଗାଡ଼ିର ଚକ କେଁ କଟର ରଡ଼ିକରି ବଜାର ରାସ୍ତାରେ ମାଡ଼ି ଚାଲିଲା ଆଗକୁ ।

“ତୋ’ ପାଖରେ ଆଠଅଣା ଥିଲାବୋଲି ମୁଁ ତ ଜାଣିନଥିଲି ?” ପଚାରିଲି ମୁଁ ଦଲ୍‌ଜିତ୍‌କୁ ।

ସେ କହିଲା “ସତକୁ ସତ ମୋ ପାଖରେ ନାହିଁ । ହେଲେ ସେ ପଛ କଥା । ସେଠି ପହଞ୍ଚିଗଲା ପରେ, ତୋ କକା ପଇସାଟା ଦେଇଦେବେନି !”

ଆମେ ସହର ଛାଡ଼ି ଯେମିତି ଖୋଲା ରାସ୍ତାକୁ ଆସିଚୁ, ତେଣିକି ଘୋଡ଼ାଟା ଜୋରରେ ଦଉଡ଼ିବାକୁ ଆରମ୍ଭ କଲା । ସେ ବିଚରା ନ ଦଉଡ଼ି ଆଉ କ’ଣ ବା କରନ୍ତା । ରାସ୍ତାଟା ତ ଗଡ଼ାଣିଆ । ମୋ ବାଳ ଫରଫର ଉଡ଼ି ବାରମ୍ବାର ଆସି ଆଖିରେ ପଡୁଥାଏ । ସମୁଦ୍ରର ଲୁଣା ଗନ୍ଧ ବାରି ହୋଇଯାଉଥାଏ ପବନରୁ ।

ଉତ୍ତେଜିତ ହେଇ ଦଲଜିତ୍ ହଲେଇ ପକେଇଲା ମତେ ।

“ଆଉ ଟିକିଏ ପରେ ଆମେ ବନ୍ଦରରେ ପହଞ୍ଚିଯିବା । ତା’ପରେ ସେଇଠୁ ଆରମ୍ଭ ହେଇଯିବ ଆମର ଯାତ୍ରା-ଦୂରରୁ ଦୂରକୁ ।” କହିଲା ସେ ।

ଗାଡ଼ି ଚାଳକଟି କ’ଣ ସବୁ ଗେଲେଇ ଗେଲେଇ କହୁଥାଏ ତା’ର ଘୋଡ଼ାକୁ । ସମୁଦ୍ରର ଖିଲ୍ ଖିଲ୍ ପବନ ଏବଂ ଗାଡ଼ିର ଗତିରେ ଆହ୍ଲାଦିତ ହେଇ କ’ଣ ଗୋଟେ ଗୀତ ଗାଇବାକୁ ଆରମ୍ଭ କରିଦେଲା ସେ । ରାସ୍ତାରେ ଆମେ ଯେମିତି ଗୋଟାଏ ବାଙ୍କ ମୋଡ଼ିଚୁ । ଏଥର ସମୁଦ୍ରର କୂଳ ଦେଖାଗଲା ଆମକୁ । ସେଠି କୂଳପାଖରେ ଅନେକ ଛୋଟ ଛୋଟ ପାଲଟଣା ଡଙ୍ଗା ଭାସୁଥାଆନ୍ତି । ଆଉ କେତେକ ମାଛଧରା ଡଙ୍ଗା ବାଲିରେ ଥୁଆହୋଇଥାଆନ୍ତି ଆସି । ନୋଳିଆମାନେ ସେମାନଙ୍କର ଜାଲସବୁ ଏଠି ସେଠି ଶୁଖେଇବାରେ ବ୍ୟସ୍ତ । ତାଙ୍କ ପିଲାପିଚିକା ଲଙ୍ଗଳାହେଇ ଡେଉଁଥାଆନ୍ତି ଫେଣ ଫେଣ ସମୁଦ୍ରପାଣିରେ । ଅଳ୍ପ ଦୂରରେ ସମୁଦ୍ର ଭିତରେ ଠିଆ ହୋଇଥାଏ ଗୋଟେ ଛୋଟ ଜାହାଜ । ଏତେ ଦୂରରୁ ତା’ର ନାଆଁ ପଢ଼ି ପାରୁନଥିଲେ ମଧ୍ୟ, ମୁଁ ଦୃଢ଼-ନିଶ୍ଚିତ ଥିଲି ଯେ ସେ ଜାହାଜଟି ଥିଲା “ଲୁସି” ।

ସମୁଦ୍ର କୂଳରେ ତିଆରି ହେଇଥିବା ବନ୍ଧ ପାଖରେ ଯାଇ ଘୋଡ଼ାଗାଡ଼ିଟି ରହିଲା । ସାଙ୍ଗେ ସାଙ୍ଗେ ଆମେ ଗାଡ଼ିରୁ ଡ଼େଇଁପଡ଼ି ସେଇ କାଠ ବନ୍ଧରେ ବନ୍ଧରେ ଧାଇଁବାକୁ ଆରମ୍ଭ କଲୁ । କିନ୍ତୁ ଆମେ ଦଉଡ଼ିବା ସହ ଦେଖିପାରୁଥିଲୁଯେ ଜାହାଜଟି କୂଳଛାଡ଼ି ଧୀରେ ଧୀରେ ସମୁଦ୍ର ଭିତରକୁ ପଶିବାକୁ ଆରମ୍ଭ କରୁଛି । ପଛରୁ ତାର ଘୂରୁଥିବା କଳଯୋଗୁଁ ଛୋଟଛୋଟ ଢେଉମାନ ଉଠି ମାଡ଼ ହଉଛି ଆସି ବନ୍ଧ ଦେହରେ ।

ମୁଁ ବିକଳରେ ପାଟିକରି ଉଠିଲି, “କ୍ୟାପ୍‌ଟେନ୍ ! ଜିମ୍ କକା ! ଆମପାଇଁ ଟିକେ ରୁହ !”

ହେଲେ କେହି ଉତ୍ତର ଦେଲେନି । ଜାହାଜ ଚାଲିବାଯୋଗୁଁ ତରଙ୍ଗିଯାଇ ମୁଣ୍ଡ ଉପରେ ଉଡ଼ିବୁଲୁଥିବା ସମୁଦ୍ର ଚଢ଼େଇଗୁଡ଼ାକ ସତେଯେମିତି ମୋ ଚିତ୍କାର ସହ ତାଳ ମିଳାଇ କହି ବୁଲୁଥିଲେ, "କ୍ୟାପ୍‌ଟେନ୍ ! କ୍ୟାପ୍‌ଟେନ୍ !"

ବେଗ ବଢ଼େଇ କ୍ରମେ କ୍ରମେ ଜାହାଜଟି ଚାଲିଯାଉଥିଲା ଦୂରକୁ । ତଥାପି ଗଳା ଫଟାଇ ମୁଁ ଚିତ୍କାର କରୁଥିଲି ଅନୁନୟ କଲାଭଳି ।

ୟୋକୋହାମା, ସାନ୍ ଡିଏଗୋ, ଭାଲ୍‌ପାରିସୋ, ଲଣ୍ଡନ୍ । ସବୁ ଚିରଦିନ ପାଇଁ ଖସିଯାଉଥିଲେ ମୋ ହାତମୁଠାରୁ ।

କାଠର ବନ୍ଧ ଉପରେ ଆମେ ଠିଆ ହୋଇଥାଉ ସେମିତି । ବେଳ ବୁଡ଼ି ଆସୁଥାଏ । ମୁଣ୍ଡ ଉପରେ ସାମୁଦ୍ରିକ ଚଢ଼େଇମାନଙ୍କର କିଚିରି ମିଚିରି ଉପହାସ । ଏତିକିବେଳେ ଜିମ୍ କକାଙ୍କ ଗୋଟିଏ ଚିଠିର ଏକ ଧାଡ଼ି ମନେପଡ଼ିଗଲା ମୋର । "ପ୍ରଥମେ ଆଡେନ୍‌ରେ ପହଞ୍ଚିବ, ତାପରେ ସୁଏଜ୍ କେନାଲର ଉପରମୁଣ୍ଡକୁ ଗତି କରିବ.... ।" ଅଥଚ ମୋର ବର୍ତ୍ତମାନର ବାସ୍ତବତା ସମ୍ପୂର୍ଣ୍ଣ ଅଲଗା । ଦୀର୍ଘପଥ ଫେରିବାକୁ ପଡ଼ିବ ଏବେ । ଗୁରୁଜନମାନଙ୍କର ଗାଳିଗୁଲଜ ଶୁଣିବାକୁ ପଡ଼ିବ । ପୁଣି ସେଇ ସ୍କୁଲ, ସେଇ ବିରକ୍ତି ।

ଚୁପ୍ ହେଇଯାଇଥିଲା ଦଲ୍‌ଜିତ୍ । ମୁହଁ ଉଠେଇ ଯେତେବେଳେ ତାକୁ ଚାହିଁଲି, ମୁହଁରେ ତା'ର ହସ ଦେଖି ବଡ଼ ଆଶ୍ଚର୍ଯ୍ୟ ଲାଗିଲା ମତେ । ତିଳେ ବି ଅନୁଶୋଚନା ନଥିଲା ତା' ମନରେ ।

"ଆମେ ଅନେକ ବିଳମ୍ବରେ ଆସି ପହଞ୍ଚିଲେ ।" ଟିପ୍‌ପଣୀ କଲା ସେ । "ଶହଶହ ମାଇଲ୍ ଡେଇଁ ଆମେ ଆସିଲେ, ମାତ୍ର ପାଞ୍ଚମିନିଟ୍ ବିଳମ୍ବ ଯୋଗୁଁ ସବୁ ବିଭ୍ରାଟ ହେଇଗଲା ।"

"ମନଦୁଃଖ କରନା । ସବୁକଥା ଆମର କିଛି ଅଯଥାରେ ଯାଇନି । ଆମେ ଯୋଉ ଯୋଜନା କରିଥିଲେ ଆମର ଯେତେ ସବୁ ସ୍ୱପ୍ନ !"

"ସ୍ୱପ୍ନ ଦେଖିବାରେ ଦୋଷ କ'ଣ ?"

"କିଛି ନାହିଁ । ସେସବୁ ସତ ହେବାଯାଏଁ ଆମେ ସେମିତି ସ୍ୱପ୍ନ ଦେଖୁଥିବା । ଏବେ ସ୍କୁଲକୁ ଫେରି ଆଉ ଅନ୍ୟ ପ୍ରକାରର ସ୍ୱପ୍ନ ଦେଖିବାକୁ ଆମକୁ ସୁଯୋଗ ମିଳିବ ।"

"ଆରେ ଦଲ୍‌ଜିତ୍, ମୁଁ ତ ଜାଣିନଥିଲି ତୁ ଗୋଟେ ଏତେବଡ଼ ଭାବୁକ ବୋଲି ?" ତୁ' କ'ଣ ଭାବୁଚୁ ଆମେ ପୁଣି ସ୍କୁଲକୁ ଫେରି ପାରିବା ? ତୁ ତୋ ହାତଘଣ୍ଟାଟିକୁ ବିକିଲେ ବି, ସେତକ ସେଥିପାଇଁ ଯଥେଷ୍ଟ ହେବନି । ମତେ ସତରେ ଚିଡ଼ା ଲାଗିଲାଣି । ମୁଁ କୁଆଡ଼କୁ ଆଉ ଯିବାକୁ ଚାହେଁନା । ମୁଁ ଏଇଠି ବନ୍ଧ ଉପରେ ବସି ରହିବି ଜିମ୍ କକା ଫେରିବା ଯାଏଁ ।

"ଏମିତି କେତେଦିନ ଧରି ଅପେକ୍ଷା କରିବୁ ତୁ ?"

"ବର୍ଷେ କିମ୍ବା ଦି ବର୍ଷ", ହସି ହସି ମୁଁ କହିଲି ।

ଦଲ୍‌ଜିତ୍ ଆଶ୍ୱାସନା ଦେବା ଢଙ୍ଗରେ କହିଲା, "ଫେରିବା ବିଷୟରେ ତୁ ମୋଟେ ଚିନ୍ତା କରନା । ଆମେ ଯେତେବେଳେ ଲୁଚିକରି ଆସିଥିଲେ ସେତେବେଳେ ସିନା କେହି ଜାଣିନଥିଲେ, ଏବେ ତ ସମସ୍ତେ ଜାଣିଯିବେଣି ଏକଥା । ଆଉ ଲୁଚେଇ ଲାଭ କ'ଣ ? ଚାଲ୍ ଏ ହାତଘଣ୍ଟାଟାକୁ

ବିକିଦବା । ସେଇ ପଇସାରୁ ଗାଡ଼ିବାଲାର ପାଉଣା ଦେଇ ଗୋଟେ ଟେଲିଗ୍ରାମ ପଠେଇ ଦବା ।"

"କ'ଣ ହେଡମାଷ୍ଟରଙ୍କ ପାଖକୁ ?"

"ନାଁ । ବମ୍ବେରେ ରହୁଥିବା ମୋର ଜଣେ କକାଙ୍କ ପାଖକୁ । ସେ ଆସି ତାଙ୍କ କାର୍‌ରେ ଆମକୁ ଏଠୁ ନେଇଯିବେ । ସେଇ କାର୍‌ରେ ଆମକୁ ସେ ସ୍କୁଲରେ ନେଇ ଛାଡ଼ିଦେଇ ଆସିବେ । ଏଥରକ ଆମର ଫେରିବାଟା ଆଉ ବାଧିବନି । ବାଟଯାକ କୁକୁଡ଼ାମାଂସ ଏବଂ ଆଇସ୍‌କ୍ରିମ୍ ଖାଇଖାଇ ଯିବା । କିଛିଦିନ ମଜାରେ କଟିଯିବ ଆମର ।"

ମୁଁ ଅନେକ ପରେ କହିଲି, "ହଉ । ଫେରି ପହଞ୍ଚିବାପରେ କିନ୍ତୁ ଆମର ସବୁ ମଜା ଛାଡ଼ିଯିବ ।"

ଘୋଡ଼ାଗାଡ଼ି ପାଖକୁ ଚାଲିଚାଲି ଫେରିଲାବେଳେ ମୁଁ ଆଉ ବେଶିକିଛି କହିଲିନି । ମୋ ଭାବନା ଲମ୍ବିଥାଏ କାହିଁ କେତେ ଦୂରକୁ । ମୁଁ ମନକୁ ମନ ଭାବୁଥାଏ ଯେ ଆସନ୍ତାବର୍ଷ କେବେନା କେବେ ଜିମ୍ କକା 'ଲୁସି' ଜାହାଜରେ ନିଶ୍ଚୟ ଫେରିବେ । ସେତେବେଳେ ମୁଁ ଆଉ ଏମିତି ଭୁଲ୍ କରିବିନି । ବନ୍ଦର ଛାଡ଼ିବାର ଅନେକ ପୂର୍ବରୁ ମୁଁ ଜାହାଜରେ ବସି ସାରିଥିବି ।

ସେଇଥିପାଇଁ ମୁଁ କ୍ଷଣେ ଅଟକି ଗଲି । ମୁହଁ ବୁଲେଇ ସମୁଦ୍ରର ମଝିକୁ ଚାହିଁ ରହିଲି ଶେଷଥର ପାଇଁ । ଦିଗନ୍ତ ବିସ୍ତାରି ନୀଳ ଦରିଆର ଛାତିରେ ଜିମ୍ କକାଙ୍କ ଜାହାଜଟି ଦିଶୁଥାଏ ଖୁବ୍ ଛୋଟ ।

ଏ ବର୍ଷ, ନ ହେଲେ ଆରବର୍ଷ, ନ ହେଲେ କେବେନା କେବେ...... ୟୋକୋହାମା, ଭାଲ୍‌ପାରିସୋ, ସାନ୍ ଡିଏଗୋ, ଲଣ୍ଡନ୍...... ।

Printed at Beauty Print, Paharganj, New Delhi-55 • Tel 525723